# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଫେବୃୟାରୀ ୧୭/୨୦୨୧ (୧୬ ପୃଷ୍ଠା) | Balasore, Wednesday, February 17/2021 | ★★★★

୪୭ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






**ପଦାର୍ପଣରେ ଅକ୍ଷରଙ୍କୁ ୫ ଉଇକେଟ**

ଭାରତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡକୁ ୩୧୭ ରନରେ ହରାଇଥିବାବେଳେ ପଦାର୍ପଣ ମ୍ୟାଚରେ ୫ ଉଇକେଟ ସଫଳତା ପାଇଛନ୍ତି ଅକ୍ଷର ପଟେଲ। ୧୨

୧୪ **ଟ୍ରୋଲ୍ ହେଲେ କ୍ୟାଟ୍ରିନା**

ବଲିଉଡ୍ ବିୟୁଟି କ୍ୟାଟ୍ରିନା କୈଫ ଇନଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିବା ପରେ ଟ୍ରୋଲ୍ ହୋଇଛନ୍ତି। ସେ ନାଳ ରଙ୍ଗର ସ୍ୱେଟର ସହ ଜିନ୍ସ ପିନ୍ଧିଥିବା ଦେଖାଯାଇଛି।

# 'ଆଶାର ସହର ରାଉରକେଲା'

## ■ ଦେଶର ବୃହତ୍ ହକି ଷ୍ଟାଡିୟମର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ■ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ




ରାଉରକେଲାରେ ଦେଶର ବୃହତ୍ ହକି ଷ୍ଟାଡିୟମର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର (ବ୍ୟୁରୋ)/ରାଉରକେଲା ଅଫିସ/ସୁନ୍ଦରଗଡ଼(ଡି.ଏନ୍.ଏ.),୧୬।୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ପୁରୁଷ ବିଶ୍ୱକପ୍ ହକି ପାଇଁ ପ୍ରସ୍ତୁତିର ଶୁଭାରମ୍ଭ କରିଛନ୍ତି। ମଙ୍ଗଳବାର ଦିନିକିଆ ସୁନ୍ଦରଗଡ଼ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ରାଉରକେଲା ଠାରେ ଉକ୍ତ ଅନ୍ତର୍ଜାତୀୟମାନର ଷ୍ଟାଡିୟମ୍‌ର ଶିଳାନ୍ୟାସ କରିଛନ୍ତି। ୧୫ ଏକର ଜମିରେ ୨୦ ହଜାର ଜନସାଧାରଣ ଏକତ୍ର ବସିପାରିଲା ଭଳି ଏହି ବୃହତ୍ ଷ୍ଟାଡିୟମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ଦେଶର ସବୁଠାରୁ ବଡ଼ ହକି ଷ୍ଟାଡିୟମ ହେବ। ଏହି ଷ୍ଟାଡିୟମ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରେରଣା ସୃଷ୍ଟି କରିବା ସହିତ ବଡ଼ ବଡ଼ ସ୍ୱପ୍ନ ଦେଖିବା ଓ କାମ କରିବା ପାଇଁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ସେ ଜିଲା ପାଇଁ ୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ୪୫ରେ ରାଉରକେଲା ବିମାନବନ୍ଦରରେ ଓହ୍ଲାଇଥିଲେ। ସେଠାରୁ ସେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ଆୟୋଜିତ ସଭାସ୍ଥଳକୁ ଯାଇଥିଲେ। ଉକ୍ତ ସଭାରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ଦେଇ ରାଉରକେଲା ସହିତ ବିଜୁବାବୁଙ୍କ ସମ୍ପର୍କ ବିଷୟରେ ସ୍ମରଣ କରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟଠାରୁ ଆରମ୍ଭ କରି ଏନ୍‌ଆଇଟି ପର୍ଯ୍ୟନ୍ତ ସବୁଥିରେ ବିଜୁବାବୁଙ୍କ ସ୍ମୃତି ଭରିରହିଛି ବୋଲି କହିଥିଲେ। ରାଉରକେଲାକୁ ଆଶାର ସହର ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ, କେବଳ ଓଡ଼ିଶା ନୁହେଁ, ଆଖପାଖ ରାଜ୍ୟର ଲୋକମାନେ ମଧ୍ୟ ଜୀବିକା ପାଇଁ ରାଉରକେଲା ଆସିଥାନ୍ତି। ସାରା ଓଡ଼ିଶାର ବିକାଶରେ ରାଉରକେଲାର ଅବଦାନ ଅତୁଳନୀୟ। ଦେଶରେ ସ୍ମାର୍ଟ ସିଟି ତାଲିକାରେ ରାଉରକେଲା ଦ୍ୱିତୀୟ ସ୍ଥାନ ପାଇଛି। ଏହା ଆମ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିକାଶ କାମରେ ସହଯୋଗ ପାଇଁ ସୁନ୍ଦରଗଡ଼ ଜିଲାର ମିଶନ ଶକ୍ତି ମା'ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ବାଲିଶଙ୍କରାର ଜୟନ୍ତୀ ଏକ୍କା ଭୁବନେଶ୍ୱର ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ତାଙ୍କର ଦକ୍ଷତା ପ୍ରତିପାଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ☞ପୃଷ୍ଠା-୪

■ ସୁନ୍ଦରଗଡ଼ ପାଇଁ ୫ ହଜାର କୋଟିର ପ୍ରକଳ୍ପ
■ ହୋ, ମୁଣ୍ଡାରି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ ଉଦ୍ୟମ ଜାରି ରହିବ: ମୁଖ୍ୟମନ୍ତ୍ରୀ



## କିରଣ ବେଦୀ ବିଦା

### ତେଲଙ୍ଗାନା ରାଜ୍ୟପାଳଙ୍କୁ ପୁଡୁଚେରୀର ଅତିରିକ୍ତ ଦାୟିତ୍ୱ



କିରଣ ବେଦୀ

**ନୂଆଦିଲ୍ଲୀ, ୧୬।୨:** ପୁଡୁଚେରୀରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି, କେନ୍ଦ୍ରଶାସିତ ଅଞ୍ଚଳର ରାଜନୈତିକ ଘଟଣାକ୍ରମ ସେତିକି ବଦଳିବାରେ ଲାଗିଛି। ଜଣେ ପରେ ଜଣେ କଂଗ୍ରେସ ବିଧାୟକଙ୍କ ଇସ୍ତଫା ଭି. ନାରାୟଣସ୍ୱାମୀ ସରକାରଙ୍କୁ ସଂଖ୍ୟାଲଘୁ କରିଦେଇଥିବାବେଳେ ପୁଡୁଚେରୀକୁ ସମ୍ଭାଳିପାରୁ ନ ଥିବା ଉପରାଜ୍ୟପାଳ (ଏଲ୍‌ଜି) କିରଣ ବେଦୀଙ୍କୁ ବିଦା କରାଯାଇଛି। ପୂର୍ବତନ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ କିରଣ ବେଦୀ ଭାଜପାରେ ଯୋଗଦେଇ ପୁଡୁଚେରୀ ଏଲ୍‌ଜି ରୂପେ ନିଯୁକ୍ତି ପାଇବା ପରଠାରୁ ବିବାଦରେ ରହିଆସିଛନ୍ତି। ତାଙ୍କୁ ବରଖାସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଦାବି କରିଆସୁଥିଲେ। ତେବେ ମଙ୍ଗଳବାର ରାତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କିରଣ ବେଦୀଙ୍କୁ ଉପରାଜ୍ୟପାଳ ପଦରୁ ବିଦା କରିଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ☞ପୃଷ୍ଠା-୪

## ୧୯ ବର୍ଷ ପରେ ଗୋଧ୍ରା ଦଙ୍ଗା ମୁଖ୍ୟ ଅଭିଯୁକ୍ତ ଗିରଫ

**ଭଦୋଦରା, ୧୬।୨:** ଗୁଜରାଟର ପଞ୍ଚମହଲ ଜିଲା ଗୋଧ୍ରା ରେଳ ଷ୍ଟେଶନରେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇବା ସହ ଦଙ୍ଗା ଭିଆଇଥିବା ରଫିକ୍ ହୁସେନ ଭଟୁକଙ୍କୁ ପୋଲିସ ଗିରଫ କରିଛି। ୨୦୦୨ରେ ଏହି ଘଟଣାରେ ୫୯ କରସେବକଙ୍କ ମୃତ୍ୟୁ ଘଟିଥିଲା। ଫେରାର ଥିବା ରଫିକ୍‌ଙ୍କୁ ଗୋଧ୍ରା ସହରରୁ ଗିରଫ କରାଯାଇଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ପଞ୍ଚମହଲ ପୋଲିସର ସ୍ପେଶିଆଲ ଅପରେଶନ ଗ୍ରୁପ୍(ଏସ୍‌ଓଜି) ଏବଂ ଗୋଧ୍ରା ଟାଉନ ପୋଲିସ ସହରରେ ଥିବା ଏକ ଘରେ ଚଢ଼ାଉ କରିଥିଲା। ରୋଜଗାର ପାଇଁ ଭଟୁକ୍ ଫଳ ବିକୁଥିଲେ ବୋଲି ପୋଲିସ କହିଛି। ୨୦୦୨ ଫେବୃୟାରୀ ୨୭ରେ ସାବରମତି ଏକ୍ସପ୍ରେସର ଏସ୍-୬ କୋଚ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଏହି ଟ୍ରେନ୍‌ରେ ରାମମନ୍ଦିର ନିର୍ମାଣ ନିମନ୍ତେ ଅଯୋଧ୍ୟାର ଏକ କାର୍ଯ୍ୟକ୍ରମରୁ ଫେରୁଥିବା ୫୯ କରସେବକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଗୁଜରାଟରେ ସାମ୍ପ୍ରଦାୟିକ ଦଙ୍ଗା ବ୍ୟାପିଥିଲା। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବ୍ୟବସ୍ଥା ଭଗବାନ ନୁହେଁ


## ମୃତଦେହରେ କେମିକାଲ ବ୍ୟବହାର ପ୍ରମାଣ ମିଳିନି

**ପରୀ ହତ୍ୟା ମାମଲା**

■ ଚିଲ୍‌ଡ୍ରେନ କୋର୍ଟରେ ୪୮୨ ପୃଷ୍ଠାର ଚାର୍ଜଶିଟ ଦାଖଲ କଲା ଏସ୍‌ଆଇଟି
■ ସାକ୍ଷୀ ତାଲିକାରେ ୭୨

**ନୟାଗଡ଼ ଅଫିସ,୧୬।୨**

ବହୁଚର୍ଚ୍ଚିତ ନୟାଗଡ଼ ଯଦୁପୁରର ୫ବର୍ଷୀୟା ଶିଶୁପରୀ ହତ୍ୟା ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ସୋମବାର ୪୮୨ପୃଷ୍ଠାର ଚାର୍ଜଶିଟ୍ ସ୍ଥାନୀୟ ଚିଲ୍‌ଡ୍ରେନ କୋର୍ଟରେ ଦାଖଲ କରିଛି। ଏଥିରେ ଏସ୍‌ଆଇଟି ୭୨ଜଣଙ୍କୁ ସାକ୍ଷୀ ଭାବେ ନେଇଛି। ପରୀ ମୃତଦେହରେ କୌଣସି କେମିକାଲ ବ୍ୟବହାର ହେବାର ପ୍ରମାଣ ମିଳୁନାହିଁ। ମୃତଦେହ ଠାବ ହେବାବେଳେ ଏହା ନଷ୍ଟ ହେବା ସ୍ଥିତିକୁ ଆସିଥିଲା। ଏଭଳିସ୍ଥିତିରେ ଶରୀରରୁ କୌଣସି ଅଙ୍ଗ ଗାଏବ ହୋଇଛି କି ନାହିଁ ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ । ଏପରି କି ପରୀ ଫ୍ରକ୍‌ରୁ ପୁରୁଷର ସିମେନ ଦାଗ ମିଳିଥିବା ଜଣାପଡ଼ିଛି। ପୋଷ୍ଟମର୍ଟମ ରିପୋର୍ଟ, ଷ୍ଟେଟ ଫୋରେନ୍ସିକ ଲାବୋରେଟୋରିର ବିଶେଷଜ୍ଞଙ୍କ ରିପୋର୍ଟ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଆଧାର କରି ଏସ୍‌ଆଇଟି ଚାର୍ଜଶିଟ ଦାଖଲ କରିଥିବା ଜଣାପଡ଼ିଛି।

ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପରୀ ବଳାତ୍କାର ଓ ହତ୍ୟା ମାମଲାରେ ନାବାଳକ କଲେଜ ଛାତ୍ରଙ୍କ ସମ୍ପୃକ୍ତି ରହିଛି ବୋଲି ଏସ୍‌ଆଇଟି ପ୍ରମାଣ ପାଇଥିବାନେଇ ଚାର୍ଜଶିଟରେ ଉଲ୍ଲେଖ କରିଛି। ନାବାଳକ ବାରମ୍ବାର କଥା ବଦଳାଇବା ସହ ମିଛ କହିଛନ୍ତି। ପୀଡ଼ିତାଙ୍କ ଘରକୁ ସେ ଏକାଧିକ ଥର ଯାଇଛନ୍ତି। ପରୀର ଘର ପାଖରେ ନାବାଳକଙ୍କ ଗୃହ ଥିବାରୁ ବଳାତ୍କାର ଓ ହତ୍ୟା କରିବା ସହଜ ହୋଇଛି। ନାବାଳକଙ୍କ ମାନସିକ ସ୍ଥିତିକୁ ଅଧ୍ୟୟନ କରିବା ପାଇଁ ଜଣେ ବିଶେଷଜ୍ଞ କାଉନସେଲିଂ ପାଇଁ ନିୟୋଜିତ ହୋଇଥିଲେ। ବିଶେଷଜ୍ଞଙ୍କ ସୂଚନା ଅନୁସାରେ ୨୦୨୦ ଜୁଲାଇ ୧୪ରେ ବଳାତ୍କାର ପରେ ତଣ୍ଟି ଚିପି ଶିଶୁକନ୍ୟାଙ୍କୁ ହତ୍ୟା କରିଥିବା ନାବାଳକ ସ୍ୱୀକାର କରିଛନ୍ତି। ହତ୍ୟା ପୂର୍ବ ରାତିରେ ଭଉଣୀ ମୋବାଇଲରେ ଅଶ୍ଳୀଳ ☞ପୃଷ୍ଠା-୪

## ପ୍ରବଚନ ଦେବାକୁ ସାରଥିଙ୍କୁ ଅନୁମତି



**କଟକ ଅଫିସ, ୧୬।୨**

ବହୁଚର୍ଚ୍ଚିତ ବାବା ସାରଥି ଓରଫ ସନ୍ତୋଷ ରାଉଳଙ୍କୁ ପ୍ରବଚନ ଦେବାକୁ ଅନୁମତି ମିଳିଛି। ତେବେ ଏହି ଅନୁମତି ଜୁଲାଇ ୧ରୁ ଲାଗୁ ହେବ ବୋଲି ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ ନିର୍ଦ୍ଦେଶ ଦେଇଛନ୍ତି। ସର୍ବାଧିକ ୨ଶହ ଲୋକଙ୍କୁ ନେଇ କୋଭିଡ୍ କଟକଣା ମାନି ପ୍ରବଚନ ଦେବାକୁ ଉଚ୍ଚ ଅଦାଲତ ସର୍ତ୍ତ ରଖିଛନ୍ତି। ସାରଥିଙ୍କ ବିରୋଧରେ ହୋଇଥିବା ୩ଗୋଟି ମାମଲାରେ ତାଙ୍କୁ ପୂର୍ବରୁ ଜାମିନ ମିଳି ସାରିଥିବାବେଳେ ପ୍ରବଚନ ଦେବା ଉପରେ ଅଦାଲତ ରୋକ୍ ଲଗାଇଥିଲେ। ପରେ ପ୍ରବଚନ ଦେବାକୁ ଅନୁମତି ପାଇଁ ସାରଥି ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ପ୍ରକାଶ ଯେ, ୨୦୧୯ ଜୁଲାଇ ୧୭ରେ ☞ପୃଷ୍ଠା-୪

## କେନାଲକୁ ବସ୍ ଖସି ୪୫ ମୃତ

**ଭୋପାଳ, ୧୬।୨**

ମଧ୍ୟପ୍ରଦେଶର ସିଦ୍ଧି ଜିଲାରେ ମଙ୍ଗଳବାର ବଡ଼ ଧରଣର ଦୁର୍ଘଟଣା ଘଟିଛି। ପ୍ରାୟ ୬୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ପାଟନା ଗ୍ରାମ ନିକଟ ବାଣସାଗର କେନାଲରେ ଖସି ପଡ଼ିବାରୁ ପ୍ରାଣ ହରାଇଛନ୍ତି ୪୫ ଯାତ୍ରୀ। ମୃତକଙ୍କ ମଧ୍ୟରେ ୨୦ ମହିଳା, ୨୪ ପୁରୁଷ ଓ ଜଣେ ଶିଶୁ ରହିଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭରଙ୍କ ସମେତ ୭ ଜଣ ପହଁରି ପହଁରି କୂଳରେ ସୁରକ୍ଷିତ ଭାବେ ପହଞ୍ଚିଥିଲେ। ତେବେ ଅନ୍ୟଯାତ୍ରୀମାନେ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି।

ସକାଳ ପ୍ରାୟ ୮ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୩୨ ସିଟ୍ ବିଶିଷ୍ଟ ବସ୍‌ଟି ପ୍ରାୟ ୬୦ ଯାତ୍ରୀଙ୍କୁ ନେଇ ଛୁହିଆ ଘାଟି ଦେଇ ସତନା ଅଭିମୁଖେ ଯିବା ପାଇଁ ବାହାରିଥିଲା। କିନ୍ତୁ ଖାନ୍‌ସୀରୁ ରାଞ୍ଚି ଯାଇଥିବା ଏହି ରାଜପଥ ଶୋଚନୀୟ ହୋଇପଡ଼ିଥିବାରୁ ବାଣସାଗର କେନାଲ ଦେଇ ଶର୍ଟକଟ୍‌ରେ ଯିବାକୁ ରୁଟ୍ ବଦଳାଇଥିଲେ ଡ୍ରାଇଭର। କେନାଲ ଉପର ବ୍ରିଜ୍ ସଂକୀର୍ଣ୍ଣ ଥିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି ପୋଲରୁ ପ୍ରାୟ ☞ପୃଷ୍ଠା-୪



ଦୁର୍ଘଟଣାଗ୍ରସ୍ତ ବସ୍‌କୁ କେନାଲରୁ ବାହାର କରାଯାଉଛି।

## ମିନିଟ୍ରକ୍ ଓଲଟି ୩ ଜଣଙ୍କ ମୃତ୍ୟୁ

■ କନ୍ୟାପକ୍ଷଙ୍କୁ ନେଇ ଯାଉଥିଲା
■ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,(ବ୍ୟୁରୋ)/ ଆର୍.ଉଦୟଗିରି(ଡି.ଏନ୍.ଏ.),୧୬।୨**

ଗଜପତି ଜିଲା ଆର୍.ଉଦୟଗିରି ଥାନା ଅଞ୍ଚଳରେ କନ୍ୟାପକ୍ଷଙ୍କୁ ନେଇ ଯାଉଥିବା ଏକ ମିନିଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ଶିଶୁ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜାମଡିଅ ଗ୍ରାମର ଜୟନ୍ତ ଦଳବେହେରା (୨୦), ଗାୟତ୍ରୀ ରଇତ (୧୮) ଓ ଗାୟତ୍ରୀ ମଣ୍ଡଳ (୪)। ଘଟଣାସ୍ଥଳରେ ଜୟନ୍ତ ଓ ଗାୟତ୍ରୀ ରଇତଙ୍କ ମୃତ୍ୟୁ ହୋଇଥିବାବେଳେ ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଶିଶୁକନ୍ୟା ଗାୟତ୍ରୀ (୪)ଙ୍କ ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡ଼ମେଡିକାଲରେ ୨୮ଜଣ ଗୁରୁତର ଆହତଙ୍କ ଚିକିତ୍ସା ☞ପୃଷ୍ଠା-୪

## ପ୍ରଥମେ ଅବମାନନା, ପରେ ଅସ୍ୱୀକାର

**ନୂଆଦିଲ୍ଲୀ,୧୬।୨**

ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ ପୁଣି ଥରେ କେତେକ ଟୁଇଟ୍‌କୁ ବିଚାରକୁ ନେଇ ନିଜଆଡୁ ଏକ ଆପରାଧିକ ଅବମାନନା ମାମଲା ରୁଜୁ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ଅସ୍ୱୀକାର କରିଛନ୍ତି ଖୋଦ୍ ସର୍ବୋଚ୍ଚ ଅଦାଲତ। ପ୍ରଥମେ ବରିଷ୍ଠ ସାମ୍ବାଦିକ ରାଜଦୀପ ସର୍ଦ୍ଦେଶାଇଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ନଂ.ଏସ୍‌ଏମ୍‌ସି(ସିଆର୍‌ଏଲ୍)୨/୨୦୨୦ ରୁଜୁ ହୋଇଥିବା ସୁପ୍ରିମ୍‌କୋର୍ଟ ☞ପୃଷ୍ଠା-୪



ରାଜଦୀପ ସର୍ଦ୍ଦେଶାଇ

**ମନା କରିଥିଲେ ଏଜି**

ବରିଷ୍ଠ ସାମ୍ବାଦିକ ରାଜଦୀପ ସର୍ଦ୍ଦେଶାଇଙ୍କ ଟୁଇଟ୍‌ଗୁଡ଼ିକ ଏତେ ଗମ୍ଭୀର ନୁହେଁ ଯେ, ତାହା ଅଦାଲତଙ୍କ ସାର୍ବଭୌମ ଶକ୍ତି ଓ ଗରିମାକୁ ଲୋକଚକ୍ଷୁରେ ନ୍ୟୁନ କରିଦେବ। ତେଣୁ ତାଙ୍କ ବିରୋଧରେ ଆପରାଧିକ ଅବମାନନା ମାମଲା ରୁଜୁ କରାଯିବା ଅନୁଚିତ।
**-କେ.କେ. ବେଣୁଗୋପାଳ, ଆର୍ଟର୍ନି ଜେନେରାଲ**



**ଘଟଣା କ'ଣ**

ଗତ ଅଗଷ୍ଟ ୧୪ରେ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ଦିନ ରାଜଦୀପ ସର୍ଦ୍ଦେଶାଇ ଟୁଇଟ୍ କରିଥିଲେ। ଏଥିରେ ସେ ଲେଖିଥିଲେ, ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ଏପରି ସମୟରେ ହୋଇଛି ଯେତେବେଳେ କି କଶ୍ମୀରରେ ହାଜତରେ ରଖାଯାଇଥିବା ଲୋକଙ୍କ (ବନ୍ଦୀ ପ୍ରତ୍ୟକ୍ଷୀକରଣ) ହେବିଅସ୍ କର୍ପସ୍ ଆବେଦନଗୁଡ଼ିକ ବର୍ଷେରୁ ଅଧିକ ସମୟ ଧରି ଗଡୁଛି। ପରେ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ପ୍ରଶାନ୍ତ ଭୂଷଣଙ୍କୁ ୧ ଟଙ୍କା ଜରିମାନା କରିଥିଲେ। ଏହାକୁ ନେଇ ରାଜଦୀପ ଲେଖିଥିଲେ, କୋର୍ଟ ନିଜେ ସୃଷ୍ଟି କରିଥିବା ଲଜ୍ଜାଜନକ ସ୍ଥିତିରୁ ମୁକୁଳିବା ପାଇଁ ଉପାୟ ଖୋଜୁଛନ୍ତି। ଏହି କାରଣରୁ ହରିୟାଣାର ପାନିପତ୍ ନିବାସୀ ଆସ୍ଥା ଖୁରାନା ରାଜଦୀପଙ୍କ ବିରୋଧରେ ମାମଲା ପାଇଁ ଆର୍ଟର୍ନି ଜେନେରାଲଙ୍କୁ ଅନୁମତି ମାଗିଥିଲେ। ସେ ନିଜ ପିଟିଶନରେ ରାଜଦୀପଙ୍କ ଟୁଇଟ୍‌ଗୁଡ଼ିକୁ 'ଶସ୍ତା ପବ୍ଲିସିଟି ଷ୍ଟଣ୍ଟ' ବୋଲି ଦର୍ଶାଇଥିଲେ। ଏହା ପରେ ମଧ୍ୟ ରାଜଦୀପ ଆହୁରି କେତେକ ଟୁଇଟ୍ କରିଥିଲେ।

## ୯୦ ଛୁଇଁଲା ତେଲ ଦର

**ନୂଆଦିଲ୍ଲୀ,୧୬।୨**



**ପେଟ୍ରୋଲ ୩୧, ଡିଜେଲ ୩୮ ପଇସା ବୃଦ୍ଧି**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୧ ପଇସା ଏବଂ ଡିଜେଲ ଉପରେ ୩୮ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୦ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୬.୮୫ ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୩୦ ପଇସା ଏବଂ ଡିଜେଲରେ ୩୫ ପଇସା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୯.୨୯ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୭୯.୭୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ☞ପୃଷ୍ଠା-୪



ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି ଚର୍ଚ୍ଚାରେ ଥିବା ଆମେରିକୀୟ ପପ୍ ଷ୍ଟାର ରିହାନା ଟପ୍ ଲେସ୍ ଫଟୋ ଶୁଟ୍ କରି ଏହାକୁ ଟୁଇଟରରେ ପୋଷ୍ଟ କରିଛନ୍ତି। ସେ ବେକରେ ଗଣେଶଙ୍କ ଏକ ଲକେଟ୍ ଝୁଲାଇଥିବା ଫଟୋରେ ଦେଖିବାକୁ ମିଳିଛି। ଏହାକୁ ନେଇ ତାଙ୍କୁ ଅନେକ ଟ୍ରୋଲ କରିଛନ୍ତି।

## ସଂକ୍ଷେପରେ

### ବଢ଼ିଲା ଦୀପ ସିଦ୍ଧୁଙ୍କ ରିମାଣ୍ଡ ଅବଧି



**ନୂଆଦିଲ୍ଲୀ, ୧୬।୨:** ସାଧାରଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ରାଲି ବେଳେ ଲାଲକିଲ୍ଲାରେ ହିଂସା ଉସୁକାଇବା ଅଭିଯୋଗରେ ଗିରଫ ଅଭିନେତା ତଥା ସାମାଜିକ କର୍ମୀଙ୍କ ରିମାଣ୍ଡ ଅବଧି ୭ ଦିନ ବଢ଼ିଛି। ମଙ୍ଗଳବାର ସକାଳେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୋଲିସ ଦୀପ ସିଦ୍ଧୁଙ୍କୁ କୋର୍ଟରେ ହାଜର କରାଇଥିଲା। ହିଂସାକାଣ୍ଡ ଘଟଣାରେ ସିଦ୍ଧୁଙ୍କ ଗଭୀର ସମ୍ପୃକ୍ତି ଥିବାରୁ ତାଙ୍କୁ ଅଧିକ ପଚରାଉଚରା ଆବଶ୍ୟକ ଥିବା ପୋଲିସ କୋର୍ଟରେ କହିଥିଲା। ଏହି ଆବେଦନକୁ ସ୍ୱୀକାର କରି କୋର୍ଟ ଦୀପ ସିଦ୍ଧୁଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଥିଲେ।

### କୋଭିଶିଲ୍ଡ ଫେରାଇବ ଦକ୍ଷିଣ ଆଫ୍ରିକା

**ବେଙ୍ଗାଲୁରୁ, ୧୬।୨:** ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ପଠାଯାଇଥିବା କରୋନା ଟିକା କୋଭିଶିଲ୍ଡର ୧୦ ଲକ୍ଷ ଡୋଜ୍ ଫେରାଇଦେବାକୁ ଚାହୁଁଛି ଦକ୍ଷିଣ ଆଫ୍ରିକା। ଆଷ୍ଟ୍ରାଜେନିକା ଓ ଅକ୍ସଫୋର୍ଡ ପକ୍ଷରୁ ବିକଶିତ ଏହି ଟିକା ବ୍ୟବହାର ନ କରିବାକୁ ସପ୍ତାହେ ପୂର୍ବରୁ ଦକ୍ଷିଣ ଆଫ୍ରିକା ଘୋଷଣା କରିଥିଲା। ଗତ ସପ୍ତାହରେ ଭାରତ ୧୦ ଲକ୍ଷ କୋଭିଶିଲ୍ଡ ଡୋଜ୍ ଦକ୍ଷିଣ ଆଫ୍ରିକାକୁ ପଠାଇ ସାରିଥିବାବେଳେ ଆସନ୍ତା କିଛି ଦିନ ମଧ୍ୟରେ ଆଉ ୫୦ ହଜାର ଡୋଜ୍ ପଠାଇବା ପାଇଁ ସ୍ଥିର ହୋଇଥିଲା। ତେବେ ଦେଶରେ ଦେଖାଦେଇଥିବା କରୋନା ଭାଇରସ୍‌ର ନୂଆ ଷ୍ଟ୍ରେନ ବିପକ୍ଷରେ ଏହି ଭାକ୍ସିନ ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିବା ଦକ୍ଷିଣ ଆଫ୍ରିକା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ଶିକ୍ଷିତ ପୁରୁଷ ବଳାତ୍କାର କରନ୍ତି ନାହିଁ



ଆଙ୍ଗିଏ ମୋଟ୍‌ଶେକ୍‌ଗା

**ସରକାରୀ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଦକ୍ଷିଣ ଆଫ୍ରିକାରେ ଦିନକୁ ୧୧୦ ଶିଶୁକନ୍ୟା, ଯୁବତୀ ଓ ମହିଳାଙ୍କୁ ବଳାତ୍କାର କରାଯାଉଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥାଏ। ଏପରି ସ୍ଥଳେ ଶିକ୍ଷିତ ପୁରୁଷମାନେ ବଳାତ୍କାର କରନ୍ତି ନାହିଁ ବୋଲି ଦକ୍ଷିଣ ଆଫ୍ରିକା ଶିକ୍ଷାମନ୍ତ୍ରୀ ଆଙ୍ଗିଏ ମୋଟ୍‌ଶେକ୍‌ଗା ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ତାଙ୍କ ବହିଷ୍କାର ଦାବି କରିଛନ୍ତି।**

କେପ୍‌ଟାଉନ୍, ୧୬।୨

### ଦକ୍ଷିଣ ଆଫ୍ରିକା ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଝଡ଼

ଦକ୍ଷିଣ ଆଫ୍ରିକାରେ ମହିଳାମାନଙ୍କ ବିରୋଧରେ ଯୌନ ନିର୍ଯାତନା ବଢ଼ିଚାଲିଥିବାବେଳେ ଦେଶର ମୌଳିକ ଶିକ୍ଷାମନ୍ତ୍ରୀ ଆଙ୍ଗିଏ ମୋଟ୍‌ଶେକ୍‌ଗା କହିଛନ୍ତି, ଶିକ୍ଷିତ ପୁରୁଷମାନେ ବଳାତ୍କାର କରନ୍ତି ନାହିଁ। ତାଙ୍କର ଏହି ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଶିକ୍ଷାମନ୍ତ୍ରୀ ଉକ୍ତ ବିବାଦୀୟ ମନ୍ତବ୍ୟକୁ ପ୍ରତ୍ୟାହାର କରି କ୍ଷମା ମାଗନ୍ତୁ ବୋଲି ଦେଶର ସର୍ବବୃହତ୍ ବିରୋଧୀ ଦଳ ଡେମୋକ୍ରାଟିକ୍ ଆଲାଏନ୍ସ ଦାବି କରିଛି। ପ୍ରିଟୋରିଆର ଏକ ସ୍କୁଲକୁ ଉଦ୍‌ଘାଟନ କରି ସୋମବାର ଶିକ୍ଷାମନ୍ତ୍ରୀ ଆଙ୍ଗିଏ କହିଥିଲେ, ସରକାର ଶିକ୍ଷା ଉପରେ ପ୍ରାଥମିକତା ଦେଉଛନ୍ତି। କାରଣ ଶିକ୍ଷା ଦ୍ୱାରା ହିଁ ଆମେ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିପାରିବା ବୋଲି ସରକାର ଜାଣିଛନ୍ତି। କୌଣସି ଶିକ୍ଷିତ ପୁରୁଷ କେବେ ବଳାତ୍କାର କରନ୍ତି ନାହିଁ। ଶିକ୍ଷାମନ୍ତ୍ରୀ ଏପରି କହୁଥିବାବେଳେ ଉପସ୍ଥିତ ଛାତ୍ରୀଛାତ୍ର ତାଙ୍କୁ ଜବାବ ଦେଇଥିଲେ, ପୁରୁଷମାନେ ବଳାତ୍କାର କରନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିରୋଧୀ ଦଳ ୱାନ୍ ସାଉଥ୍ ଆଫ୍ରିକା ମୁଭ୍‌ମେଣ୍ଟ ନେତା ମୁସି ମାଇମେନ୍ କହିଛନ୍ତି, ଦେଶରେ ହେଉଥିବା ବଳାତ୍କାର ଓ ଲିଙ୍ଗଭିତ୍ତିକ ହିଂସା ସମ୍ପର୍କରେ ଶିକ୍ଷାମନ୍ତ୍ରୀଙ୍କ ଜ୍ଞାନ ନ ଥିବାରୁ ସେ ଏପରି ମନ୍ତବ୍ୟ ଦେଇଛନ୍ତି। ସେ ତୁରନ୍ତ ଇସ୍ତଫା ଦେବା ଜରୁରୀ। ବିବାଦ ସୃଷ୍ଟି ହେବା ପରେ ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଥିବା ଶିକ୍ଷାମନ୍ତ୍ରୀ ସଫେଇ ଦେଇଛନ୍ତି।



ସ୍କଟ୍ ମୋରିସନ

**ଅଷ୍ଟ୍ରେଲିଆର ଶାସକ ଲିବରାଲ ପାର୍ଟିରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ଅନେକ ଅଭିଯୋଗ ଆସିବା ପରେ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍‌ଙ୍କ ଉପରେ ଚାପ ବଢ଼ିଚାଲିଥିଲା। ମୋରିସନ୍ ମଙ୍ଗଳବାର ସମ୍ପୃକ୍ତ ପୀଡ଼ିତା ମହିଳାଙ୍କୁ କ୍ଷମା ମାଗିବା ସହ ତଦନ୍ତର ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟସ୍ଥଳରେ ଯୁବତୀଙ୍କ ସୁରକ୍ଷାକୁ ଯଥାସମ୍ଭବ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।**

## କ୍ଷମା ମାଗିଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

କାନ୍‌ବେରା, ୧୬।୨

### ପାର୍ଲାମେଣ୍ଟରେ ମହିଳାଙ୍କୁ ବଳାତ୍କାର

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ମଙ୍ଗଳବାର ଜଣେ ମହିଳାଙ୍କୁ କ୍ଷମା ମାଗିଛନ୍ତି, ଯାହାଙ୍କୁ ଦେଶର ପାର୍ଲାମେଣ୍ଟରେ ଜଣେ ସହକର୍ମୀ ବଳାତ୍କାର କରିଥିଲେ। ସରକାରୀ କାର୍ଯ୍ୟସ୍ଥଳରେ ବଳାତ୍କାର ସଂସ୍କୃତିର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ପୀଡ଼ିତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପୀଡ଼ିତା କହିଛନ୍ତି, ୨୦୧୯ ମାର୍ଚ୍ଚରେ ପ୍ରତିରକ୍ଷାମନ୍ତ୍ରୀ ଲିଣ୍ଡା ରେୟନୋଲଡ୍ସଙ୍କ ଅଫିସରେ କାମ କରୁଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ମୋରିସନ୍‌ଙ୍କ ଶାସକ ଲିବରାଲ ପାର୍ଟି ପାଇଁ କାମ କରୁଥିବା ଜଣେ ବ୍ୟକ୍ତି ବଳାତ୍କାର କରିଥିଲେ। ବଳାତ୍କାରର ଶିକାର ହେବା ପରେ ପୀଡ଼ିତା ଏନେଇ ସ୍ଥାନୀୟ ଗଣମାଧ୍ୟମକୁ ଜଣାଇଥିଲେ। ତେବେ ନିଜ କ୍ୟାରିୟର ପ୍ରତି ବିପଦ ଆଶଙ୍କା କରି ସେ ପୋଲିସରେ ଏତଲା ଦେଇ ନ ଥିଲେ। ସେ ଘଟଣା ସମ୍ପର୍କରେ ପ୍ରତିରକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କୁ ଜଣାଇଥିଲେ। ସେମାନେ ତାଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନରେ ଏକ ବୈଠକକୁ ଡାକିଥିଲେ।

## ପ୍ରିନ୍ସିପାଲଙ୍କୁ ମୃତ୍ୟୁ ଦଣ୍ଡାଦେଶ

### ସ୍କୁଲ ଛାତ୍ରୀଙ୍କୁ ଗର୍ଭବତୀ କରିଥିଲେ

**ପାଟନା, ୧୬।୨:** ବିହାରର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଉକ୍ତ ସ୍କୁଲର ପ୍ରିନ୍ସିପାଲଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଯୌନ ଅପରାଧରୁ ଶିଶୁଙ୍କୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଜଣେ ଶିକ୍ଷକଙ୍କୁ ମଧ୍ୟ ଆଜୀବନ କାରାଦଣ୍ଡାଦେଶ ମିଳିଛି। ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅୱଧେଶ କୁମାର ସୋମବାର ଏହି ରାୟ ପ୍ରକାଶ କରିଛନ୍ତି। ପ୍ରିନ୍ସିପାଲ ଅରବିନ୍ଦ କୁମାରଙ୍କୁ ମୃତ୍ୟୁ ଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ପାଟନାର ଫୁଲୱାରି ଶରିଫ୍ ଅଞ୍ଚଳରେ ଥିବା ଉକ୍ତ ସ୍କୁଲର ଶିକ୍ଷକ ତଥା ସହଅଭିଯୁକ୍ତ ଅଭିଷେକ କୁମାରଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି।



**୨୦୧୮ ସେପ୍ଟେମ୍ବରରେ ୧୧ ବର୍ଷୀୟା ଛାତ୍ରୀଙ୍କ ଦେହ ବାରମ୍ବାର ଖରାପ ହେବାରୁ ତାଙ୍କ ମା'ବାପା ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ନାବାଳିକା ଛାତ୍ରୀ ଜଣକ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକେ ପଚାରିବାରୁ ସେ ତାଙ୍କ ସହ ବିତିଥିବା ସବୁକଥା କହିଥିଲେ। ପୋକ୍ସୋ ଆଇନ ବଳରେ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।**

## ନାରାୟଣସ୍ୱାମୀ ସରକାର ସଂଖ୍ୟାଲଘୁ



**କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ପୁଡୁଚେରୀରେ ରାଜନୈତିକ ସଙ୍କଟ**

**ନୂଆଦିଲ୍ଲୀ, ୧୬।୨:** କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ କିଛି ଦିନ ପରେ ନିର୍ବାଚନ ହେବାକୁ ଥିବାବେଳେ ଶାସକ କଂଗ୍ରେସକୁ ଝଟକା ଲାଗିଛି। ମଙ୍ଗଳବାର ବିଧାୟକ ଏ ଜନ୍ କୁମାର ବିଧାନସଭା ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେବାପରେ ଭି ନାରାୟଣସ୍ୱାମୀଙ୍କ ସରକାର ବହୁମତ ହରାଇଛି। ୩୦ ବିଧାୟକଙ୍କ ମଧ୍ୟରୁ ଗତ ଦୁଇ ଦିନରେ ୨ ଜଣ ଇସ୍ତଫା ଦେଇସାରିଲେଣି। ଫଳରେ ମୋଟ ଏମ୍‌ଏଲ୍‌ଏଙ୍କ ସଂଖ୍ୟା ୨୮ରେ ପହଞ୍ଚିଛି। ଏବେ ବହୁମତ ପାଇଁ ୧୫ ସଦସ୍ୟଙ୍କ ଆବଶ୍ୟକତା ଥିବାବେଳେ କଂଗ୍ରେସ ନିକଟରେ ୧୪ ବିଧାୟକ ରହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପୁଡୁଚେରୀ ଗସ୍ତର ଦିନକ ପୂର୍ବରୁ ଏହି ରାଜନୈତିକ ସଙ୍କଟ ଦେଖାଦେଇଛି। ଏହା ପୂର୍ବରୁ ଜାନୁୟାରୀ ୨୫ରେ ଆଉ ଦୁଇ ବିଧାୟକ ଏ ନମଶିବାୟମ୍ ଏବଂ ଇ. ଥିପେଞ୍ଜାନ ଇସ୍ତଫା ଦେଇଥିଲେ। ଉଭୟେ ଭାଜପାରେ ଯୋଗ ଦେଇଥିଲେ। ସୋମବାର ବିଧାୟକ ମାଲାଦି କ୍ରିଷ୍ଣା ରାଓ ଏବଂ ମଙ୍ଗଳବାର ଜନ୍ କୁମାର ସେମାନଙ୍କ ଇସ୍ତଫା ଦେଇଛନ୍ତି। ଗତ ବର୍ଷ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଧାୟକ ଏନ୍. ଧନାଭେଲ୍ଲୁଙ୍କୁ କଂଗ୍ରେସ ବହିଷ୍କାର କରିଥିଲା।

### ମୃତ୍ୟୁ ଗୁମ୍ଫାରେ ଜୀବନ ସନ୍ଧାନ



ଉତ୍ତରାଖଣ୍ଡର ଜୋଷୀମଠରେ ଫେବୃୟାରୀ ୭ରେ ହୋଇଥିବା ହିମସ୍ଖଳନ ଯୋଗୁ ୫୮ ଜଣଙ୍କ ମୃତ୍ୟୁ ଘଟିଛି। ୧୪୬ ନିଖୋଜ ଥିବାବେଳେ ଟନେଲରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯବାନମାନେ ଉଦ୍ୟମ ଚଳାଇଛନ୍ତି।

## ଓଟିଟି ଉପରେ ଅଙ୍କୁଶ ଲାଗିବ

ନୂଆଦିଲ୍ଲୀ, ୧୬।୨ (ପି.ଟି.)

### ସୁପ୍ରିମକୋର୍ଟଙ୍କୁ କହିଲେ ସରକାର

ନେଟ୍‌ଫ୍ଲିକ୍ସ ଓ ଆମାଜନ୍ ପ୍ରାଇମ୍ ଭଳି ଓଭର ଦି ଟପ୍(ଓଟିଟି) ପ୍ଲାଟଫର୍ମ ଉପରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ନେବାକୁ ଚିନ୍ତା କରୁଥିବା ସୁପ୍ରିମକୋର୍ଟଙ୍କୁ କହିଛନ୍ତି କେନ୍ଦ୍ର ସରକାର। ଓଟିଟି ପ୍ଲାଟଫର୍ମ ଉପରେ ନିୟନ୍ତ୍ରଣ ରଖିବାକୁ ଚାହୁଁଥିବା ଏକ ପିଟିସନର ଶୁଣାଣି କରି ଏପର୍ଯ୍ୟନ୍ତ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଥିଲେ। ଏଥିପାଇଁ ପ୍ରଧାନ ବିଚାରପତି ଏସ୍. ଏ ବୋବଡେ ଏବଂ ଜଷ୍ଟିସ୍ ଏ. ଏସ୍. ବୋପାନ୍ନା ଓ ଭି ରାମସୁବ୍ରମଣ୍ୟନଙ୍କ ଖଣ୍ଡପୀଠ ସରକାରଙ୍କୁ ୬ ସପ୍ତାହରେ ସମୟ ଦେଇଥିଲେ। ଆଡଭୋକେଟ ଶଶାଙ୍କ ଶେଖର ଝା ଏବଂ ଅପୂର୍ବା ଅର୍‌ହିତା ଆବେଦନରେ ଦର୍ଶାଇଥିଲେ ଯେ, ସିନେମା ପରି ଓଟିଟି ଉପରେ ନିୟନ୍ତ୍ରଣ ରହିବା ଜରୁରୀ। ଅଶ୍ଳୀଳତା, ଯୌନ ଦୃଶ୍ୟ, ହିଂସା ଭଳି କାହାଣୀକୁ ବିନା ଦ୍ୱିଧାରେ ଏହି ଡିଜିଟାଲ ପ୍ଲାଟଫର୍ମରେ ରିଲିଜ କରାଯାଉଛି। ଏହା ଉପରେ ଅଙ୍କୁଶ ରହୁ ନ ଥିବାରୁ ସେନ୍ସର ବୋର୍ଡ ପକ୍ଷରୁ ଅନୁମତି ଉପରେ ଚିନ୍ତା କରାଯାଉନି। ଫଳରେ ଏଭଳି ଆପତ୍ତିଜନକ ବିଷୟବସ୍ତୁ ସାର୍ବଜନୀନ ହେଉଥିବା ଆବେଦନରେ ଉଲ୍ଲେଖ କରାଯାଇଥିଲା।

# ଶାନ୍ତନୁଙ୍କୁ ହାଇକୋର୍ଟ ଜାମିନ



ସ୍ୱିଡେନ୍‌ର କୁନି କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କଠାରୁ ନେଇ ଏଫ୍‌ଏଫ୍‌ଏଫ୍ ଇଣ୍ଡିଆ ମୁଖ୍ୟ ଦିଶା ରବିଙ୍କ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦୋଷ ଦୁର୍ବଳତା ଲୁଚାଇବା ଲାଗି ଦିଲ୍ଲୀ ପୋଲିସ ପାଇଁ ଜଣେ ଜଣେ ମୋହରା। ଉକ୍ତ ମାମଲାରେ ପୋଲିସର ବେଆଇନ ଧରପଗଡ଼ରୁ ଏହା ଜଳଜଳ ଦିଶୁଛି। କାରଣ ଯେଉଁ ଟୁଲ୍‌କିଟ୍‌କୁ ଆୟୁଧ କରି ଦେଶବିରୋଧୀ ମାମଲାରେ ପରିବେଶ କର୍ମୀମାନଙ୍କୁ ଛନ୍ଦାଯାଉଛି, ସେଥିରେ ହିଂସା ଭିଆଇବା କିମ୍ବା ଦେଶଦ୍ରୋହ କରିବା ଭଳି ଶବ୍ଦର ଚିହ୍ନବର୍ଣ୍ଣ ନାହିଁ। ଏହା ଅଧିକାର କର୍ମୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଆଇନଜ୍ଞମାନଙ୍କ ମତ।

ମୁମ୍ବାଇ, ୧୬।୨



ଶାନ୍ତନୁ ମୁଲୁକ୍



ନିକିତା ଜାକୋବ

### ଗ୍ରେଟା ଟୁଲ୍‌କିଟ୍ ମାମଲା

- ନିକିତା ଜାକୋବଙ୍କ ଆଗୁଆ ଜାମିନ ଆବେଦନର ରାୟ ଆଜି
- ଜାନୁୟାରୀ ୨୬ରେ ଟିକ୍ରି ସୀମାରେ ଥିଲେ ଶାନ୍ତନୁ: ଦିଲ୍ଲୀ ପୋଲିସ

ସ୍ୱିଡେନର କୁନି କ୍ଲାଇମେଟ୍ ଚେଞ୍ଜ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ 'ଟୁଲ୍‌କିଟ୍' ମାମଲାରେ ମଙ୍ଗଳବାର ପୁଣେର ଯୁବ ଇଞ୍ଜିନିୟର ଶାନ୍ତନୁ ମୁଲୁକ୍‌ଙ୍କୁ ବମ୍ବେ ହାଇକୋର୍ଟ ଟ୍ରାଞ୍ଜିଟ୍ ବେଲ୍ ଦେଇଛନ୍ତି। ଏହି ମାମଲାରେ ଦିଲ୍ଲୀ ପୋଲିସ ଖୋଜୁଥିବା ମୁମ୍ବାଇର ଆଇନଜୀବୀ ନିକିତା ଜାକୋବଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ କୃଷକଙ୍କ ଆନ୍ଦୋଳନକୁ ୩ ମାସ ପୂରିବାକୁ ଯାଉଥିବାବେଳେ ପୋଲିସ ଜଣେ ପରେ ଜଣେ ଆକ୍ଟିଭିଷ୍ଟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ଲାଗିଛି। ଫ୍ରାଇଡେ ଫର୍ ଫ୍ୟୁଚର (ଏଫ୍‌ଏଫ୍‌ଏଫ୍) ଇଣ୍ଡିଆର ୨୧ ବର୍ଷୀୟା ମୁଖ୍ୟ ଦିଶା ରବିଙ୍କୁ ତାଙ୍କ ବାଙ୍ଗାଲୁରୁସ୍ଥିତ ବାସଭବନରୁ ଶନିବାର ରାତିରେ ଦିଲ୍ଲୀ ପୋଲିସ ଉଠାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି କ୍ରମରେ ଦିଲ୍ଲୀ ପୋଲିସର ଅନୁରୋଧ କ୍ରମେ ଜାତୀୟ ରାଜଧାନୀସ୍ଥିତ ଏକ କୋର୍ଟ ଶାନ୍ତନୁ ଓ ନିକିତାଙ୍କ ବିରୋଧରେ ସୋମବାର ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଦିଲ୍ଲୀ ପୋଲିସର ଏକ ଟିମ୍ ଦୁହିଙ୍କୁ ଧରିବା ପାଇଁ ମୁମ୍ବାଇରେ ଡେରା ପକାଇଲା। ଶାନ୍ତନୁ ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ଖଣ୍ଡପୀଠରେ ଟ୍ରାଞ୍ଜିଟ୍ ବେଲ୍ ପାଇଁ ପିଟିଶନ କରିଥିବାବେଳେ ନିକିତା ମୁମ୍ବାଇରେ ଅଗ୍ରିମ ଜାମିନ ଆବେଦନ କରିଥିଲେ। ଶାନ୍ତନୁଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ତାଙ୍କୁ ୧୦ ଦିନିଆ ଟ୍ରାଞ୍ଜିଟ୍ ବେଲ୍ ଦେଇଛନ୍ତି। ଅନ୍ୟପକ୍ଷେ ସମାନ ମାମଲାରେ ଆଇନଜୀବୀ ନିକିତା ଜାକୋବଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ବୁଧବାର ଏହି ରାୟ ପ୍ରକାଶ ପାଇବ।

ଦିଲ୍ଲୀ ପୋଲିସର କହିବା ହେଉଛି କୃଷକ ଆନ୍ଦୋଳନ ଚାଲିଥିବାବେଳେ ଜାନୁୟାରୀ ୨୬ରେ ଟ୍ରାକ୍ଟର ପରେଡ୍ ସମୟରେ ଇଞ୍ଜିନିୟର ଶାନ୍ତନୁ ମୁଲୁକ୍ ଦିଲ୍ଲୀର ଟିକ୍ରି ସୀମାରେ ଉପସ୍ଥିତ ଥିଲେ। ପରଦିନ ସେ ଆନ୍ଦୋଳନସ୍ଥଳ ଛାଡ଼ି ଚାଲିଯାଇଥିଲେ। ଏହା ପୂର୍ବରୁ ଶାନ୍ତନୁ ଓ ନିକିତା ଜଳବାୟୁ ପରିବର୍ତ୍ତନ କର୍ମୀ ଦିଶା ରବିଙ୍କ ସହ ମିଶି କୃଷକ ଆନ୍ଦୋଳନ ସପକ୍ଷରେ ଏକ ଟୁଲ୍‌କିଟ୍ ତିଆରି କରିଥିଲେ। ସାଧାରଣରେ ଉପଲବ୍ଧ ଏହି ଅନ୍‌ଲାଇନ୍ ଦସ୍ତାବିଜକୁ ଭାରତର ଛବି ଖରାପ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଖଲିସ୍ତାନୀ ସପକ୍ଷବାଦୀ ଗୋଷ୍ଠୀ ପୋଏଟିକ୍ ଜଷ୍ଟିସ୍ ଫାଉଣ୍ଡେଶନ (ପିଜେଏଫ୍) ସହଯୋଗରେ ଉକ୍ତ ଟୁଲ୍‌କିଟ୍ ତିଆରି କରାଯାଇଥିଲା ବୋଲି ଦିଲ୍ଲୀ ପୋଲିସର ସାଇବର ସେଲ୍ ଦାବି କରିଛି। ସେହିପରି ପିଜେଏଫ୍ ପକ୍ଷରୁ ଆୟୋଜିତ ଏକ ଜୁମ୍ ମିଟିଂରେ ଦିଶା, ନିକିତା ଓ ଶାନ୍ତନୁ ଯୋଗଦେଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରେ ଚାଟ୍ ଗ୍ରୁପ୍‌ରେ ହୋଇଥିବା କଥୋପକଥନ ମଧ୍ୟ ଦିଲ୍ଲୀ ପୋଲିସ ପାଇଥିବା କହିଛି। ଭାରତରେ ଜଳବାୟୁ ଆନ୍ଦୋଳନ ସହ ଜଡ଼ିତ ଆକ୍ଟିଭିଷ୍ଟମାନଙ୍କ ନାମ ଟୁଲ୍‌କିଟ୍‌ରେ ଥିଲା। ତେଣୁ ଏଫ୍‌ଏଫ୍‌ଆଇ ପ୍ରତିଷ୍ଠାତା ଗ୍ରେଟା ଥନ୍‌ବର୍ଗଙ୍କୁ ଦିଶା ଉକ୍ତ ଟୁଲ୍‌କିଟ୍‌କୁ ଟୁଇଟରରେ ପୋଷ୍ଟ ନ କରିବା ପାଇଁ କହିଥିଲେ ବୋଲି ପୋଲିସ ଅଭିଯୋଗ ଆଣିଛି।

## ଦିଲ୍ଲୀ ପୋଲିସକୁ ଡିସିଡବ୍ଲ୍ୟୁ ନୋଟିସ

ନୂଆଦିଲ୍ଲୀ, ୧୬।୨

ଜଳବାୟୁ ପରିବର୍ତ୍ତନ କର୍ମୀ ଦିଶା ରବିଙ୍କ ଗିରଫଦାରି ଉପରେ ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧକ୍ଷା ସ୍ୱାତୀ ମାଲିୱାଲ ମଙ୍ଗଳବାର ଦିଲ୍ଲୀ ପୋଲିସକୁ ନୋଟିସ କରିଛନ୍ତି। ୨୨ ବର୍ଷୀୟା ଦିଶାଙ୍କୁ ଶନିବାର ବେଙ୍ଗାଲୁରୁରୁ ଯେପରି ଭାବେ ପୋଲିସ ଉଠାଇ ଆଣିଥିଲା ତାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଆସନ୍ତା ୧୯ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନୋଟିସରେ ଉଲ୍ଲେଖ କରାଯାଇଛି। ଦିଲ୍ଲୀ ପୋଲିସର ସାଇବର କ୍ରାଇମ୍ ସେଲ୍ ଡେପୁଟି କମିଶନରଙ୍କ ନିକଟକୁ ଉକ୍ତ ନୋଟିସ ପଠାଯାଇଛି। ଦିଶାଙ୍କ ମା'ବାପାଙ୍କୁ ନ ଜଣାଇ ବେଙ୍ଗାଲୁରୁରୁ ଦିଲ୍ଲୀକୁ କାହିଁକି ଅଣାଗଲା। ଏପରି କି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବା ପୂର୍ବରୁ ବେଙ୍ଗାଲୁରୁ କୋର୍ଟରେ ମଧ୍ୟ ତାଙ୍କୁ ହାଜର କରାଯାଇ ନ ଥିଲା। ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ବିନା ଓକିଲରେ ତାଙ୍କୁ କିପରି ହାଜର କରାଯାଇଥିଲା ବୋଲି ମାଲିୱାଲ ୩ ଦିନ ଭିତରେ ଜବାବ ଦେବାକୁ କହିଛନ୍ତି।

## ଟୁଲ୍‌କିଟ୍ ମିଟିଙ୍ଗ୍‌ରେ କେଉଁମାନେ ଥିଲେ

ନୂଆଦିଲ୍ଲୀ, ୧୬।୨ (ପି.ଟି.)

### ଜୁମ୍‌କୁ ଚିଠି ଲେଖିଲା ଦିଲ୍ଲୀ ପୋଲିସ

ଦିଲ୍ଲୀ ପୋଲିସ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ପ୍ଲାଟ୍‌ଫର୍ମ ଜୁମ୍‌କୁ ଚିଠି ଲେଖିଛି। ଜାନୁୟାରୀ ୧୧ରେ କୃଷକ ଆନ୍ଦୋଳନ ସପକ୍ଷରେ ଟୁଲ୍‌କିଟ୍ ତିଆରି କରିବା ଲାଗି ଖଲିସ୍ତାନୀ ସପକ୍ଷବାଦୀ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଅନ୍‌ଲାଇନ୍ ମିଟିଙ୍ଗ୍‌ରେ କେଉଁମାନେ ସାମିଲ ହୋଇଥିଲେ ତାହା ପୋଲିସ ଜାଣିବାକୁ ଚାହିଁଛି। ଦିଲ୍ଲୀ ପୋଲିସର କହିବା ହେଉଛି, ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜୁମ୍ ଆପ୍‌ରେ ଏକ ଅନ୍‌ଲାଇନ୍ ମିଟିଙ୍ଗ୍ ହୋଇଥିଲା। ଏଥିରେ ମୁମ୍ବାଇର ଆଇନଜୀବୀ ନିକିତା ଜାକୋବ ଓ ପୁଣେର ଇଞ୍ଜିନିୟର ଶାନ୍ତନୁ ମୁଲୁକ୍‌ଙ୍କ ସମେତ ୭୦ ଜଣ ସାମିଲ ହୋଇଥିଲେ। ପଏଟିକ୍ ଜଷ୍ଟିସ୍ ଫାଉଣ୍ଡେଶନ (ପିଏଫ୍‌ଏଫ୍) ପ୍ରତିଷ୍ଠାତା ମୋ ଧଲିୱାଲ କାନାଡାର ପୁନିତ୍ ନାଥ ନାମ୍ନୀ ଜଣେ ମହିଳାଙ୍କ ଜରିଆରେ ନିକିତା ଓ ଶାନ୍ତନୁଙ୍କୁ ଯୋଗାଯୋଗ କରିଥିଲେ। ପରେ ସେମାନେ ମିଶି 'ଗ୍ଲୋବାଲ୍ ଫାର୍ମର୍ସ ଷ୍ଟ୍ରାଇକ୍' ଓ 'ଗ୍ଲୋବାଲ୍ ଡେ ଆକ୍ସନ' ଶୀର୍ଷକ ଟୁଲ୍‌କିଟ୍ ତିଆରି କରିଥିଲେ ବୋଲି ପୋଲିସ କହିଛି।


Hero
Hero 100 MILLION
MADE OF TRUST
ଏବେ ପ୍ରତ୍ୟେକ ଇଣ୍ଡିଆନ ଆଗକୁ ବଢ଼ିବେ।
10 କୋଟି ହିରୋଜ୍ ସହିତ ଯୋଡ଼ି ହୋଇଯିବେ।
ଆମେ ଜାଣିଛୁ ଯେ ଆଗକୁ ବଢ଼ିବା ପାଇଁ ଆବଶ୍ୟକ ଅଟେ ଜଣେ ଭରସାମନ୍ଦ ସାଥୀ।
ତେବେ, 10 କୋଟି ହିରୋଜଙ୍କ ଭଳି ଆପଣ ବି ପ୍ରଗତିର ଯାତ୍ରାରେ ଆଗକୁ ଅଗ୍ରସର ହେବେ, ହିରୋର ଭରସା ସହିତ।
Hero 10 କୋଟିର ଉତ୍ସବ
କ୍ୟାସ ବୋନସ୍ HF ଡିଲକ୍ସ ଉପରେ ₹3000*
ଏକ୍ସଚେଞ୍ଜ/ଲୟାଲ୍ଟି ବୋନସ୍ ₹4000* ପର୍ଯ୍ୟନ୍ତ
ଶୀଘ୍ର କରନ୍ତୁ! ଅଫର କେବଳ ସୀମିତ ଅବଧି ପାଇଁ
THE TRUST OF HERO
CALL TOLL-FREE 1800 266 0018
BUY ONLINE AT eshop.heromotocorp.com
ଏକ୍ସଚେଞ୍ଜ/ଲୟାଲ୍ଟି ବୋନସ୍
₹2000* ସୁପର ସ୍ପ୍ଲେଣ୍ଡର/ଗ୍ଲାମର/ପ୍ୟାଶନ୍ ପ୍ରୋ
₹4000* ଏକ୍ସଟ୍ରୀମ 160R/ଏକ୍ସଟ୍ରୀମ 200S
₹3000* ସବୁ ସ୍କୁଟର
₹12000** ପର୍ଯ୍ୟନ୍ତ କ୍ୟାସବ୍ୟାକ୍ EMI, କ୍ରେଡିଟ୍, ଡେବିଟ୍ କାର୍ଡ ରେ
ICICI Bank Credit & Debit Cards
Bank of Baroda
FEDERAL BANK
SBI
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com
Hero MotoCorp Ltd. Regd. Office: The Grand Plaza, Plot No. 2, Nelson Mandela Road, Vasant Kunj - Phase - II, New Delhi -110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. For more details, please visit your nearest authorized Hero MotoCorp outlet for more details. *Offer amount & combination of offers may vary by model/variant & State. Offer valid for limited period or till stock lasts. Please visit your nearest authorized Hero MotoCorp outlet for more details. Hero MotoCorp reserves the right to change /modify/withdraw the offer without any prior information. *Finance scheme is at the sole discretion of Financier & subject to its respective terms & conditions. **Upto Rs. 12,000/- cashback on ICICI Bank / Bank of Baroda / Federal Bank / SBI cards. Terms & conditions apply.
WT.5521.2021ORI
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଣ ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ଟୁଲକିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.


www.sebi.gov.in
9:30 AM 97%
Messages BH-StRISE Contact
Invest Rs. 20,000 and get 200% appreciation in 2 months.
Wed, Mar 19, 9:30 AM
ଅଜଣା ଲୋକଙ୍କ ଠାରୁ ମିଳିବା ଅଯାଚିତ SMS ଇନ୍‌ଭେଷ୍ଟମେଣ୍ଟ ଟିପ୍ସ
ତାଙ୍କୁ ଲାଭ ଦିଏ, ଆପଣଙ୍କୁ ନୁହେଁ।
ସେବି ଦ୍ୱାରା ଜନହିତରେ ଜାରି
ପ୍ରତ୍ୟେକ ଇନ୍‌ଭେଷ୍ଟର୍‌ଙ୍କ ସାମର୍ଥ୍ୟ
भारतीय प्रतिभूति और विनिमय बोर्ड
Securities and Exchange Board of India

**ଆଜିର ମନ୍ତବ୍ୟ**

‘ଆମେ ଦୁଇ, ଆମର ଦୁଇ’ ନାରା ଫ୍ୟାମିଲି ପ୍ଲାନିଂ ପାଇଁ ପ୍ରଯୁଜ୍ୟ। ରାହୁଲ ଗାନ୍ଧୀ ଏହି ନାରା ଉଠାଇ ସେହି ଇଚ୍ଛା ପ୍ରକାଶ କରିଥିବାରୁ ସେ ବିବାହ କରିନେବା ଉଚିତ।

–ରାମଦାସ ଅଠାୱାଲେ, କେନ୍ଦ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରାଜା
ପରିବାରବର୍ଗ



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ‘ଆଶାର ସହର...

ଜନଜାତିର ପିଲାମାନଙ୍କ ଶିକ୍ଷା ସୁବିଧା ସହିତ ଜନଜାତି ସଂସ୍କୃତିର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା ସହ ମୁଣ୍ଡାରି ଏବଂ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପୁଣି ଥରେ ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୦୦ ମସିହାରେ ରାଜ୍ୟର ଯୋଜନା ବଜେଟ ମାତ୍ର ୨୮୦୦ କୋଟି ଥିଲା। ଆଜି କେବଳ ସୁନ୍ଦରଗଡ଼ ଜିଲା ପାଇଁ ୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହାକୁ ବିକାଶର ତଥା ରୂପାନ୍ତରର ନମୁନା ଭାବେ ବର୍ଣ୍ଣନା କରିବା ସହ ମୁଖ୍ୟମନ୍ତ୍ରୀ ଏହି ଧାରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୫–ଟି ସଚିବ ଭି. କେ. ପାଣ୍ଡିଆନ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷା ହେମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ହକି ତାରକା ଦିଲୀପ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୧ଟା ୩୦ରେ ମୁଖ୍ୟମନ୍ତ୍ରୀ ପୁଣି ଭୁବନେଶ୍ୱର ଫେରିଯାଇଥିଲେ।

## କେନାଲକୁ ବସ୍...

୨୦–୨୨ ଫୁଟ୍ ଗଭୀର କେନାଲ ମଧ୍ୟକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ଏସ୍‌ଡିଆର୍‌ଏଫ୍ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଥିଲେ। ଖବର ଲେଖା ହେବା ସୁଦ୍ଧା ୪୫ ମୃତଦେହ ମିଳିଥିବା ସୂଚନା ରହିଛି। ମୃତକଙ୍କ ମଧ୍ୟରେ ୧୨ ପରୀକ୍ଷାର୍ଥୀ ରହିଛନ୍ତି, ଯେଉଁମାନେ ରେଲ୍‌ୱେ ଓ ଏନ୍‌ଟିପିସି ପରୀକ୍ଷା ଦେବାକୁ ବସ୍‌ରେ ଯାତ୍ରା କରୁଥିଲେ। ପାଣିରେ ସ୍ରୋତ ପ୍ରଖର ଥିବାରୁ କେତେକ ଭାସିଯାଇଥିବା ମଧ୍ୟ ଆଶଙ୍କା କରାଯାଉଛି। ଜଳସ୍ତର କମାଇବାକୁ ବାଣସାଗର କେନାଲରୁ ସିହାୱାଲ କେନାଲକୁ ପାଣି ଛଡ଼ାଯାଇଛି। ଘଟଣାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରମୁଖଙ୍କ ସମେତ ମଧ୍ୟପ୍ରଦେଶ କଂଗ୍ରେସ ସଭାପତି କମଲ ନାଥ ଏହାକୁ ଦୁର୍ଭାଗ୍ୟଜନକ କହିବା ସହ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଏବଂ ଗୁରୁତରଙ୍କ ଚିକିତ୍ସା ପାଇଁ ୫୦ ହଜାର ଲେଖାଏ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ଘଟଣା ପରେ ମଙ୍ଗଳବାର ବସିବାକୁ ଥିବା କ୍ୟାବିନେଟ ବୈଠକ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେବାକୁ ଥିବା ଗୃହ ପ୍ରବେଶ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି।

ଦୁର୍ଘଟଣା ପରେ ମଧ୍ୟପ୍ରଦେଶର ଭାଜପା ସରକାରକୁ ଘେରିଛି କଂଗ୍ରେସ। ଏଭଳି ଦୁଃଖଦ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଦେଶ କଂଗ୍ରେସ ସମ୍ପାଦକ ରାକେଶ ସିଂ ଯାଦବ କହିଛନ୍ତି, ବସ୍‌ର ପରମିଟ୍ ଓ ଫିଟ୍‌ନେସ ନ ଥିବାବେଳେ ଏହାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ନ ଥିଲା। ବେଆଇନ ଭାବେ ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ଯାଉଥିଲେ। ଏଥିପାଇଁ ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିବା ସହ ତାଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ଏଥିସହ ତୁରନ୍ତ ଶୋଚନୀୟ ରାଜପଥର ମରାମତି, ସବୁ ଗାଡ଼ିର ଫିଟ୍‌ନେସ୍ ଓ ପରମିଟ୍ ଯାଞ୍ଚ କଡ଼ାକଡ଼ି କରାଯିବାକୁ ଦାବି ହୋଇଛି।

## ମିନିଟ୍ରକ୍ ଓଲଟି...



ଚାଲିଛି। ଦୁର୍ଘଟଣା ପରେ ଗାଡ଼ିଚାଳକ ଫେରାର ହୋଇଯାଇଥିବାବେଳେ ନଂ.୨୮/୨୧ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ମୋହନା ବ୍ଲକ ଜାମଢିଅ ଗ୍ରାମର ଡିଙ୍ଗା ଦଳବେହେରାଙ୍କ ଝିଅ ଗୀତାଞ୍ଜଳିଙ୍କର ଆର୍.ଉଦୟଗିରି ବ୍ଲକ ତୁମୁନ ଗ୍ରାମର ସୁନ ରଇତଙ୍କ ପୁଅ ଟୁକୁଙ୍କ ସହ ବିବାହ ସ୍ଥିର ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ କନ୍ୟା ଓ କେତେଜଣ ସମ୍ପର୍କୀୟ ପ୍ରଥମେ ଗୋଟିଏ ଗାଡ଼ିରେ ପୁଅଘର ଅଭିମୁଖେ ବାହାରିଥିଲେ। ଏହାପରେ ଗ୍ରାମର ପ୍ରାୟ ୬୦ଜଣ ଅନ୍ୟଏକ ମିନିଟ୍ରକ୍ (ନଂ.ଓଆର୍୦୨କେ–୫୮୬୫)ରେ ବାହାରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କକଡ଼ାଗୁଡା ଗ୍ରାମ ନିକଟ ବୁଲାଣିଠାରେ ମିନିଟ୍ରକ୍‌ଟି ଭାରସାମ୍ୟ ହରାଇ ମକାବାଡ଼କୁ ଓଲଟିପଡିଥିଲା। ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ୩୨ଜଣଙ୍କୁ ଉଦ୍ଧାର କରି ଆର୍.ଉଦୟଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜୟନ୍ତ ଓ ଗାୟତ୍ରୀଙ୍କୁ ମୃତ ଘୋଷଣା କରିବା ସହ ୨୯ଜଣଙ୍କୁ ୯ଟି ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗାୟତ୍ରୀଙ୍କର ମୃତ୍ୟୁ ଘଟିଛି। ଏନେଇ ବିଏନ୍‌ପୁର ଥାନାରେ ନଂ.୭୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରିଶତ ରଇତ(୧୫), ମଣ୍ଡଳ ରଇତ (୪୦) ଓ ଦିଲିପିନି ଗମାଙ୍ଗ (୬)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତି ପ୍ରାୟ ୮ଟାରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଗଜପତି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ମୋହନା ବିଡିଓ ବଂଶୀଧର ଖୋସ୍‌ଲା ବ୍ରହ୍ମପୁର ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆହତମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆହତଙ୍କ ଆଶୁ ଆରୋଗ୍ୟ କାମନା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଗଜପତି ଜିଲାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ମୃତାହତ ହେବା ଖବର ଶୁଣି ଦୁଃଖିତ ଓ ମର୍ମାହତ। ଆହତଙ୍କ ଆଶୁ ଆରୋଗ୍ୟ କାମନା ସହ ସେ ଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ମୃତଦେହରେ କେମିକାଲ...

ଭିଡିଓ ଦେଖିବାପରେ ନାବାଳକ ଏଭଳି କାଣ୍ଡ କରିବାକୁ ଉତ୍ସାହିତ ହୋଇଥିଲେ। ଅନ୍ୟପକ୍ଷେ ପରୀ ନାବାଳକଙ୍କ ଘରକୁ ଯିବାର ଜଣେ ବ୍ୟକ୍ତି ଦେଖିଥିଲେ। ଏସ୍‌ଆଇଟି ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାକ୍ଷୀ ଭାବେ ଗ୍ରହଣ କରିଛି। ମୃତଦେହକୁ ଫିଙ୍ଗିବା ପାଇଁ ନାବାଳକ ନିଜ ଘରୁ ଅଖା ନେଇ ବାହାରକୁ ଯାଉଥିବା ଅନ୍ୟଜଣେ ଦେଖିଥିବା ବ୍ୟକ୍ତିଙ୍କୁ ମଧ୍ୟ ଏସ୍‌ଆଇଟି ଚିହ୍ନଟ କରିଛି। ସିଆର୍‌ପିସି ୧୬୪ ଦଫାରେ ଏହି ଦୁଇ ସାକ୍ଷୀଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରେକର୍ଡ କରାଯାଇଛି।

ପ୍ରକାଶ ଯେ, ଗତ ଜୁଲାଇ ୧୪ରେ ପରୀ ଘର ସମ୍ମୁଖରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ନିଖୋଜର ୧୦ଦିନ ପରେ ପରୀର ମୃତଦେହ ତାଙ୍କ ଘର ପଛପାର୍ଶ୍ୱ ଏକ ବୁଦାମୂଳରୁ ଉଦ୍ଧାର କରାଯାଇଥିଲା। ପରିବାର ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଫଳରେ ଗତ ନଭେମ୍ବରରେ ପୋଲିସର ନିଷ୍କ୍ରିୟତାକୁ ବିରୋଧ କରି ପରୀର ମା’ବାପା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାକୁ କେନ୍ଦ୍ର କରି ଭାଜପା ଓ କଂଗ୍ରେସ ଗୃହରେ ହଇଗୋଳ କରିବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ପରେ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ଏସ୍‌ଆଇଟି ଗଠନ କରି ତଦନ୍ତ ଦାୟିତ୍ୱ ଦେଇଥିଲେ।

## ପ୍ରବଚନ ଦେବାକୁ...

ହାଇକୋର୍ଟ ସାରଥିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। କୌଣସି ସାକ୍ଷୀଙ୍କୁ ପ୍ରଭାବିତ ନ କରିବା ସହ ତଦନ୍ତରେ ସହଯୋଗ ଏବଂ ବାରିମୂଳ ଆଶ୍ରମକୁ ଯିବାକୁ ବାରଣ କରାଯାଇଥିଲା। ୨ଲକ୍ଷ ଟଙ୍କା ଏବଂ ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ସାରଥି ଜୁଲାଇ ୨୫ରେ ଚୌଦ୍ୱାର ସର୍କଲ ଜେଲରୁ ଜାମିନରେ ମୁକୁଳିଥିଲେ। ୨୦୧୫ ଅଗଷ୍ଟ ୮ରେ କେନ୍ଦ୍ରାପଡ଼ା ବାରିମୂଳସ୍ଥିତ ଆଶ୍ରମରେ ସାରଥିଙ୍କ ଅନୈତିକ କାର୍ଯ୍ୟକଳାପ ସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କର ଗିରଫଦାରିକୁ ନେଇ ଆଶ୍ରମରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ବାରିମୂଳ ଆଶ୍ରମକୁ ସିଲ୍ କରାଯାଇଥିଲା। ହାଇକୋର୍ଟରେ କରାଯାଇଥିବା ଆବେଦନରେ ସାରଥି ଦର୍ଶାଇଥିଲେ ଯେ, ସେ ଜାମିନରେ ରହି ହାଇକୋର୍ଟଙ୍କ ସମସ୍ତ ସର୍ତ୍ତ ମାନିଛନ୍ତି। ଜେଲ୍‌ରୁ ବାହାରିବା ଦିନଠାରୁ ସେ ବାରିମୂଳ ଆଶ୍ରମକୁ ଯାଇନାହାନ୍ତି। ସେ କେଉଁଠି ରହୁଛନ୍ତି ସେ ସଂକ୍ରାନ୍ତରେ ସବୁବେଳେ ତଦନ୍ତକାରୀ ଅଧିକାରୀଙ୍କୁ ଅବଗତ କରି ଆସିଛନ୍ତି। କିନ୍ତୁ ତାଙ୍କୁ ପ୍ରବଚନ ପାଇଁ ଅନୁମତି ମିଳି ନ ଥିବାରୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଜାମିନ ମଞ୍ଜୁର ବେଳେ ତାଙ୍କ ଉପରେ ଲଗାଯାଇଥିବା ଏହି ସର୍ତ୍ତାବଳୀକୁ କୋହଳ କରିବା ସହ ପ୍ରବଚନ ପାଇଁ ଅନୁମତି ଦେବାକୁ ସେ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ।

## ୯୦ ଛୁଇଁଲା...

ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୧.୪୫ ଟଙ୍କା, ୯୦.୫୪ ଟଙ୍କା ଏବଂ ୯୫.୭୫ ଟଙ୍କାରେ ପହଞ୍ଚିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୪.୭୭ ଟଙ୍କା, ୮୩.୨୯ ଟଙ୍କା ଏବଂ ୮୬.୭୨ ଟଙ୍କାରେ ବିକ୍ରି କରାଯାଉଛି। ସାଧାରଣ ବଜେଟ ପରଠାରୁ ତେଲ ଦର ଉଚ୍ଚ ହାରରେ ବୃଦ୍ଧି ପାଉଛି। ଜାନୁୟାରୀ ୬ ରୁ ଫେବୃୟାରୀ ୧୬ ମଧ୍ୟରେ ମୋଟ ୨୦ ଥର ଦର ବଢ଼ିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୫.୬୦ ଟଙ୍କା ଏବଂ ଡିଜେଲ ୫.୯୯ ଟଙ୍କା ମହଙ୍ଗା ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଆମେରିକାରେ ଅଶୋଧିତ ତୈଳ (କ୍ରୁଡ୍) ଉତ୍ପାଦନ ହ୍ରାସ ପାଇଛି। ଶକ୍ତି ସମସ୍ୟା କାରଣରୁ ବଡ଼ ବଡ଼ ରିଫାଇନେରି ବନ୍ଦ ହୋଇଯିବା ଫଳରେ ତୈଳ ଉତ୍ପାଦନରେ ବାଧା ଉପୁଜିଥିବା ଜଣାପଡ଼ିଛି। ସେହିଭଳି ଶକ୍ତି ସମସ୍ୟା କାରଣରୁ ପାଇପଲାଇନ୍ ଯୋଗାଣ ମଧ୍ୟ ଠପ୍ ହୋଇଯାଇଛି। ଫଳରେ ନ୍ୟୁୟର୍କରେ ବର୍ଷରେ ପ୍ରଥମ ଥର ପାଇଁ କ୍ରୁଡ୍ ବ୍ୟାରେଲ ପିଛା ଦର ୬୦ ଡଲାରରେ ପହଞ୍ଚିଛି। ଦେଶରେ ଶକ୍ତି ସଙ୍କଟ ଯୋଗୁ ଦୈନିକ ୧.୭ ନିୟୁତ ବ୍ୟାରେଲ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହେଉଛି ବୋଲି ସୂଚନା ମିଳିଛି। କ୍ରୁଡ୍ ଅଏଲର ଉତ୍ପାଦନ ହ୍ରାସ ପାଉଥିବାରୁ ଅନ୍ତର୍ଜାତୀୟ ବଜାରରେ ଏହାର ଦର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଫଳରେ ସେହି ଅନୁପାତରେ ଭାରତରେ ତୈଳ ଦର ମଧ୍ୟ ବଢ଼ିବାରେ ଲାଗିଛି। ସରକାର ଯଥାଶୀଘ୍ର ତେଲ ଉପରେ ଲାଗୁ କରୁଥିବା ସରକାରୀ ଶୁଳ୍କର ପରିମାଣକୁ କମ୍ କରନ୍ତୁ, ନଚେତ୍ ଆଗାମୀ ଦିନରେ ତେଲ ଦର ଲିଟର ପିଛା ୧୦୦ ଟଙ୍କା ହୋଇଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ସରକାର ବଜେଟରେ ଯାହା କହିଥିଲେ ତା’ର ବିପରୀତ ଘଟଣା ବର୍ତ୍ତମାନ ସମୟରେ ଘଟୁଥିବାରୁ ସବୁ ବର୍ଗର ଖାଉଟି ସରକାରଙ୍କ ବିରୋଧରେ ସ୍ୱର ଏକ କରିଛନ୍ତି।

## ପ୍ରଥମେ ଅବମାନନା,...

ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଥିଲା। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଏ ସମ୍ପର୍କିତ ରିପୋର୍ଟ ଆସିବା ପରେ ସୁପ୍ରିମ୍‌କୋର୍ଟ ଖଣ୍ଡନ କରିଛନ୍ତି। ଏହା ପ୍ରକାଶ ପାଇବା ସମୟରେ ଅଦାଲତଙ୍କ ୱେବ୍‌ସାଇଟ୍ର କେସ୍ ସେକ୍ସନ୍ ଡାଉନ୍ ଥିଲା। ଅସାବଧାନତାବଶତଃ ଏହି ତ୍ରୁଟିକୁ ସୁଧାରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୁପ୍ରିମ୍‌କୋର୍ଟ ପକ୍ଷରୁ କୁହାଯାଇଛି। ତେବେ ଦେଶର ସବୁଠୁ ବଡ଼ ଅଦାଲତରେ ଏଭଳି ତ୍ରୁଟି କିପରି ହେଲା ସେ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରକାଶ ଯେ, ପୂର୍ବରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟରେ ଅଦାଲତ ଅବମାନନା ମାମଲା ହୋଇଥିଲା। ତାହାକୁ ନେଇ ୨୦୨୦ ଅଗଷ୍ଟରେ ଟିଭି ଉପସ୍ଥାପକ ରାଜଦୀପ ସର୍ଦ୍ଦେଶାଇ ନ୍ୟାୟପାଳିକାକୁ ସମାଲୋଚନା କରି କେତେକ ଟୁଇଟ୍ କରିଥିଲେ। ସର୍ଦ୍ଦେଶାଇଙ୍କ ଟୁଇଟ୍ ଉପରେ ଆସ୍ଥା ଖୁରାନା ୨୦୨୦ ସେପ୍ଟେମ୍ବରରେ ସୁପ୍ରିମକୋର୍ଟରେ ମାମଲା ରୁଜୁ ପାଇଁ ପିଟିଶନ ଦାଏର କରିଥିଲେ। ତେବେ ରାଜଦୀପଙ୍କ ବିରୋଧରେ ଆପରାଧିକ ଅବମାନନା ମାମଲା ଚଳାଇବା ପାଇଁ ଆଟର୍ନି ଜେନେରାଲ ବେଣୁଗୋପାଳ ଅସହମତି ପ୍ରକାଶ କରିଥିଲେ।

## ୧୯ ବର୍ଷ ପରେ...

ସେବେଠାରୁ ଭରୁକ୍ ଫେରାର ଥିଲେ। ଏଥିସହ ଘଟଣାର ଅନ୍ୟତମ ଅଭିଯୁକ୍ତ ସଲିମ ପାନୱାଲା ଏବଂ ସୌକତ ଚରଖା ପାକିସ୍ତାନରେ ଲୁଚି ଥିବା ସୂଚନା ରହିଛି। ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରିଥିବା ପୋଲିସ କହିଛି।

## କିରଣ ବେଦୀ...

ସୌନ୍ଦରରାଜନ୍ ତତ୍କାଳ ପୁଡୁଚେରୀ ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବେ। ପୁଡୁଚେରୀରେ ନୂଆ ଏଲ୍‌ଜି ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। କିରଣ ବେଦୀଙ୍କୁ କେଉଁ କାରଣରୁ ପଦରୁ ହଟାଯାଇଛି, ସେନେଇ କିଛି ସ୍ପଷ୍ଟ କରାଯାଇନାହିଁ। ତେବେ ଆସନ୍ତା ମେ’ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିରୋଧୀ କଂଗ୍ରେସ ତାଙ୍କୁ ବାରମ୍ବାର ଟାର୍ଗେଟ କରୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କାମ ହାସଲ କ୍ଷେତ୍ରରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଗୃହରେ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ଅନିୟମିତ ଆହାର ଗ୍ରହଣରେ ଶରୀର କଷ୍ଟ ଅନୁଭବ କରିପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ** ଆଜି ଦିନଟିରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** ବାରମ୍ବାର ପାଇବା ଜିନିଷର ଅନିଶ୍ଚିତତା ମନରେ ଗଭୀର ଆଲୋଡନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ବିଭିନ୍ନ କାରଣକୁ ନେଇ ଅସ୍ଥିରତା ଲାଗି ରହିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତିଲାଭ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। କର୍ମକ୍ଷେତ୍ରରେ ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ କାମରେ ଯୋଗଦେଇପାରନ୍ତି।

**ତୁଳା** ବହୁ ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** ଆନୁଷ୍ଠାନିକ କାମ ସକାଶେ ଆଜିର ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଶୁଭକାର୍ଯ୍ୟରେ ଯୋଗଦେଇ ଦୀର୍ଘ ଦିନର ଅଦେଖା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସମ୍ପର୍କୀୟ କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ସନ୍ଦେହୀ ହୋଇ ଉଠିବେ। ପରିବାରର ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ।

**ଧନୁ** ଅତୀତ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି, ଆପଣଙ୍କର ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଶାରୀରିକ ଅସୁସ୍ଥତା କର୍ମକ୍ଷେତ୍ରକୁ ସ୍ଥଗିତ ରଖିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଉପକୃତ ହେବେ।


**କୁମ୍ଭ** ସମସ୍ୟାକୁ ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ସମ୍ଭାଳିନେବେ। ସରଳବିଶ୍ୱାସ କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପାରିବାରିକ ଅସ୍ଥିରତା ହେତୁ ବୃଦ୍ଧି ପାଇବା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ।

**ମୀନ** ମାନସିକ ଅସୁସ୍ଥତା ଲାଗି ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମେଳରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଆଜି ଶେଷ କରିବାକୁ ଭାବୁଥିବା କାମ ଶେଷ କରିପାରିବେନି।

ଆଜି ମାଘ ଶୁକ୍ଳ ଷଷ୍ଠୀ ବୁଧବାର, ଫେବୃୟାରୀ ୧୭ ତାରିଖ। ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬.୧୮ମି. ଗତେ ଘ.୦୭.୪୯ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୩୭ମି. ମଧ୍ୟେ, ଘ.୦୩.୨୬ମି. ଗତେ ଘ.୦୪.୫୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୪ମି. ଗତେ ଘ.୦୩.୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ୧୨.୦୦ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302



MATRIMONIAL

**BRIDE WANTED**

Teli groom 32, fair, settled Engineer (Early marriage). Caste no bar. 9337197338. D-19945

**GROOM WANTED**

Wanted fresh, divorcee, Widower groom for Lecturer 39+, Bank 37+, Engineer 32+. 9338901177. D-19946

automobile

**SALE**

Swift D’zire 2016 VDI Diesel, Swift D’zire-2016 (Petrol), Swift D’zire 2009 (Diesel). 7381091234, 9861194627. D-70182

**HIRE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804

real estate

**SALE**

Bhubaneswar, Patia ready possession plot sqft. 666/-, Dhauli 666/-. 7381482078. D-56668

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745. D-70161

6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112. D-70163

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415 D-19781

For sale- 3stored building area 6500sqft. land area 3500sqft. at Jagannathnagar, Bhubaneswar @ 2.5cr. Only buyer Contact: 8984290141. D-19947

**PURCHASE**

Residential house for purchase. Needed in Satya Nagar and Unit-9. 9583193694. D-70223

construction

For construction only in your plot inside Bhubaneswar area, contact MRC-9937064680. D-27287

to-let

3BHK, ground floor, Bharatpur GA plot, 24hr water supply. 8093515429, 7008162351. D-70427

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-19726

healthcare

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

Swarna SPA newly open positively health benefits with expert therapist. 9556978408. D-70529

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୯୮,୨୬,୭୧୬ | ୨୪,୨୨,୭୧୨ | ୮,୪୪,୦୨,୦୬୪ |
| ଭାରତ | ୧,୦୯,୩୧,୪୯୨ | ୧,୫୫,୮୮୩ | ୧,୦୬,୩୭,୭୪୩ |
| ଓଡ଼ିଶା | ୩,୩୬,୩୨୨ | ୧୯୧୨(+୫୩) | ୩,୩୩,୭୦୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ୍‌ର ଶିଳାନ୍ୟାସ ଅବସରରେ ରାଉରକେଲା ବିପିୟୁଟି ପରିସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ । କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ବୋଧନ ଦେଉଛନ୍ତି ।



ସଭାସ୍ଥଳରେ ରାଉରକେଲା ବିଧାୟକ ସାରଦା ନାୟକ ଏବଂ କ୍ରୀଡ଼ା ମନ୍ତ୍ରୀ ଆଦିବାସୀ ମହିଳାଙ୍କ ସହ ନାଚୁଛନ୍ତି ।



ବରଗଡ଼ ଜିଲାରୁ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ଜଣେ ପ୍ରଶଂସକ ।



ସଭାରେ ଉପସ୍ଥିତ ମହିଳା ଓ ଅନ୍ୟମାନେ ।

# ଝଡ଼ବର୍ଷା ଆଶଙ୍କା, ୨୨ରୁ ବଢ଼ିବ ତାତି

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ଓଡ଼ିଶା ଉପର ଦେଇ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଉଭୟ ଆରବ ଓ ବଙ୍ଗୋପ ସାଗର ଆଡ଼ୁ ଜଳୀୟ ବାଷ୍ପ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ୧୭ରୁ ୨୦ ତାରିଖ ଯାଏ ରାଜ୍ୟର ଅଧିକାଂଶ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ଜିଲାରେ ଘଡ଼ଘଡ଼ି ସହ ଝଡ଼ତୋଫାନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ସହିତ କୁଆପଥର ପଡ଼ିବା ଆଶଙ୍କା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୧୮ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ବଲାଙ୍ଗୀର, ନୂଆପଡ଼ା ଏବଂ ବରଗଡ଼ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ତୋଫାନ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏଥିସହିତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ୧୯ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ବୌଦ୍ଧ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ରାଜ୍ୟରେ ତାତି ମଧ୍ୟ ବଢ଼ି ଚାଲିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବାଧିକ ୩୫.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୫.୧, ସୋନପୁର ୩୫.୨, ବାରିପଦା ୩୪, ସମ୍ବଲପୁର ୩୪.୨, ତାଳଚେର ୩୪.୩, ଭବାନୀପାଟଣା ୩୪.୫, ନୟାଗଡ଼ ୩୪.୫, ବୌଦ୍ଧ ୩୩, ବଲାଙ୍ଗୀର ୩୩.୮, ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବର୍ଷା ସମ୍ଭାବନା ଥିବାରୁ ୧୮ ତାରିଖରୁ ପାରଦ ତଳକୁ ଖସିବ। ପୁଣି ୨୨ ତାରିଖରୁ ବଢ଼ିବ ବୋଲି ଅନୁମାନ କରାଯାଇଛି।

# ଆଜି ବିଧାୟକ ଦଳ ବୈଠକ

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ବିଧାନସଭା ବଜେଟ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ନେଇ ବିଧାନସଭା ସଚିବ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବଜେଟ୍ ଅଧିବେଶନ ପୂର୍ବରୁ ବିଜେଡି, ଭାଜପା ଏବଂ କଂଗ୍ରେସ ବିଧାୟକ ଦଳ ବୈଠକ ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୫ଟା ୩୦ମିନିଟ୍‌ରେ ବୈଠକ ବସିବ। ସେହିପରି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ସରକାରୀ ବାସଭବନରେ ଭାଜପା ବିଧାୟକ ଦଳ ବୈଠକ ବସିବ। ଅନ୍ୟପଟେ ସନ୍ଧ୍ୟା ୬ଟାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ। ସବୁ ଦଳ ନିଜ ନିଜର ରଣନୀତି ପ୍ରସ୍ତୁତ କରି ଗୁରୁବାର ଆରମ୍ଭ ହେବାକୁ ଥିବା ବେଜେଟ୍ ଅଧିବେଶନରେ ପାଦ ରଖିବେ ବୋଲି ଜଣାପଡିଛି। ରାଜ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲେ ମଧ୍ୟ ମୁଖ୍ୟତଃ ମଣ୍ଡିରେ ଚାଷୀ ଧାନ ବିକ୍ରି ନ କରିପାରିବା ଏବଂ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ସରକାର ପଞ୍ଚାୟତ ନିର୍ବାଚନ କରିବା ଭଳି ସମସ୍ୟା କଥା ବିରୋଧୀ ଜୋରଦାର କରିବେ। ସେହିପରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ମଧ୍ୟ ବିରୋଧୀ ସ୍ୱର ଉଠାଇବେ। ଏଭଳି ସ୍ଥିତିରେ ଲିଙ୍ଗରାଜ ମନ୍ଦିର ଉପରୁ ବାଇ-ଲ ପ୍ରତ୍ୟାହାର ପ୍ରସଙ୍ଗ ଏବଂ ତେଲ ଦର ବୃଦ୍ଧି କଥାକୁ ବିଜେଡି ଜୋରଦାର ଉଠାଇବ ବୋଲି ଜଣାପଡିଛି।

# ମହାପ୍ରଭୁଙ୍କୁ ୨.୫ କୋଟିର ଅଳଙ୍କାର



**ପୁରୀ ଅଫିସ, ୧୬।୨**

ବସନ୍ତପଞ୍ଚମୀ ତଥା ରଥକାଠ ଅନୁକୂଳ ଅବସରରେ ମଙ୍ଗଳବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ଜନୈକ ଭକ୍ତ ୮କିଲୋରୁ ଊର୍ଦ୍ଧ୍ୱ ଓଜନର ସୁନା ଓ ରୁପା ଅଳଙ୍କାର ଦାନ କରିଛନ୍ତି। ଏହି ଅଳଙ୍କାର ମଧ୍ୟରେ ବଳଭଦ୍ରଙ୍କର ୪୦ଟି ଶ୍ରୀମୁଖ ପଦ୍ମ, ୨ଟି ଖୋବା, ଶ୍ରୀଜଗନ୍ନାଥଙ୍କର ୫୩ଟି ଶ୍ରୀମୁଖ ପଦ୍ମ, ୨ଟି ଖୋବା ଏବଂ ମା' ସୁଭଦ୍ରାଙ୍କର ୨ଟି ତଟକି ଓ ୨ଟି ଖୋବା ରହିଛି। ଏସବୁ ଅଳଙ୍କାର ମଧ୍ୟରେ ୪ କେଜି ୮୫୮ ଗ୍ରାମର ସୁନା ରହିଥିବା ବେଳେ ୩ କେଜି ୮୭୬ ଗ୍ରାମର ରୁପା ରହିଛି। ଏହାର ମୂଲ୍ୟ ପ୍ରାୟ ଅଢ଼େଇ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କୁ ଭେଟି ଦାତାଙ୍କ ପ୍ରତିନିଧି ଏହି ଦାନ କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ମାଧବ ପୂଜାପଣ୍ଡା ସାମନ୍ତ, ତଲୁଛ ନୀଳକଣ୍ଠ ମହାପାତ୍ର ଓ ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦାତାଙ୍କ ନାମ ଗୋପନ ରଖାଯାଇଛି।

# 'ଶକ୍ତି କ୍ଷେତ୍ରରେ ସନ୍ତୁଳନ ପାଇଁ ମଡେଲ ତିଆରି ଚାଲିଛି'

**ଭୁବନେଶ୍ୱର, ୧୬।୨ (ବ୍ୟୁରୋ)**

ଶକ୍ତି କ୍ଷେତ୍ରରେ ଉପଲବ୍ଧି ଏବଂ ଦରରେ ସନ୍ତୁଳନ ଆଣିବା ଲାଗି ଭାରତ ଉର୍ଜା ନ୍ୟାୟର ଏକ ବିଶ୍ୱସ୍ତରୀୟ ମଡେଲ ତିଆରି କରୁଛି। ସବୁଜ ଶକ୍ତି ରୂପାନ୍ତର ପାଇଁ ରଣନୀତି ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଙ୍ଗଳବାର ଡିଜିଟାଲ ମୋଡ୍‌ରେ ଆୟୋଜିତ ୧୧ତମ ବିଶ୍ୱ ପ୍ରୋଟୋକଲ କଂଗ୍ରେସ ଓ ବିଶ୍ୱ ଭବିଷ୍ୟତ ଇନ୍ଧନ ସମ୍ମିଳନୀ-୨୦୨୧ ଆଲୋଚନାରେ ଅଂଶଗ୍ରହଣ କରି ସେ ଏହି ସୂଚନା ଦେଇଛନ୍ତି। ଭବିଷ୍ୟତରେ ଭାରତର ଶକ୍ତି ଚାହିଦା ବୃଦ୍ଧି ପାଇବ। ସବୁଜ ଶକ୍ତିର ଅଧିକ ବ୍ୟବହାର ଏବଂ ପ୍ରଦୂଷଣ ହ୍ରାସ କରିବା ଲାଗି ଏବେଠାରୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ୨୦୪୦ ସୁଦ୍ଧା ବିଶ୍ୱରେ ମୋଟ ପ୍ରାଥମିକ ଶକ୍ତିର ଚାହିଦା ବାର୍ଷିକ ୧%ରୁ କମ୍ ବୃଦ୍ଧି ପାଇପାରେ। ହେଲେ ଭାରତର ଏହା ୩% ଯାଏ ବୃଦ୍ଧି ପାଇବ ବୋଲି ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା, ଓପେକ ଏବଂ ବ୍ରିଟିଶ ପେଟ୍ରୋଲିୟମ୍‌ର ରିପୋର୍ଟରେ ଆକଳନ କରାଯାଇଛି। ଗତ ୬ ବର୍ଷରେ ଏଲ୍‌ପିଜି ଦୃଶ୍ୟପଟ ପରିବର୍ତ୍ତନ ହୋଇଛି। ୨୦୧୪ରେ ଏଲ୍‌ପିଜି ଉପଭୋକ୍ତା ସଂଖ୍ୟା ୧୪.୫ କୋଟି ଥିବାବେଳେ ୨୦୨୧ରେ ଏହା ୨୯ କୋଟିରେ ପହଞ୍ଚିଛି। ଏଲ୍‌ପିଜି କଭରେଜ୍ ୫୬ ପ୍ରତିଶତରୁ ବଢ଼ି ୯୯.୫ ପ୍ରତିଶତ ହୋଇଛି। ଉଜ୍ଜ୍ୱଳା ଯୋଜନାରେ ୮ କୋଟି ବିପିଏଲ୍ ପରିବାରକୁ ଗ୍ୟାସ୍ ଦିଆଯାଇଛି। ଏହା ମହିଳାଙ୍କ ସାମାଜିକ ଓ ଅର୍ଥନୀତିକୁ ପରିବର୍ତ୍ତନ କରିବା ସହ ସଶକ୍ତୀକରଣ ମଧ୍ୟ କରିପାରିଛି। ଚଳିତ ସାଧାରଣ ବଜେଟରେ ଉଜ୍ଜ୍ୱଳା ଯୋଜନାରେ ଅଧିକ ୧ କୋଟି ହିତାଧିକାରୀଙ୍କୁ ଯୋଡ଼ିବା ଲାଗି ଘୋଷଣା କରାଯାଇଛି। ଏହା ସର୍ବଭାରତୀୟସ୍ତରରେ କଭରେଜ୍ ହାସଲ କରିବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ରାଜପଥରେ ୫୦ ହାତୀ



**ଢେଙ୍କାନାଳ ଅଫିସ, ୧୬।୨**

ଢେଙ୍କାନାଳ ସଦର ରେଞ୍ଜ୍ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ହଳଦିଆବାହାଳ ନିକଟସ୍ଥ ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଏକ ପଲରେ ୫୦ ହାତୀ ସାଜିଥିଲେ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହାକୁ ନେଇ କିଛି ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏତେ ସଂଖ୍ୟାରେ ହାତୀକୁ ନିକଟରେ ଦେଖିବାକୁ ଯାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟକୁ କେତେଜଣ ମୋବାଇଲରେ ଟୋଳି ଧରିବା ସୁଯୋଗ ହାତଛଡ଼ା କରି ନ ଥିଲେ।

ଉକ୍ତ ହାତୀପଲ ପରଜଙ୍ଗ ଥାନା ମହାବିରୋଡ ରେଞ୍ଜ୍ ପଟରୁ ବ୍ରାହ୍ମଣୀ ନଦୀ ପାର ହୋଇ ୫୫ନଂ. ଜାତୀୟ ରାଜପଥ ନିକଟ ମଠରଗଡ଼ି ସଂରକ୍ଷିତ ଜଙ୍ଗଲକୁ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। ହାତୀପଲ ରାସ୍ତା ପାର ହେଉଥିବା ସମୟରେ ସୁରକ୍ଷା ଦୃଷ୍ଟିରୁ ବନ କର୍ମଚାରୀ ଉପସ୍ଥିତ ଥିଲେ। ୫୫ନଂ. ଜାତୀୟ ରାଜପଥର ଅନେକ ସ୍ଥାନ ହାତୀଙ୍କ ନିୟମିତ ଚଳାପଥ। ଏଣୁ ହାତୀମାନେ ଉକ୍ତ ପଥ ଦେଇ ଉଭୟ ପାର୍ଶ୍ୱକୁ ଯାତାୟାତ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।




"ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଗୁଡ଼ିକ ଆର୍ଥିକ ବଳ ପ୍ରଦାନ କରି ଲୋକଙ୍କୁ ଜୀବନର ଅନିଶ୍ଚିତତାକୁ ସାମନା କରିବା ଏବଂ ପରିବାରକୁ ଆର୍ଥିକ ସଙ୍କଟରୁ ଉତ୍ତୀର୍ଣ୍ଣ ହେବା ନିମନ୍ତେ ସକ୍ଷମ କରିଥାଏ "

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ନିଜର ନିରାପତ୍ତା, ନିଜ ପରିବାରର ସୁରକ୍ଷା

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ 21.87 କୋଟି ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ 9.70 କୋଟି ଲୋକ ନାମାଙ୍କନ କରିଛନ୍ତି



ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ପାଖାପାଖି ₹4900 କୋଟିର ଆର୍ଥିକ ସହାୟତା ଅଭାବଗ୍ରସ୍ତ ଲୋକଙ୍କ ଭିତରେ ବଣ୍ଟନ କରା ଯାଇଛି ।

ଆଜି ହିଁ ନାମାଙ୍କନ କରନ୍ତୁ

ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

₹2 ଲକ୍ଷର ଜୀବନ ବୀମା ମାତ୍ର ₹330 ର ବାର୍ଷିକ ପ୍ରିମିୟମରେ
- ବୟସ ଶ୍ରେଣୀ: 18-50ବର୍ଷ
- ବ୍ୟାଙ୍କ/ଡାକଘର ଖାତାରୁ ପ୍ରିମିୟମ ଅଟୋ ଡେବିଟ
- ବାର୍ଷିକ ନବୀକରଣ

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

₹2 ଲକ୍ଷର ଦୁର୍ଘଟଣା ବୀମା ମାତ୍ର ₹12 ର ବାର୍ଷିକ ପ୍ରିମିୟମରେ
- ବୟସ ଶ୍ରେଣୀ: 18-70ବର୍ଷ
- ବ୍ୟାଙ୍କ/ଡାକଘର ଖାତାରୁ ପ୍ରିମିୟମ ଅଟୋ ଡେବିଟ
- ବାର୍ଷିକ ନବୀକରଣ

ଉଭୟ ଯୋଜନା ଆପଣଙ୍କ ପରିବାରର ଭବିଷ୍ୟତକୁ ଦିଏ ସୁରକ୍ଷାର ଲାଭ

ନାମାଙ୍କନ ପାଇଁ ନିଜର ନିକଟସ୍ଥ ବ୍ୟାଙ୍କ ଶାଖା/ବୀମା କାର୍ଯ୍ୟାଳୟ/ ଡାକଘର ସହ ସମ୍ପର୍କ କରନ୍ତୁ

ଦୁର୍ଘଟଣା/ମୃତ୍ୟୁ ପର ଠାରୁ 30 ଦିନ ଭିତରେ ଦାବି ପ୍ରସ୍ତୁତ କରିବା ବାଞ୍ଛନୀୟ

ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ
ଆର୍ଥିକ ସେବା ବିଭାଗ

ଅଧିକ ସୂଚନା ପାଇଁ କଲ କରନ୍ତୁ 1800 180 1111 (ଟୋଲ ଫ୍ରି)
ଭିଜିଟ କରନ୍ତୁ @DFS_India | www.jansuraksha.gov.in/www.pmjdy.gov.in

ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ–ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। –ଶ୍ରୀମା



# ବ୍ୟବସ୍ଥା ଭଗବାନ ନୁହେଁ

ଗଣତନ୍ତ୍ରରେ ସବୁଠୁ ଉର୍ଦ୍ଧ୍ୱରେ ନାଗରିକ। ସରକାର ଗଢ଼ି କ୍ଷମତାରେ ରହୁଥିବା ବ୍ୟକ୍ତି ଅସ୍ଥାୟୀ। ଶାସନ ଦାୟିତ୍ୱ ନେଇଥିବା ବ୍ୟକ୍ତି ନିଜକୁ ସର୍ବେସର୍ବା ଭାବିଲେ ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହୋଇଗଲା ବୋଲି ଧରିନେବାକୁ ହେବ। ଏବେ ଭାରତରେ କ୍ଷମତାର ସର୍ବୋଚ୍ଚରେ ଥିବା ବ୍ୟକ୍ତିଙ୍କୁ ସମାଲୋଚନା କରାଗଲେ କୁହାଯାଉଛି ଦେଶଦ୍ରୋହ କାର୍ଯ୍ୟ କରାଗଲା। ବାସ୍ତବରେ ଦେଖିଲେ ଦେଶରେ ସବୁକିଛି ଠିକ୍‌ରେ ଚାଲିବା ଲାଗି ଏକ ବ୍ୟବସ୍ଥା ବା ଢାଞ୍ଚା ସୃଷ୍ଟି କରାଯାଇଛି। କାରଣ ପୂର୍ବରୁ ହୁନ, ମୋଗଲ ଓ ବିଲାତି ଲୋକଙ୍କ ଦ୍ୱାରା ଶାସିତ ହୋଇଥିବା ଭାରତୀୟଙ୍କ ପାଇଁ କାହା ଅଧୀନରେ ପୁନର୍ବାର ନ ରହିବା ଉଦ୍ଦେଶ୍ୟରେ ଗଣତନ୍ତ୍ରକୁ ଅଗ୍ରାଧିକାର ଦିଆଯାଇଥିଲା। ସମ୍ବିଧାନରେ ଫଣ୍ଡାମେଣ୍ଟାଲ ରାଇଟ୍‌ସ ବା ମୌଳିକ ଅଧିକାର ଏବଂ ଡାଇରେକ୍ଟିଭ୍ ପ୍ରିନ୍ସିପୁଲ୍ସ ବା ନିର୍ଦ୍ଦେଶକ ନୀତିକୁ ସନ୍ନିବେଶିତ କରାଯାଇଛି। ଏଭଳି ନିୟମ ସୃଷ୍ଟି କରାଯିବା ପଛରେ ଏକ ମହତ୍ ଲକ୍ଷ୍ୟ ରହିଥିଲା। ଯଦି କେତେବେଳେ କୌଣସି ଶାସକଙ୍କ ଦ୍ୱାରା ନାଗରିକଙ୍କ ଅଧିକାରକୁ ସଙ୍କୁଚିତ ହୋଇଯିବାର ଅପଚେଷ୍ଟା ହୁଏ, ତେବେ ସେହି ନାଗରିକଙ୍କୁ ସୁରକ୍ଷା ଦେବା ସକାଶେ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି।

ବିଶ୍ୱବ୍ୟାପୀ ଜଣାଶୁଣା ଯେ ଚାଇନା, ଉତ୍ତର କୋରିଆ, ରୁଷିଆ ଭଳି ରାଷ୍ଟ୍ରରେ ରାଷ୍ଟ୍ରମୁଖ୍ୟ ସର୍ବେସର୍ବା ବିବେଚିତ ହେଉଥିବାରୁ ସେମାନଙ୍କୁ ସମାଲୋଚନା କଲେ ଜେଲ ଯିବାକୁ କିମ୍ବା ମୃତ୍ୟୁବରଣ କରିବାକୁ ପଡ଼ିଥାଏ। କିନ୍ତୁ ଗଣତନ୍ତ୍ରରେ ସମାଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଏହି ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି ଅସ୍ଥାୟୀ ହୋଇଥିବାରୁ ନ୍ୟାୟାଳୟ ଏବଂ ଅମଲାତନ୍ତ୍ରକୁ ଭାରସାମ୍ୟ ରକ୍ଷା କରିବାର ଏବଂ ପରସ୍ପରକୁ ଜଗିବାର ଦାୟିତ୍ୱ ଦିଆଯାଇଛି। ହେଲେ ଏବେ ନ୍ୟାୟପାଳିକା ସରକାରଙ୍କ ସହ ମିଶିଯାଇଥିବାରୁ ନାଗରିକଙ୍କ କଷ୍ଟ ଆହୁରି ବଢ଼ିଯାଇଛି।

ନୂଆ ଭାରତ ଚିନ୍ତା କରୁଥିବା ଶୀର୍ଷ ନେତାମାନେ ଦଳ ଓ ନିଜର ସୁବିଧା ଲାଗି ଆଇନକାନୁନ ମୋଡ଼ିବାରେ ଲାଗିପଡ଼ିଛନ୍ତି, ଯାହା ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କଲାଣି। ସଦ୍ୟ ଘଟଣାକୁ ଦେଖିଲେ 'ସିଟିଜେନ୍ସ ଟୁ ସ୍ୱାଏ ଅନ୍ ସିଟିଜେନ୍ସ' ବା ନାଗରିକଙ୍କ ଉପରେ ନଜର ରଖିବା ପାଇଁ ନାଗରିକଙ୍କୁ ବ୍ୟବହାର କରିବା କାର୍ଯ୍ୟକ୍ରମ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଛି। ଏଥିରେ ନାଗରିକମାନଙ୍କୁ ଭଲ୍ୟୁଣ୍ଟିର ବା ସ୍ୱେଚ୍ଛାସେବକ ଭାବେ ନିଯୁକ୍ତି ଦିଆଯିବ। ସେମାନେ ସୋସିଆଲ୍ ମିଡିଆ ମଞ୍ଚରେ ଶିଶୁଙ୍କୁ ନେଇ ଅଶ୍ଳୀଳ ଫଟୋ ଓ ଭିଡିଓ, ବଳାତ୍କାର, ଆତଙ୍କବାଦ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପ ଆଦି ବେଆଇନ ବିଷୟବସ୍ତୁକୁ ଚିହ୍ନଟ କରି ରିପୋର୍ଟ ଦେବେ। ଏବେକାର ଭାରତରେ ଯେଉଁ ସ୍ଥିତି ଉପୁଜିଛି, ସେଥିରୁ ମନେହେଉଛି ଯେ, ଏହି ନାଗରିକ ସେନା ବିଶେଷକରି ସରକାରରେ ଥିବା ରାଜନେତାଙ୍କ ବିରୋଧରେ ମତ ଦେଉଥିବା ବ୍ୟକ୍ତି ଏବଂ ଆକାଉଣ୍ଟ ଉପରେ କଡ଼ା ନଜର ରଖିବେ। ସେମାନଙ୍କ ବିରୋଧରେ ଦେଶଦ୍ରୋହୀ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେଉଛି ମୂଳଲକ୍ଷ୍ୟ। ଆଜିର ଶାସକମାନେ ପାରମ୍ପରିକ ଗଣମାଧ୍ୟମକୁ ବହୁଳମାତ୍ରାରେ ନିଜ ଅକ୍ତିଆରକୁ ନେଇ ସାରିଲେଣି। ସୋସିଆଲ ମିଡିଆର ପରିସର ବ୍ୟାପକ ଓ ମୁକ୍ତ ଚିନ୍ତନ ହୋଇଥିବାରୁ ତାହା ଉପରେ ସହଜରେ ନିୟନ୍ତ୍ରଣ ଲଗାଯାଇପାରୁ ନାହିଁ। ଟୁଇଟର ଓ ଫେସ୍‌ବୁକ୍ ଭଳି ବହୁରାଷ୍ଟ୍ରୀୟ କମ୍ପାନୀକୁ ସରକାରୀ ନିୟନ୍ତ୍ରଣରେ ଆଣିବା କଷ୍ଟକର ପ୍ରମାଣିତ ହେଉଛି। ସେଥିପାଇଁ ଭୟର ବାତାବରଣ ସୃଷ୍ଟି କରି ଭାରତୀୟଙ୍କୁ ଦମନ କରି ରଖିବା ଏବେ ନୂଆ ଭାରତର କୌଶଳ ଭାବେ ଜନ୍ମ ନେଇଛି। କୃଷକ ଆନ୍ଦୋଳନ ଆରମ୍ଭରୁ ସୋସିଆଲ ମିଡିଆରେ ସରକାର ବିରୋଧୀ ମତ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ହଇରାଣ ହରକତ କରାଯାଉଛି। ଏବେଯାଏ ସରକାରଙ୍କ ସମର୍ଥକମାନେ ଲୁଚାଛପାରେ ଶାସକ ବିରୋଧୀ ମତ ରଖୁଥିବା ଲୋକଙ୍କୁ ଚିହ୍ନଟ କରୁଥିଲେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଆସୁଛି। ଏହାର ଅନେକ ଉଦାହରଣ ଜନସାଧାରଣ ଦେଖି ସାରିଲେଣି। ସଦ୍ୟ ଦିଶା ରବି ଘଟଣା ଉଲ୍ଲେଖନୀୟ। ବର୍ତ୍ତମାନ ନାଗରିକଙ୍କ ଉପରେ ନାଗରିକ ନଜର ରଖିବା କାର୍ଯ୍ୟ ଜାରି ରହିଲେ ବିରୋଧର ସ୍ୱର ଦବିଯିବ। କାରଣ ଲୋକଙ୍କ ପଛରେ ଯେଉଁ ଲୋକଙ୍କୁ ଲଗାଇ ଦିଆଯିବ ସେଥିରେ ବ୍ୟବସ୍ଥା ବିରୋଧରେ କିଏ ସ୍ୱର ଉଠାଉ ଥାଆନ୍ତୁ ବା ନ ଥାଆନ୍ତୁ, ଚିହ୍ନଟକାରୀଙ୍କ ତାଲିକା ଚୂଡ଼ାନ୍ତ ହେବ ଏବଂ ସେହି ଅନୁଯାୟୀ ନାଗରିକ ଦଣ୍ଡିତ ହେବା ଥୟ। ଏହା ହେଉଛି ବିଭାଜନ ରାଜନୀତିର ଶୀର୍ଷ ପଦକ୍ଷେପ। ଏହି ବ୍ୟବସ୍ଥାରେ ପଡ଼ୋଶୀ ନିଜ ପଡ଼ୋଶୀକୁ ସନ୍ଦେହରେ ଦେଖିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବେ। ଏଭଳି ସ୍ଥିତି ଉପୁଜିଲେ କୌଣସି କ୍ଷମତାସୀନ ବ୍ୟକ୍ତିଙ୍କୁ ପ୍ରଶ୍ନ କରିହେବ ନାହିଁ। ଏଠାରେ ଗଣତନ୍ତ୍ର ରହିବ କିମ୍ବା ନ ରହିବ ମୂଳ ପ୍ରଶ୍ନ ନୁହେଁ। ସାଧାରଣ ନାଗରିକର ସୁରକ୍ଷା ଓ ମୌଳିକ ସୁବିଧା ଦାବି କରିବା ମଧ୍ୟ ସମ୍ଭବପର ହେବ ନାହିଁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 6 | | 0 | | | | | | | 9 | | 4 | |
| | | | 5 | 6 | | | C | E | D | 2 | | A | | |
| | | | | D | | 0 | | | 3 | | 7 | C | | 2 |
| | | A | | | C | | | 6 | | | 8 | | | |
| 9 | | | | | B | | | 2 | 0 | | | | | |
| | | E | 8 | 2 | | | | 5 | | | | | 7 | |
| | C | | 1 | | E | | | | | 4 | | | 5 | |
| 4 | 7 | | 6 | B | 5 | | | C | 8 | | | | | |
| 3 | A | D | C | | | | 0 | | | | | 8 | | 6 |
| 0 | | | | | | | | 7 | | C | 1 | B | 2 | 4 |
| | | | | | | | | | | A | | D | | 8 |
| 2 | 6 | 8 | | 5 | | | | | | B | E | 7 | C | |
| | 5 | B | | | | | 7 | D | | 0 | 3 | E | 1 | |
| | 0 | | | | | | | | 5 | | 2 | | | 9 |
| | | | A | | | | 4 | | 9 | | C | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 7 | 3 | 2 | B | A | 0 | 1 | D | 8 | 6 | 5 | 4 | E |
| 0 | A | 4 | 5 | E | 8 | C | 7 | 2 | B | 3 | 9 | 1 | D | 6 |
| D | 3 | E | 1 | C | 7 | 9 | 8 | 6 | 4 | 2 | 5 | B | A | 0 |
| 6 | 5 | 2 | 0 | 9 | 4 | 3 | D | B | 1 | A | E | C | 8 | 7 |
| 1 | 8 | B | 6 | A | D | 5 | E | 4 | 7 | C | 0 | 3 | 9 | 2 |
| 3 | 4 | 6 | 7 | 1 | 2 | D | A | C | 5 | 0 | 8 | 9 | E | B |
| 2 | 7 | D | E | 5 | C | 0 | 4 | 8 | 9 | B | 1 | 6 | 3 | A |
| C | E | 9 | B | 8 | A | 1 | 3 | 5 | 6 | D | 7 | 0 | 2 | 4 |
| A | 1 | 0 | D | 6 | 9 | 2 | B | E | C | 4 | 3 | 7 | 5 | 8 |
| 5 | B | 8 | 4 | 3 | 0 | 7 | 6 | 9 | A | E | 2 | D | C | 1 |
| 7 | 9 | 3 | A | D | 6 | 4 | 2 | 0 | E | 1 | C | 8 | B | 5 |
| 8 | 0 | A | 9 | B | 3 | 6 | 5 | D | 2 | 7 | 4 | E | 1 | C |
| E | 6 | C | 2 | 7 | 5 | 8 | 1 | A | 3 | 9 | B | 4 | 0 | D |
| B | D | 5 | 8 | 4 | 1 | E | C | 3 | 0 | 6 | A | 2 | 7 | 9 |
| 4 | 2 | 1 | C | 0 | E | B | 9 | 7 | 8 | 5 | D | A | 6 | 3 |

ଗତକାଲିର ଉତ୍ତର

# ସୀମାରେ ସାମାଜିକ ବାଡ଼



ଶୁଭନାରାୟଣ ଶତପଥୀ

ଓଡ଼ିଶାର ୧୪ଟି ଜିଲାର ସୀମା ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟର ସୀମାରେଖା ସହ ସଂଲଗ୍ନ। ପଡ଼ୋଶୀ ରାଜ୍ୟଗୁଡ଼ିକ ସହ କେଉଁଠି ଜଳକୁ ନେଇ ତ କେଉଁଠି ଭୂମିକୁ, ଆଉ କେଉଁଠି ଜଙ୍ଗଲକୁ ନେଇ ସମୟାନ୍ତରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯେମିତିକି ଶଙ୍ଖମେଡ଼ି, ଷଢ଼େଇକଳା, ଖରସୁଆଁ, ମହାନଦୀ, ମେଦିନାପୁର ସଂପର୍କିତ ବିଷୟ। ପ୍ରକାରାନ୍ତରେ ଏ ବିବାଦ କେଉଁଠି କେମିତି ରାଜନୀତି, ଅର୍ଥନୀତି, ସ୍ୱାଭିମାନକୁ ନେଇ ପ୍ରଶ୍ନ ଉଠାଏ। ଏସବୁ ପରିସ୍ଥିତି ଭିତରେ ସମସ୍ୟା ଓ ସମାଧାନର ଧାରଣା ଦେଇ ଓଡ଼ିଶାର ପ୍ରଗତି ରଥ ଆଗେଇ ଚାଲିଛି। ସଂପ୍ରତି କୋଟିଆକୁ ନେଇ ଓଡ଼ିଶା–ଆନ୍ଧ୍ର ମଧ୍ୟରେ ବିବାଦ ଘନେଇଛି। ଇତିହାସ କୁହେ, କୋଟିଆ ଓଡ଼ିଶାର। କେବଳ ଭାଷାଭିତ୍ତିକ ରାଜ୍ୟ ଗଠନଠାରୁ ନୁହେଁ ବରଂ ଏହା ଜୟପୁର ଷ୍ଟେଟ୍‌ର ଅଭିନ୍ନ ଅଙ୍ଗ। ସେଠାକାର ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ଅଙ୍ଗନୱାଡ଼ି, ଅନ୍ୟାନ୍ୟ ଭିତ୍ତିଭୂମି, ଭାଷାଗତ ଭାବନା, ଚାଲିଚଳଣି ସ୍ପଷ୍ଟ କରେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ। ତେବେ ବିବାଦ ସୃଷ୍ଟି ହେବା ଓ ଆନ୍ଧ୍ର ହସ୍ତକ୍ଷେପର କାରଣ ସାମାଜିକ, ଅର୍ଥନୈତିକ, ଭୌଗୋଳିକ ବିସ୍ତାର ଚିନ୍ତାଧାରା ଝଲକ ହୋଇପାରେ। ସମସ୍ତେ ଜାଣନ୍ତି ଯେ, କୋଟିଆ ଓ ତା'ର ପାଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଚୁର ଖଣିଜ ସଂପଦରେ ଭରପୂର। ଏ ସ୍ଥାନ ପର୍ଯ୍ୟଟନ ପାଇଁ ବେଶ୍ ଅନୁକୂଳ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ମନଲୋଭା। ସ୍ଥାନୀୟ ଅଧିବାସୀ ବେଶ ସରଳ, ନିଷ୍କପଟ। ତା'ଛଡ଼ା ବିଭାଜିତ ଆନ୍ଧ୍ର ତା'ର ସୀମାନ୍ତ ସମ୍ପ୍ରସାରଣର ଅଭୀପ୍ସା ପ୍ରତିଫଳନ ସ୍ୱରୂପ କୋଟିଆରେ ନିର୍ବାଚନ କରିବାର ଉଦ୍ଦେଶ୍ୟ ହୋଇ ଥାଇପାରେ। ତେବେ ପ୍ରଥମରୁ ଓଡ଼ିଶାର ମାଟି, ପାଣି, ପବନ ସହ ଜଡ଼ିତ ସେଠାକାର ଅଧିବାସୀ ଭାବଗତ ଓ ଭାଷାଗତ ଦୃଷ୍ଟିରୁ ଓଡ଼ିଶା ସହ ସଦା ଆବଦ୍ଧ। ଏସବୁ ସତ୍ତ୍ୱେ ଚାକିରି, ଆର୍ଥିକ ସହାୟତା ଭଳି ଲୋଭାସକ୍ତ ଯୋଜନା ମାଧ୍ୟମରେ କୋଟିଆବାସୀଙ୍କ ମନରେ ଆନ୍ଧ୍ର ପ୍ରତି ଆକର୍ଷଣ ଧୀରେ ଧୀରେ ସୃଷ୍ଟି କରିବା ଏକ ହୀନ ପ୍ରୟାସ। ଏକଥା ସମସ୍ତେ ଜାଣନ୍ତି ଯେ, ଆନ୍ଧ୍ରର କୃଷିଜାତ ସାମଗ୍ରୀ ପାଇଁ ଓଡ଼ିଶା ହେଉଛି ଏକ ବଡ଼ ବଜାର। ଅର୍ଥନୈତିକ ଫାଇଦା ଦୃଷ୍ଟିରୁ ଓଡ଼ିଶା ଉପରେ ଆନ୍ଧ୍ର ନିର୍ଭରଶୀଳ। ତା'ଛଡ଼ା ଓଡ଼ିଶାର ଅଧିବାସୀମାନେ ପରମ୍ପରାଗତ ଭାବେ ପଡ଼ୋଶୀଙ୍କୁ ସମ୍ମାନ ପ୍ରଦାନରେ ହେଳା କରନ୍ତି ନାହିଁ। ଏମିତିକା ପରିସ୍ଥିତିରେ ଆନ୍ଧ୍ରର ଏ ପଦକ୍ଷେପ ଓଡ଼ିଶାର ଜନସାଧାରଣଙ୍କ ଭାବନା ପ୍ରତି କୁଠାରାଘାତ ସଦୃଶ। ଏଠାରେ କୁହାଯାଇପାରେ, ପୋଲାଭରମ୍‌ଠାରୁ କୋଟିଆଯାଏଁ ଆନ୍ଧ୍ରର ଲୋଭକୁ ପଦାରେ ପକାଏ।

ତେବେ ଓଡ଼ିଶା ସହ ସୀମା ତଥା ଅନ୍ୟାନ୍ୟ ସମସ୍ୟା ପଡ଼ୋଶୀ ରାଜ୍ୟ ତରଫରୁ ଆସୁଥିବାରୁ ଏଥିପାଇଁ ଓଡ଼ିଶା ବେଳହୁଁ ଅଣ୍ଟା ଭିଡ଼ିବା ଆବଶ୍ୟକ। ତ୍ୱରାନ୍ୱିତ ଆପୋସ ସମାଧାନ, ନ୍ୟାୟିକ ବ୍ୟବସ୍ଥା, ଚାପ ପ୍ରୟୋଗ ମାଧ୍ୟମରେ ନିଜ ସୀମା ଓ ଅଧିବାସୀଙ୍କୁ ସୁରକ୍ଷା ଓ ସୁବିଧା ପ୍ରଦାନ କରିବା ଉଚିତ। ଏଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତି ସହ ନିୟମିତ ବିକାଶମୂଳକ ତଦାରଖ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି। ସୀମାନ୍ତବର୍ତ୍ତୀ ବିବାଦୀୟ ଅଞ୍ଚଳକୁ ଚିହ୍ନଟ କରି ପର୍ଯ୍ୟାୟକ୍ରମେ ଏହାର ସମାଧାନ ଓ ତୃଣମୂଳସ୍ତରରୁ ଆବଶ୍ୟକତାକୁ ହୃଦୟଙ୍ଗମ କରି ଯୋଜନା ପ୍ରସ୍ତୁତ କଲେ, କେବଳ ସେଠାକାର ଅଧିବାସୀ ଉପକୃତ ହେବେ ତାହା ନୁହେଁ; ବରଂ ପଡ଼ୋଶୀଙ୍କ ହସ୍ତକ୍ଷେପକୁ ସ୍ଥାନୀୟ ଅଧିବାସୀ ସ୍ୱତଃ ପ୍ରତିରୋଧ କରିବେ। ଏହାଦ୍ୱାରା ସୀମାନ୍ତର ସାମାଜିକ ବାଡ଼ ଅଧିକ ସୁଦୃଢ଼ ହେବ। ଏଥିପାଇଁ ଦୀର୍ଘମିଆଦୀ ଯୋଜନା ଓ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଯେମିତିକି ଆନ୍ଧ୍ରରୁ ଆମଦାନୀ ହେଉଥିବା କୃଷିଜାତ ସାମଗ୍ରୀ ବଦଳରେ ଓଡ଼ିଶାରେ ଏସବୁର ଭରପୂର ଉତ୍ପାଦନ ପାଇଁ ଓଡ଼ିଶାବାସୀ ଅଣ୍ଟାଭିଡ଼ିବା ଦରକାର। ଓଡ଼ିଶାର ସୁଦୀର୍ଘ ପଡ଼ୁଜମିର ପୂର୍ଣ୍ଣ ବ୍ୟବହାର ଓ ଉତ୍ପାଦନ ଆମକୁ ପ୍ରତ୍ୟେକ କୃଷିଜାତ ସାମଗ୍ରୀର ବଳକା ରାଜ୍ୟରେ ପରିଣତ କରାଇପାରିବ ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମାଛଚାଷ, କୁକୁଡ଼ା ଚାଷ, କଦଳୀ ଚାଷ ଆଦିକୁ ପ୍ରାଧାନ୍ୟ ଦେଇ ଆନ୍ଧ୍ରଠାରୁ ଆମଦାନୀକୁ ଅଧିକ ସଂକୁଚିତ କରିବା ସହ ଚାଷୀ ଓ କୋଟିଆ ଅଧିବାସୀଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଲେ ସେମାନେ ରୋଜଗାରକ୍ଷମ ହେବେ। ମାରାତ୍ମକ ପରିରକ୍ଷଣଶୀଳ ଦ୍ରବ୍ୟଯୁକ୍ତ କୃଷିଜାତ ସାମଗ୍ରୀକୁ ଆମଦାନୀ କରି ଅର୍ଥ ବିନିମୟରେ ରୋଗ କିଣିବା ଅପେକ୍ଷା ଓଡ଼ିଶା ଭଳି ଚାଷଭୂମି ବହୁଳ ରାଜ୍ୟରେ ଜୈବିକ ଉତ୍ପାଦନକୁ ଗୁରୁତ୍ୱ ପ୍ରଦାନ କଲେ ଚାଷୀ, ଖାଉଟି ଓ ବଜାର ସମସ୍ତେ ଲାଭରେ ଓ ସୁସ୍ଥରେ ରହିବେ। ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେବ ଓ ଆନ୍ଧ୍ର ଉପରେ ଚାପ ପ୍ରୟୋଗ କରିବା ସହଜ ହେବ। ସେହିପରି ପ୍ରାକୃତିକ ସମ୍ବଳର ପରିଚାଳନା ଓ ଉପଯୋଗ ରୋଜଗାରର ଅନ୍ୟ ଏକ ମାଧ୍ୟମ। ଏହା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଜୀବନ–ଜୀବିକାକୁ ନିଶ୍ଚିତ କରାଯାଇପାରିବ ଓ ପ୍ରକୃତି, ଖଣିଜ ସମ୍ପଦର ସୁରକ୍ଷା ରଖାଯାଇପାରିବ। ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ଅନୁଦାନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ, ପାନୀୟ ଜଳ ଭଳି ଉନ୍ନତ ମୌଳିକ ସୁବିଧା ସୀମାନ୍ତ ଅଞ୍ଚଳରେ ଜୀବନଧାରଣର ମାନକୁ ଅତି ଉନ୍ନତ କରିବ। କୌଳିକ ଓ ବୃତ୍ତିଗତ ରୋଜଗାର, କୃଷି, ଅଣ–କୃଷିଜନିତ ରୋଜଗାର ନିଶ୍ଚିତ କରାଇପାରିଲେ ସ୍ଥାନୀୟ ଯୁବକମାନଙ୍କର ସ୍ଥାନାନ୍ତରଣ ହେବ ନାହିଁ। ସେହିପରି ସୀମାରେ ମହିଳା ଶସକ୍ତୀକରଣ ହେଉଛି ସୁରକ୍ଷାର ଅନ୍ୟ ଏକ ଅମୋଘ ଅସ୍ତ୍ର। ବ୍ୟାଙ୍କ, ଶିଳ୍ପକେନ୍ଦ୍ର, ଲଘୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଓ ସଂଯୋଗ ସେଠାକାର ଜନସାଧାରଣଙ୍କ ରୋଜଗାରକୁ ଦ୍ୱିଗୁଣିତ କରିବ। ସମନ୍ୱିତ ପଦ୍ଧତିରେ ଯୋଜନାର ସଂଯୋଗୀକରଣ କରି ପୂର୍ଣ୍ଣ ବିକଶିତ ସୀମାନ୍ତ ଅଞ୍ଚଳ ଗଠନ କଲେ ଏ ମିଛ ପ୍ରଲୋଭନର ମାୟାଜାଲ ବିଫଳ ହେବ।

ଇତିମଧ୍ୟରେ ଓଡ଼ିଶା ସରକାର କୋଟିଆ ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପମାନ ଘୋଷଣା କଲେଣି। କେବଳ କୋଟିଆ କାହିଁକି, ରାଜ୍ୟର ସୀମାନ୍ତ ଅଞ୍ଚଳକୁ ସର୍ବଦା ତୁଙ୍ଗ ରାଜନୈତିକ ବ୍ୟକ୍ତିବିଶେଷଙ୍କ ବାରମ୍ବାର ଗସ୍ତ ଓ ସେଠାକାର ଲୋକମାନଙ୍କ ସହ ଆଲୋଚନା ଓଡ଼ିଶାର ଅଧିକାରକୁ ଅଧିକ ଦୃଢ଼ୀଭୂତ ଓ ନିରନ୍ତର ଜାହିର କରି ରଖିବାରେ ସହାୟକ ହେବ। କୋଟିଆ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସହ ଜନସାଧାରଣ, ସମସ୍ତ ରାଜନୈତିକ ଦଳ ଓ ସ୍ଥାନୀୟ ବାସିନ୍ଦା ଆଗକୁ ଆସିଲେ ଆନ୍ଧ୍ର ସେଠାରୁ ଆପେ ଆପେ ଦୂରେଇଯିବ। ନିର୍ବାଚନକୁ ସ୍ଥାନୀୟ ଲୋକେ ବର୍ଜନ କରିବାର ବଜ୍ର ଶପଥ ନେବା ଜରୁରୀ। ଏଥିପାଇଁ ଦଳମତ ନିର୍ବିଶେଷରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ବିଧାୟକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସୁପ୍ରିମକୋର୍ଟଙ୍କ ଷ୍ଟାଟସ୍ କ୍ୱୋ ନିର୍ଦ୍ଦେଶ ଆଜି ବି ବଳବତ୍ତର। ଉଭୟପକ୍ଷ ପରସ୍ପରକୁ ସମ୍ମାନ ଦେଲେ ସବୁ ସମସ୍ୟାର ସମାଧାନ ସହଜ ହୁଏ। ଇତିମଧ୍ୟରେ ଆନ୍ଧ୍ର ଏହାର ଉଲ୍ଲଂଘନ କରିବା ହେଉଛି ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶର ଅବମାନନା ବୋଲି ଦର୍ଶାଇ ଓଡ଼ିଶା ତା'ର ପକ୍ଷ ରଖିଲାଣି। ଅପରପକ୍ଷରେ କୋଟିଆସ୍ଥ ଗ୍ରାମଗୁଡ଼ିକୁ ଭିନ୍ନ ପଞ୍ଚାୟତରେ ବିଭକ୍ତ କରି ଓ ଏହାର କିଛି ଗ୍ରାମର ନାଁ ପରିବର୍ତ୍ତନ କରି ଆନ୍ଧ୍ର ସରକାର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରୁଥିବା ଖବରରୁ ଜଣାଯାଏ। ଏସବୁ ତଥ୍ୟକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଆନ୍ଧ୍ରକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଲେଣି। ତା'ଛଡ଼ା ଓଡ଼ିଶା ରାଜ୍ୟ ୧୯୩୬ରେ ଓ ଆନ୍ଧ୍ର ୧୯୫୬ରେ ଗଠନ ହୋଇଛି। କୋଟିଆ ଗ୍ରାମସମୂହର ଅଧିବାସୀ ଓଡ଼ିଶାରେ ଭୋଟ ଦେଇଆସୁଛନ୍ତି। ସେଠାରେ ଓଡ଼ିଶା ସରକାର ରାସ୍ତାଘାଟ, ବିଦ୍ୟାଳୟ, ପୋଲ ନିର୍ମାଣ କରିଛନ୍ତି। ଏଣୁ ଏହି ନ୍ୟାୟିକ ପ୍ରକ୍ରିୟାରେ କୋଟିଆବାସୀ ସେମାନଙ୍କର ଉପଯୁକ୍ତ ଅଧିକାର ପାଇବା ସହ ଏହି ବିବାଦ ସମାଧାନର ବାଟ ବାହାରିବା ଆଶା କରାଯାଏ। ସମସ୍ତେ ଜାଣନ୍ତି ଯେ, କୋଟିଆ ଓ କୋଟିଆ ଭଳି ଇଲାକାସମୂହ ଓଡ଼ିଶାରେ ଥିଲା ଓ ରହିବ। କୋଟିଆ ସମ୍ପର୍କରେ ଓଡ଼ିଶାବାସୀ ଓ ରାଜନୈତିକ ଦଳଗୁଡ଼ିକ ଏକମତ ଓ ଏକ ବିଚାର ନେଇ ଏକାଠି ହେଲେଣି। ସଭିଙ୍କ ମୁହଁରୁ ରାଜ୍ୟର ସାମୂହିକ ସ୍ୱାର୍ଥ ପାଇଁ ଏକ ସ୍ୱର ଓ ପ୍ରତିବଦ୍ଧତାର ଭାଷା ବାହାରୁଛି। ଏହା ଗଣତାନ୍ତ୍ରିକ ଓ ସାମୂହିକ ବିକାଶ ପାଇଁ ଉତ୍ତମ ଓ ସହଯୋଗୀ ଉଦ୍ୟମ।

ଖବରରୁ ଜଣାଯାଏ ଯେ, କିଛି ଅଧିବାସୀ ଆନ୍ଧ୍ର ଓ ଓଡ଼ିଶା ଉଭୟ ରାଜ୍ୟରୁ ସରକାରୀ ସୁବିଧା ପାଉଛନ୍ତି। ଏମାନଙ୍କୁ ପ୍ରଲୋଭିତ କରାଯାଇ ନିକଟରେ ଆନ୍ଧ୍ରରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଭାଗନେବାକୁ ନିଆଯାଇଥିଲା। ତେବେ ଏ ସଂକ୍ରାନ୍ତରେ ସ୍ଥାନୀୟ ପ୍ରଶାସନ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳେ। ସେ ଯାହାହେଉନା କାହିଁକି, ଏଠାରେ ଅନୁପ୍ରବେଶ ଓ ଛଳନାତ୍ମକ ଭାବରେ ବହୁବିଧ ସୁବିଧା ହାତଉଥିବା କିଛି ଲୋକଙ୍କ ପାଇଁ ଉଭୟ ରାଜ୍ୟର ସ୍ୱାର୍ଥ ବଳି ପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ଏମିତିକା ପ୍ରାୟୋଜିତ ଭୋଟର ବ୍ୟବସ୍ଥା ଯେ ଆଗାମୀ ପ୍ରସ୍ତାବିତ ନିର୍ବାଚନର ଏକ ଅଂଶବିଶେଷ ହୋଇନଥିବ, ସେକଥା କିଏ କହିବ? ଏସବୁ ସତ୍ତ୍ୱେ କୋଟିଆ ଭଳି ଯେତେ ବିବାଦୀୟ ବିଷୟ ଅଛି, ତାହା ଓଡ଼ିଶାର ସ୍ୱାଭିମାନ ସହ ଜଡ଼ିତ ଥିବାରୁ ସେ ଅଞ୍ଚଳକୁ ଆଜିଯାଏଁ ଆମଠାରୁ କେହି ଅଲଗା କରିପାରିନାହାନ୍ତି। ଏଣୁ ବିଶ୍ୱାସ, ଭରସା ବି ଗୋଟିଏ ଗୋଟିଏ ଅଦେଖା ଅସ୍ତ୍ର, ଯାହା ଉକ୍ତ ଭାବନାର ମୂଲ୍ୟବୋଧଭିତ୍ତିକ ପ୍ରତିରୋଧକୁ ପ୍ରୋତ୍ସାହିତ କରିବ। ଏହାକୁ କେବଳ ଜାଗ୍ରତ କରାଇବାର ଆବଶ୍ୟକାତା ରହିଛି। କେବଳ ସୁଚିନ୍ତିତ ଓ ପ୍ରାୟୋଜିତ ପଦକ୍ଷେପ ଦ୍ୱାରା ଏହିସବୁ ବିବାଦୀୟ ବିଷୟର ଚିର ସମାଧାନ କରାଯାଇପାରିବ ତାହା ନୁହେଁ, ବରଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଧିବାସୀଙ୍କ ଦକ୍ଷତା ବୃଦ୍ଧିରେ ଓ ସହଯୋଗରେ ସୀମାନ୍ତର ସାମାଜିକ ବାଡ଼କୁ ମଜଭୁତ କଲେ ଅଖଣ୍ଡ ଓଡ଼ିଶା ଅକ୍ଷୁଣ୍ଣ ଓ ଚିରସ୍ଥାୟୀ ହେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ– ୯୪୩୮୪୩୨୦୨୩

# ଇତିହାସ କଥା କହେ



ରବିନାରାୟଣ ସାମଲ

ବାହାର ବାନୁ ବେଗମ୍ ଥିଲେ ସମ୍ରାଟ୍ ଜାହାଙ୍ଗୀରଙ୍କ କନିଷ୍ଠା କନ୍ୟା। ଏକଦା ସେ ଅସୁସ୍ଥ ହୋଇପଡ଼ିଲେ। ଭାରତୀୟ ଚିକିତ୍ସା ତାଙ୍କୁ ଆରୋଗ୍ୟ କରିପାରିଲା ନାହିଁ। ଜାହାଙ୍ଗୀରଙ୍କ ଅନୁମତି ନେଇ ୱିଲିୟମ୍ ହକିନ୍ସ ବ୍ରିଟେନ୍‌ରୁ ଡାକ୍ତର ଆଣି ତାଙ୍କୁ ଚିକିତ୍ସା କଲେ ଏବଂ ସେ ସୁସ୍ଥ ହେଲେ। ଏହାର ସୁଯୋଗ ନେଇ ଭାରତରେ ବାଣିଜ୍ୟ କାରବାର କରିବାକୁ ହକିନ୍ସ ଜାହାଙ୍ଗୀରଙ୍କ ଅନୁମତି ଚାହିଁଲେ। ଅନିଚ୍ଛା ସତ୍ତ୍ୱେ ଜାହାଙ୍ଗୀର ସ୍ୱୀକୃତି ପ୍ରଦାନ କଲେ। ଫଳରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବାଣିଜ୍ୟ କୋଠି ସ୍ଥାପନ କରିବାକୁ ରାସ୍ତା ପରିଷ୍କାର ହୋଇଯାଇଥିଲା। ତା'ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ କିପରି ଶାସନାଧୀନ କଲା, ଆମେ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି। ଏହି କଥା ଇତିହାସ କହୁଛି। ୧୮୮୫ ଡିସେମ୍ବର ୨୮ ତାରିଖରେ ଅକ୍ଟାଭିଆନ୍ ହ୍ୟୁମ୍, ଦାଦାଭାଇ ନାରୋଜୀ ଓ ସାର୍ ଦିନ୍‌ସା ଇଦୁଲ୍‌ଜୀ ୱାଚା ଭାରତରେ ଜାତୀୟ କଂଗ୍ରେସ ଗଠନ କରିଥିଲେ। ୧୯୧୭ରେ ଉତ୍କଳମଣି ଗୋପବନ୍ଧୁ ମହାଭାରତୀୟ ଜାତୀୟ ସଭା କଂଗ୍ରେସରେ ଯୋଗଦାନ କରି ଓଡ଼ିଶାରେ ପ୍ରଥମ କଂଗ୍ରେସର ଭିତ୍ତି ସ୍ଥାପନ କରିଥିଲେ। ଏହା ଇତିହାସ କହୁଛି।

ମାତାପିତାଙ୍କ ଗୁଣକୁ ସନ୍ତାନସନ୍ତତିମାନେ ଉତ୍ତରାଧିକାର ସୂତ୍ରରେ ବହନ କରିଥାଆନ୍ତି। ମଟର ଗଛରେ ପରାଗସଙ୍ଗମ କରି ଅଷ୍ଟ୍ରିଆର ବୈଜ୍ଞାନିକ ଗ୍ରିଗର ମେଣ୍ଡେଲ୍ ଏହି ପ୍ରାକୃତିକ ନିୟମରେ ପହଞ୍ଚି ପାରିଥିଲେ। ସାରା ଜୀବନ ଦୁରାରୋଗ୍ୟ ସ୍ନାୟବିକ ରୋଗରେ ପୀଡ଼ିତ ଥାଇ ମଧ୍ୟ ଷ୍ଟିଫେନ୍ ହକିଙ୍ଗ୍‌ସ କୃଷ୍ଣଗର୍ତ୍ତ ବିକିରଣ ସମ୍ପର୍କରେ ଚମକପ୍ରଦ ତଥ୍ୟ ଆବିଷ୍କାର କରି ସାରା ବିଶ୍ୱରେ ଅମର ହୋଇ ରହିଥିଲେ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ନାମ ଆମ ମାନସପଟରେ ନାହିଁ। ସେ ୧୯୨୦ରେ ମାଟିତଳୁ ଆବିଷ୍କାର କରିଥିଲେ ହରପ୍ପା ସଭ୍ୟତା। ପୋଡ଼ା ଇଟାରେ ସ୍ନାନାଗାର, ପାଇଖାନା, ନର୍ଦ୍ଦମା ନାଳି ଆଦି ଉନ୍ନତମାନର ନକ୍ସାଭିତ୍ତିକ ଗୃହ ସେତେବେଳେ ନିର୍ମିତ ହେଉଥିଲା ବୋଲି ଏଥିରୁ ପ୍ରମାଣ ମିଳିଥିଲା। ସେହିପରି ମହେଞ୍ଜୋଦାରୋ ସଭ୍ୟତା ମଧ୍ୟ ପରେ ପରେ ଆବିଷ୍କୃତ ହୋଇଥିଲା। ଓଡ଼ିଆ ଭାଷାର ପ୍ରଥମ ଶବ୍ଦ 'ଗଇଠ' ବା ଗୋଠ। ନୂଆପଡ଼ାର ଯୋଗୀମଠରେ ରହିଛି ଦଶ ହଜାର ବର୍ଷର ଚିତ୍ରଲିପି। ଚାରୋଟି ପଶୁ ସହିତ ଜଣେ ମଣିଷର ଚିତ୍ର ଥାଇ ଲେଖା ହୋଇଛି ଏହି 'ଗଇଠ' ଶବ୍ଦ। ଅନ୍ୟପକ୍ଷରେ ବିଶ୍ୱର ସର୍ବପୁରାତନ ଭାଷା ହେଉଛି 'ତାମିଲ'। ଏହା ଥିଲା ଦ୍ରାବିଡ଼ମାନଙ୍କର ଭାଷା। ଅନ୍ୟ ଭାଷା ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିଲା। ଏ ଇତିହାସର କଥା।

ଫାସିବାଦ ଶାସକ ହିଟ୍‌ଲରଙ୍କୁ ପ୍ରାୟ ସମସ୍ତେ ଜାଣନ୍ତି। ମିଥ୍ୟା ପ୍ରଚାର ପ୍ରହେଳିକା ସୃଷ୍ଟି କରି ସେ ନିଜର ଶାସନ ଚଳାଇ ରଖିଥିଲେ। ସେ ତାଙ୍କ ଆତ୍ମଜୀବନୀ 'ମେ କାମ୍ପ୍'ରେ ଏହି ତତ୍ତ୍ୱ ଉଲ୍ଲେଖ କରିଛନ୍ତି। ଏହି 'ମେ କାମ୍ପ୍' ପୁସ୍ତକ ସେତେବେଳେ ଏଗାରଟି ଭାଷାରେ ଅନୁବାଦ ହୋଇଥିଲା ଏବଂ ସର୍ବାଧିକ ସଂଖ୍ୟାରେ ମଧ୍ୟ ବିକ୍ରି ହୋଇଥିଲା। ଧରାକୁ ସରା ମଣୁଥିବା ହିଟ୍‌ଲର ଶେଷକୁ ସିୟାନାଇଡ୍ ବିଷ ଖାଇ ଏବଂ ନିଜ ବନ୍ଧୁକରୁ ଗୁଳି ଚଳାଇ ଆତ୍ମହତ୍ୟା କରିଥିଲେ। ଏ କଥା ଇତିହାସରେ ଲେଖାଅଛି।

ଚିକିତ୍ସା ବିଜ୍ଞାନର ଇତିହାସ ଖୁବ୍ ସୁଦୀର୍ଘ। ପ୍ରାଗ୍ ଐତିହାସିକ ଯୁଗରୁ ଏହାର ବିକାଶ ହୋଇଆସିଅଛି। ମହାମାରୀ ରୂପ ନେଇଥିବା ଊନବିଂଶ ଶତାବ୍ଦୀର ବସନ୍ତ ରୋଗ ଓ ବିଂଶ ଶତାବ୍ଦୀରେ ପୋଲିଓକୁ ବୈଜ୍ଞାନିକମାନେ ସାରା ବିଶ୍ୱରୁ ମୂଳୋତ୍ପାଟନ କରିପାରିଛନ୍ତି। ଏବେ ମହାମାରୀ କରୋନାର ପ୍ରତିଷେଧକ ଉଦ୍ଭାବନ ହୋଇ ସାରିଲାଣି। ଏହା ଇତିହାସର ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ।

ଇତିହାସର ପରିସର ସୁବିସ୍ତୀର୍ଣ୍ଣ। ଏହାର ଅନ୍ତ ନାହିଁ। ଯାହା ଅତୀତ ହୋଇଗଲା ତାହା ଇତିହାସ। ଐତିହାସିକମାନେ ଅତୀତର ଗର୍ଭ ବିଦୀର୍ଣ୍ଣ କରି ଅନେକ କିଛି ଅବଦାନ ବିଶ୍ୱକୁ ଦେଇଯାଇଛନ୍ତି। ରାଜନୈତିକ ଇତିହାସ, କୂଟନୈତିକ ଇତିହାସ, ସାଂସ୍କୃତିକ ଇତିହାସ, ଅର୍ଥନୈତିକ ଇତିହାସ, ସାମାଜିକ ଇତିହାସ, ବୌଦ୍ଧିକ ଇତିହାସ ଏମିତି ବହୁଧା ଭାବରେ ଇତିହାସକୁ ବିଭକ୍ତ କରାଯାଇପାରେ। ଇତିହାସକୁ ବାଦ୍ ଦେଇ ଭବିଷ୍ୟତ ଚିନ୍ତା କରାଯାଇ ପାରେନାହିଁ। ରାଜନୈତିକ ଇତିହାସକୁ ଆମେ ଯଦି ପର୍ଯ୍ୟାଲୋଚନା କରିବା, ତେବେ ଏହି କଥା ଜାଣିପାରିବା। ରାଜତନ୍ତ୍ର, ଗଣତନ୍ତ୍ର, ଫାସିବାଦ, ସାମନ୍ତବାଦ, ସାମ୍ରାଜ୍ୟବାଦ, ସମାଜବାଦ ଆଦି ଗୋଟିଏ ଗୋଟିଏ ରାଜନୈତିକ ସମାଜ ବ୍ୟବସ୍ଥା। ଏହାକୁ ଅଧ୍ୟୟନ ନ କରି ଆମେ ମାନବ ସଭ୍ୟତାର ରୂପରେଖ ଜାଣିପାରିବା ନାହିଁ। ଭବିଷ୍ୟତ ପିଢ଼ିଙ୍କ ହାତରେ ଏକ ସୁସ୍ଥ ସୁନ୍ଦର ସମାଜ ବ୍ୟବସ୍ଥା ଟେକି ଦେଇପାରିବା ନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଯେଉଁମାନେ ଅବଗତ ନ ଥିବେ, ସେମାନେ ଏକ ନୂତନ ଭାରତର ସୂର୍ଯ୍ୟୋଦୟର ପରିକଳ୍ପନା କରିପାରିବେ ନାହିଁ। ଆମ ଦେଶର ରାଜନୈତିକ ଇତିହାସ ଆଜି ସଙ୍କଟ ଭିତର ଦେଇ ଗତି କରୁଛି। ଏହାକୁ ବିକୃତ କରିବାକୁ ଦଳେ ଚେଷ୍ଟା ଚଳାଇଛନ୍ତି। ପୁରାଣକୁ ଇତିହାସ ସହିତ ଫେଣ୍ଟି ଏକ ଭୁଲ୍ ତଥ୍ୟ ଦେବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। କିନ୍ତୁ ଆମକୁ ଏଠାରେ ମନେରଖିବାକୁ ହେବ ଯେ, ଇତିହାସ ଏକ ବିଜ୍ଞାନ; ଏହା ବାହାର କଳ୍ପନା ନୁହେଁ। ଶାସକ ବଦଳରେ ଆମ ଦେଶରେ ଇତିହାସ ବଦଳୁଥିବାର ଲକ୍ଷ୍ୟ କରାଯାଏ। କାରଣ ଶାସକ ଗୋଷ୍ଠୀ ନିଜ ସପକ୍ଷରେ ଇତିହାସ ଲେଖିବାକୁ ଚେଷ୍ଟା କରିଥାଏ। ଇତିହାସରେ ମିଥ୍ୟା ତଥ୍ୟ ଉପସ୍ଥାପନା କରି ନୂତନ ପିଢ଼ିଙ୍କ ଉପରେ ବୌଦ୍ଧିକ ଆକ୍ରମଣ କରିଥାଏ। ତେଣୁ କରି ଆମକୁ ସତର୍କ ରହିବାକୁ ପଡ଼ିବ। କୌଣସି ପରିସ୍ଥିତିରେ ଇତିହାସର ଯେପରି ବିକୃତୀକରଣ ନ ହୁଏ, ସେ ଦିଗ ପ୍ରତି ଆମକୁ ଯତ୍ନବାନ୍ ହେବାକୁ ହେବ। ନଚେତ୍ ଇତିହାସ ଆମକୁ କ୍ଷମା ଦେବ ନାହିଁ। ଇତିହାସରେ ଆମେ କଳଙ୍କିତ ହୋଇ ରହିଯିବା।

ମୋ– ୭୯୭୫୦୪୬୪୮୬

## ଏଇ ଭାରତରେ

ସାଇବର ଠକମାନେ ଅନ୍‌ଲାଇନ୍ ବ୍ୟବହାରକାରୀଙ୍କୁ ଠକଉଥିବାର ଅସଂଖ୍ୟ ଉଦାହରଣ ପ୍ରତିଦିନ ଦେଖିବାକୁ ମିଳୁଛି। ଘଟଣା ଘଟିବା ପରେ ଠକାମିର ଶିକାର ହୋଇଥିବା ବ୍ୟକ୍ତି ସାଇବର ପୋଲିସର ଆଶ୍ରୟ ନେଉଛନ୍ତି। ଅନେକ କ୍ଷେତ୍ରରେ ଠକଙ୍କୁ ଧରାଯାଇପାରୁ ନାହିଁ। ପୂର୍ବରୁ ବ୍ୟାଙ୍କ ଡକାୟତି ବିଷୟରୁ ଶୁଣୁଥିଲୁ। ବର୍ତ୍ତମାନ ଅଧିକ ମାତ୍ରାରେ ଏଟିଏମ୍ ଲୁଟ୍ ହେଉଛି। ସିଧାସଳଖ ଅର୍ଥ ରହୁଥିବା ମେଶିନ୍‌ଟିକୁ କାବୁ କରିଦେଲେ ଡକାୟତ ମାଲାମାଲ ହୋଇଯିବାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଦେଶର ବିଭିନ୍ନ ପ୍ରାନ୍ତରରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ବା ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳ ପ୍ରୟୋଗ କରି ବ୍ୟାଙ୍କ ଗ୍ରାହକଙ୍କ ଅର୍ଥକୁ ଲୁଟେରା ନେବାରେ ସକ୍ଷମ ହେଉଛନ୍ତି। ହେଲେ ଏବେ ଯେଉଁ ଘଟଣା ରାଜସ୍ଥାନର ଉଦୟପୁରରେ ଦେଖିବାକୁ ମିଳିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଉଦୟପୁରର ମାଦ୍ରି ଶିଳ୍ପାଞ୍ଚଳରେ ଥିବା ଏଟିଏମ୍‌କୁ କେତେଜଣ ଲୋକ ଉପାଡ଼ି ନେବାକୁ ଯୋଜନା କଲେ। ସେମାନେ ରାତି ଦେଢ଼ଟାରୁ ଦୁଇଟା ମଧ୍ୟରେ ଏକ ଦଉଡ଼ିକୁ ଏଟିଏମ୍‌ରେ ବାନ୍ଧି ଦେଇ ଜିପ୍‌ରେ ଲଗାଇ ଟାଣି ନେବାରୁ ତାହା ଉପୁଡ଼ି ଯାଇଥିଲା। ସେଥିରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିଲା। ପୋଲିସ ସିସିଟିଭି ଯାଞ୍ଚ କରି ଡକାୟତଙ୍କ ସହ ଜିପ୍‌କୁ ଧରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଫେବୃୟାରୀ ୧୯୯୬

- ଆଫଗାନିସ୍ତାନର ରାଜଧାନୀ କାବୁଲଠାରେ ଅବସ୍ଥିତ ରାଷ୍ଟ୍ରପତି ଭବନରେ ଭୟଙ୍କର ବିସ୍ଫୋରଣ ଘଟି ୬୦ ମୃତ।
- ଚିକିତ୍ସକ ରୂପେ ସମାଜର ବହୁମୂଲ୍ୟ ସେବା କରିଥିବାରୁ ଡାକ୍ତର ଦୀପକ କୁମାର ପୃଷ୍ଟିଙ୍କୁ ରାଜ୍ୟପାଳ ଜି. ରାମାନୁଜମ ମହାତ୍ମା ଗାନ୍ଧୀ ପୁରସ୍କାର ପ୍ରଦାନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ହିଂସା ମାନବିକତାକୁ ହତ୍ୟା କରୁଛି

ମାହାଙ୍ଗା ଅଞ୍ଚଳର ଦୁଇ ଭାଜପା ନେତାଙ୍କୁ ବୀଭତ୍ସ ଭାବେ ହତ୍ୟା କରିବା ଭଳି ରାଜ୍ୟରେ ବହୁ ରାଜନୈତିକ ହିଂସା ଘଟିବା ଲକ୍ଷ୍ୟ କରାଯାଉଛି। ଦୁର୍ନୀତିକୁ ପଦାରେ ପକାଇ ଦେବାରୁ କିଛି ଅସାମାଜିକ ବ୍ୟକ୍ତି ଉନ୍ମତ୍ତ ହୋଇ ଏଭଳି ଅମାନୁଷିକ ହତ୍ୟାକାଣ୍ଡ କରୁଥିବା ଜଣାପଡୁଛି। ବ୍ୟକ୍ତି ଗଣତନ୍ତ୍ର ନୀତି ନିୟମରେ ରାଜନୀତିକୁ ଆସେ। କିନ୍ତୁ ପର ମୁହୂର୍ତ୍ତରେ ହିଂସା ଓ ଅସାଧୁତାକୁ ଗ୍ରହଣ କରି ଯେତେବେଳେ ଜନସମାଜରେ ପ୍ରକଟିତ ହୁଏ ସେ ଅତ୍ୟଧିକ ହିଂସ୍ର ହୋଇଉଠେ। ହିତାହିତ ଜ୍ଞାନଶୂନ୍ୟ ହୋଇ ହତ୍ୟାକାଣ୍ଡ କରି ବସେ। ତଥାପି ତା'ର ଅନୁତାପ ଆସେ ନାହିଁ। କାରଣ ସେ ତା' ବସ୍‌ଠାରୁ ଲକ୍ଷାଧିକ ଟଙ୍କା ସୁପାରି ପାଇଥାଏ। ଏହା ହେଲା ଆମ ରାଜନୀତିର ଅସଲ ନୀତି। ରାଜନୈତିକ ହିଂସାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ କରାଯାଏ। କିନ୍ତୁ ଫଳ ବହୁ ବିଳମ୍ବରେ ଶୂନ୍ ହୁଏ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ


## ଚିରନ୍ତନୀ

କେବେ ବା ଆଷାଢ଼ ପହିଲା ଦିବସେ
ତରୁଣ ତରୁଣୀ ପୀରତି ଗାଥା
ଦୂରେ ଦୂରେ ରହି ଫିଟୁଥିଲା କେତେ
ନବ ଜୀବନର ନୂତନ ଖାତା
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL - 207

**ODISHA**
NEW OPPORTUNITIES



# ODISHA

## The New Manufacturing Hub of India

Odisha has emerged as the #1 investment destination in India, with 18% share of all investments nationally during April-September, 2019

> With implementation of our '5T' framework, Odisha has become the investment destination of choice for the investor community.
>
> **We welcome you to join our journey of industrial growth.**

**Despite industrial disruption and global economic slowdown due to Covid-19 pandemic, Odisha could garner more than ₹12,000 crores worth of investments in the lockdown period due to the investor friendly policies and governance framework.**

After 10 phases of ground-breaking & inauguration of various industrial projects, Industries Department, Govt. of Odisha is pleased to announce...

# 11TH PHASE

## Ground-breaking & Inauguration of
## 22 New Industrial Projects*
## across 11 Districts

## by Shri Naveen Patnaik
Hon'ble Chief Minister

**on 17th February 2021 | 5 PM**

### Inauguration

Fun Leela Water Park, Jharsuguda | KTL Logistics and Services Limited (Purvi Bharat), Cuttack
Lackeir Stilit Plastic Industry, Ganjam | Lifeline Multi-ventures Pvt. Ltd., Khordha
Shyam Metalics and Energy Limited, Sambalpur

### Ground-breaking

BR Sponge and Power Limited, Sundargarh | Dalmia Cement (Bharat) Limited (DCBL), Cuttack
Excellence Engimac Pvt Ltd., Khordha | GM Iron & Steel Company Limited, Dhenkanal
Jindal Stainless Ltd., Jajpur | Karubaki Enterprises, Puri | Lisa Plastics, Khordha | MGM Minerals Limited, Dhenkanal
Pallavi Polymers, Balasore | Ranganath Transformers Pvt ltd., Khordha | RR Amusement Park, Bolangir
Shiva Cement Limited (SCL), Sundargarh | Supuf Industries Pvt Ltd., Cuttack | Surya International., Khordha
Sushant Minerals P Ltd., Cuttack | T.P. Ingredients Pvt Ltd., Khordha | Yazdani Steel & Power Limited, Jajpur

***Investment of ₹13,311.53 crore with potential employment for 10,677**

#Source: Center for Monitoring Indian Economy (CMIE)

OIPR-14005/13/0005/2021

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app
Follow us on @investInOdisha /InvestOdisha

## ଖଇରାରେ ବାଗ୍‌ଦେବୀଙ୍କୁ ଆରାଧନା

ଖଇରା, (ଡି.ଏନ.ଏ.)-କୋଭିଡ୍ ଗାଇଡଲାଇନ୍‌କୁ ଦୃଷ୍ଟିରେ ରଖି ଖଇରାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଯିବା ଉପରେ କଟକଣା ଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ବିଧିପୂର୍ବକ ଆରାଧନା କରାଯାଇଥିଲା। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ କଟକଣା ଥିବାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟମାନଙ୍କ ମଧ୍ୟରେ ନିରାଶାଭାବ ଦେଖିବାକୁ ମିଳିଥିଲା।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା। ସ୍ଥାନ: କୋହିନୂର ମଣ୍ଡପ, ଗୋଲାପୋଖରୀ। ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**

- ବଡ଼ବିଲ ମହୋତ୍ସବ ପ୍ରସ୍ତୁତି ବୈଠକ। ସ୍ଥାନ: ଐକ୍ୟ କ୍ଷେତ୍ର, ବଡ଼ବିଲ। ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ୨୦୨୧-୨୨ବର୍ଷର ଆବେଦନ ଶୁଣାଣି। ସ୍ଥାନ: ଦରବାର ହଲ, କେନ୍ଦୁଝର।

# ଜଙ୍ଗଲ ଜମିରୁ ବେଆଇନ ମୋରମ ଉଠାଣ

**କେନ୍ଦୁଝର,୧୬।୨(ସ୍ୱ.ପ୍ର.)**

ଜଙ୍ଗଲ ଜମିରୁ ଚାଲିଛି ବେଆଇନ ମାଟି ଉଠାଣ। ବାଂଶପାଳ ତହସିଲ ଶୁଆକାଟୀ ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଉପର ସୁମଠ ଠାରେ ବେଆଇନ ଭାବେ ଜୁଆଙ୍ଗ ଲୋକ ପାଇଥିବା ଜଙ୍ଗଲ ପଟ୍ଟା ଜମିରୁ ମାଟି ଓ ମୋରମ ଉତ୍ତୋଳନ କରାଯାଇ ରାସ୍ତା ନିର୍ମାଣ କାମରେ ବ୍ୟବହାର ହେଉଥିବା ଗ୍ରାମବାସୀ ଅଭିଯୋଗ ହେଉଛି। ଜଙ୍ଗଲ ଜମି ପଟ୍ଟା ଜମି ପାଇଥିବା ଲୋକ କେବଳ ଚାଷ କରିପାରିବେ ବୋଲି ନିୟମ ଥିବା ବେଳେ ରାସ୍ତା କାମ କରୁଥିବା ଠିକା ସଂସ୍ଥା ଆଦିବାସୀଙ୍କୁ ପ୍ରଲୋଭିତ କରି ମାଟି ଓ ମୋରମ ଉଠାଉଥିବା ଅଭିଯୋଗ ହେଉଛି। ଏହାଛଡା ଜଙ୍ଗଲ ଓ ପରିବେଶ କ୍ଷତିଗ୍ରସ୍ତ ହେଉଥିବାରୁ ବନ୍ୟ ପ୍ରାଣୀ, ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି ହେଉଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ପ୍ରକାଶ ଯେ, ଆଦିବାସୀ ଅଞ୍ଚଳରେ ରାସ୍ତାର ସୁଦୃଢ଼କରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ସୁମଠ ଠାରୁ ରଡୁଆଁ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ଚାଲିଛି। ତେବେ ରାସ୍ତା ପାଇଁ ୪ କି.ମି. ଦୂରରୁ ମାଟି ଓ ମୋରମ ଆଣିବା ପାଇଁ ବ୍ୟୟ ଅଟକଳ କରାଯାଇଥିବା ବେଳେ ପାଖରୁ ଜଙ୍ଗଲ ଜମି ତଥା ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ମିଳିଥିବା ପଟ୍ଟା ଜମିରୁ ବେଆଇନ ଭାବରେ ମୋରମ ଉତ୍ତୋଳନ କରି ବିଲ ଫାଙ୍କୁଥିବା ଅଭିଯୋଗ ହେଉଛି । ବର୍ଷା ଦିନେ ଏଠାରେ ପୋଖରୀ ଭଳି ପାଣି ଜମି ରହିବ। ଜଙ୍ଗଲକୁ ଲାଗି ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଜୀବଜନ୍ତୁ ଏବଂ ପାଖରେ ଥିବା ସ୍କୁଲ ପିଲାଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ଦୈନିକ ଟ୍ରିପ ଟ୍ରିପ ମାଟି ଉତ୍ତୋଳନ ଯୋଗୁ ଜଙ୍ଗଲ ଜମି ପଟ୍ଟା ପାଇଥିବା ଲୋକଙ୍କ ଜମି ଚାଷ ଅନୁପଯୋଗୀ ହୋଇପଡିବ। ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମୂରଲୀ ପ୍ରସାଦ କହିଛନ୍ତି ଯେ ୪ କି.ମି. ଦୂରରୁ ମାଟି ବ୍ୟବହାର ପାଇଁ ଏଗ୍ରିମେଣ୍ଟରେ ରହିଛି। ତେବେ ସେ ଏହାର ଯାଞ୍ଚ କରି କାମ ବନ୍ଦ କରିଦେବେ। ତେବେ ଏବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେବାବଦକୁ ଅର୍ଥ ଆଦାୟ କରିବାକୁ ଦାବି ହେଉଛି । ସେହିପରି ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ୍‌ର ବନାଞ୍ଚଳ ଅଧୀକାରୀ ମାନସ ମୁର୍ମୁ କହିଛନ୍ତି, ଏନେଇ ସେ ବାଂଶପାଳ ତହସିଲଦାରଙ୍କ ସହିତ ଯାଇ ଘଟଣାର ଅନୁସନ୍ଧାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକଙ୍କୁ ପଚାରିବାରୁ ବେଆଇନ ହୋଇଥିଲେ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜଙ୍ଗଲ ଜମିରୁ ମୋରମ୍ ଖୋଳି ନିଆଯାଉଛି।

# ଧାନ କିଣୁନି ସମବାୟ ସମିତି

## ଧାରଣା ଚେତାବନୀ ଦେଲେ ଚାଷୀ

**ଲଙ୍ଗଳେଶ୍ୱର, ୧୬।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନରେ ଥିବା ବଣିଆଡ଼ିଆ ସେବା ସମବାୟ ସମିତି ବଣିଆଡ଼ିଆ ଏବଂ କୁଣ୍ଡୁଳି ପଞ୍ଚାୟତକୁ ନେଇ ଚାଲି ଆସୁଛି। ଚାଷୀ ଖରିଫ ଧାନ ଚାଷ କରି ଅମଳ କରିବା ପରେ ବିକ୍ରି ପାଇଁ ସମିତିରେ ଟୋକନ ଧରି ଚାତକ ପରି ଚାହିଁରହିଛନ୍ତି। ଅଧିକାଂଶ ଚାଷୀ ସମିତି ପକ୍ଷରୁ ମୋବାଇଲରେ ସୂଚନା ପାଇ ସମିତିକୁ ଧାନ ଆଣି ବିକ୍ରି କରି ନ ପାରି ସମିତି ଗୋଦାମ ଭିତରେ ରଖିଥିବା ବେଳେ ଅନେକ ଚାଷୀ ନିଜ ଖଳା ଏବଂ ରାସ୍ତାରେ ଗଦା କରି ରଖିଛନ୍ତି। ଚାଷୀଙ୍କୁ ଅମଳକ୍ଷମ ଫସଲ ବିକ୍ରି ନ ହେବା ଯୋଗୁ ଆଗାମୀ ରବି ଫସଲ କରିବା ପାଇଁ ଅର୍ଥ ପାଉ ନ ଥିବାରୁ ଅସନ୍ତୋଷ ଦାନା ବାନ୍ଧୁଛି। ଗୋଦାମ ଗୃହ ଭିତରେ ଥିବା କେତେଜଣ ଚାଷୀଙ୍କ ଟୋକନ ମିଆଦ ସରି ଯାଇଥିବାରୁ କିଭଳି ବିକ୍ରି କରିବେ ସେହି ଚିନ୍ତାରେ ରହିଛନ୍ତି। ତେଣୁ ଧାନ କିଣାରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ସମିତି ସମ୍ମୁଖରେ ଚାଷୀମାନେ ଆସନ୍ତା ୨୧ତାରିଖ ସୁଦ୍ଧା ଯଦି ଧାନ କ୍ରୟ କରା ନ ଯାଏ ତା'ହେଲେ ଆସନ୍ତା ୨୨ ତାରିଖରେ ସମିତି ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମିତିରେ ଆଉ ୧୨ଶହ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଥିବା ବେଳେ ଧାନ କିଣା ଯାଉ ନ ଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ଚାଷୀଙ୍କ ପକ୍ଷରୁ ବାଲେଶ୍ୱର ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆସନ୍ତା ବୁଧବାର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କୃଷକ ନେତା ମହେଶ୍ୱର ଜେନା, ଶମ୍ଭୁନାଥ ଭୂୟାଁ, ସଞ୍ଜୟ ନାୟକ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଦେବଦୁଲାଲ ଦାସ, ବଳରାମ ମହାନ୍ତି, ପଞ୍ଚାନନ କୁଅଁର ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ପୁଅର ଉଦ୍ଧାର ପାଇଁ ବାପାଙ୍କ ଧାରଣା



**ଭଦ୍ରକ ଅଫିସ, ୧୬।୨:** ନିଖୋଜ ପୁଅକୁ ଉଦ୍ଧାର କରିବା ପାଇଁ ଭଦ୍ରକ ସହର ବଙ୍କସ୍କୁଲ କଲୋନୀରେ ଭଡ଼ାରେ ରହୁଥିବା ରବୀନ୍ଦ୍ର ସାହୁ ମଙ୍ଗଳବାର ଏସ୍‌ପି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସେ ଧାରଣାରୁ ଉଠିଥିଲେ। ଅଭିଯୋଗ ଅନୁଯାୟୀ, ରବିବାର ପୂର୍ବାହ୍ନରେ ବାଗୁରେଇ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଯତୀନ୍ଦ୍ର(୧୩) ତାଙ୍କ ଭଡ଼ା ଘରୁ ସାଇକେଲରେ ଆସୁଥିବା ସମୟରେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଏନେଇ ଟାଉନ ଥାନାରେ ଏକ ନିଖୋଜ ମାମଲା ଦାଏର ହୋଇଛି। ପୋଲିସ ଖୋଜିବା ପାଇଁ ଉଦ୍ୟମ କରୁ ନ ଥିବାରୁ ବାପା ରବୀନ୍ଦ୍ର ମଙ୍ଗଳବାର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

### ଚୋର ଗିରଫ, ଚୋରି ସାମଗ୍ରୀ ଜବତ

**ବାରିପଦା ଅଫିସ,୧୬।୨:** ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମହୁଲି ଗ୍ରାମର ଜଗନ୍ନାଥ ଦାସ। ଏ ନେଇ ଥାନାରେ ଏକ ମାମଲା (ନଂ.୭/୨୧)ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ଠାରୁ ମୋବାଇଲ,ସିପିୟୁ, ମନିଟର, ହାର୍ଡ ଡିସ୍କ ଆଦି ଜବତ ହୋଇଥିବା ତଦନ୍ତକାରୀ ଅଧିକାରୀ ମିନି ଭୋଇ ପ୍ରକାଶ କରିଛନ୍ତି ।

### କଣ୍ଟାପଡ଼ାରେ ସାଇ ଓ ଗଣେଶ ବିଗ୍ରହ ପ୍ରତିଷ୍ଠା

**ଖଇରା, ୧୬।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ କଣ୍ଟାପଡ଼ା ଗ୍ରାମରେ ସିରିଡ଼ି ସାଇ ଓ ଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କେଶବ ପଣ୍ଡା, ଜଗନ୍ନାଥ ପଣ୍ଡା, ଚଗୁଲୁ ଦାଶଙ୍କ ଦ୍ୱାରା ବିଗ୍ରହଙ୍କ ସ୍ନାନ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ବିଶ୍ୱାଳ, ଗଜେନ୍ଦ୍ର ବିଶ୍ୱାଳ, ଧୃରେନ୍ଦ୍ର ଗିରି, ଗୟାଧର ଜେନା ପ୍ରମୁଖଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଘଟତ୍ତୋଳନ କରାଯାଇଥିଲା। ଭବେନ୍ଦ୍ର ଗିରି, ଦାମୋଦର ସାମଲ, ଭାଗିରଥି ବିଶ୍ୱାଳ, ଅଜୟ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ମହେନ୍ଦ୍ର ବିଶ୍ୱାଳଙ୍କ ସମେତ କଣ୍ଟାପଡ଼ା ଗ୍ରାମବାସୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ।

### ଆଇନଜୀବୀ ସଂଘ ଗୃହରେ ସରସ୍ୱତୀ ପୂଜା

**ବଡବିଲ, ୧୬।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲସ୍ଥିତ ଜେଏମଏଫସି (ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ) କୋର୍ଟ ପରିସରରେ ଥିବା ଆଇନଜୀବୀ ସଂଘ ସଭା ଗୃହରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ନିରାଡମ୍ବରରେ ଅନୁଷ୍ଠିତ ହୋଇଛି। ବଡବିଲ ଆଇନଜୀବୀ ସଂଘର କର୍ମକର୍ତ୍ତାଙ୍କ ସହ ସଦସ୍ୟ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହିଥିବାବେଳେ ଜେଏମଏଫସି ପତିତପାବନ ପଣ୍ଡା ମଧ ପୂଜାରେ ଉପସ୍ଥିତ ରହିଥିଲେ।

# ୧୮ରେ ରେଳରୋକୋ ଆନ୍ଦୋଳନ

**ଭଦ୍ରକ ଅଫିସ, ୧୬।୨**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଭଦ୍ରକ ଜିଲା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଅମୀୟ ନିଶାକର ଭବନ ଠାରେ ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଓ ନିର୍ମଳ ନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଦେଶରେ କରୋନା ମହାମାରୀ ଓ ଅର୍ଥନୈତିକ ମାନ୍ଦାବସ୍ଥା କିପରି ଦେଶକୁ ପଛ ଆଡ଼କୁ ଟାଣି ନେଇଛି ସନ୍ତୋଷ ଦାସ ତାଙ୍କ ରାଜନୈତିକ ଆଲୋଚନାରେ ପ୍ରକାଶ କରିଥିଲେ। କେନ୍ଦ୍ର ସରକାର ପ୍ରଣୟନ କରିଥିବା ଚାଷୀ ବିରୋଧୀ ୩ଟି କୃଷି ଆଇନକୁ ବାତିଲ କରିବା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଫେବୃୟାରୀ ୧୮ ତାରିଖ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ସାଧାରଣ ରେଳରୋକୋ ଆନ୍ଦୋଳନର ଡାକରାକୁ ଭଦ୍ରକରେ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍ ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ରବି ପଟ୍ଟନାୟକ, ପ୍ରଭାସ ମହାପାତ୍ର, ମଳୟ ଭୋଇ, ବିକାଶ ନାଥ, ଗୟାଧର ସାହୁ, ଜୟନୁଲ ଆବେଦନ, ନିର୍ମଳ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଜିତ ଭଦ୍ରକ ରୋଟାରୀ କ୍ଲବ ସଭାପତି




ନବ ନିର୍ବାଚିତ ସଭାପତିଙ୍କୁ ସ୍ୱାଗତ କରାଯାଉଛି।

**ଭଦ୍ରକ ଅଫିସ, ୧୬।୨**

ଯୁବ ସଙ୍ଗଠକ ଅଭିଜିତ୍ ନାୟକ ୨୦୨୨-୨୩ ବର୍ଷ ନିମନ୍ତେ ଭଦ୍ରକ ରୋଟାରୀ କ୍ଲବର ସଭାପତି ଭାବେ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି । ରୋଟାରୀ ଭବନଠାରେ ଆୟୋଜିତ ଏକ ସଭାରେ କ୍ଲବର ନିର୍ବାଚନ ଅଧିକାରୀ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଅଭିଜିତଙ୍କୁ ସଭାପତି ଓ ରୋ. ମାଙ୍ଗିଲାଲ ବଳଦେବାଙ୍କୁ ସମ୍ପାଦକ ଭାବେ ଘୋଷଣା କରିଥିଲେ। ତାଙ୍କର ଏହି ସାଫଲ୍ୟ ପାଇଁ ବର୍ତ୍ତମାନର ସଭାପତି ରୋଟାରିଆନ ଇନ୍ଦ୍ରଜିତ ସାହୁ, ରୋଟାରିଆନ ବସନ୍ତ ପାଣିଗ୍ରାହୀ, ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ରୋଟାରିଆନ ଅତିଶ କୁମାର ବେହେରା, ପ୍ରମୋଦ ଜେନା, ବିଚିତ୍ରାନନ୍ଦ ଦାସ, ଅଧ୍ୟାପକ ନାସିର ବକ୍ସ, ସୀତାକାନ୍ତ ଦାସ, ରୋଟାରିଆନ ସନ୍ତୋଷ କୁମାର ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ, ଥାନାରେ ମାମଲା

**ସୋର, ୧୬।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହି ଗ୍ରାମରେ ହୁକ ପକାଇ ଚୋରାରେ ବିଦ୍ୟୁତ୍ ବ୍ୟବହାର କରୁଥିବା ଏକ ପରିବାରକୁ ଲାଇନ୍ କାଟିଦିଆଯିବା ଫଳରେ ପରିବାର ଲୋକେ ଆକ୍ରୋଶମୂଳକ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଜେଇ, ଲାଇନ୍‌ମ୍ୟାନ ସମେତ ୫ଜଣ ଆହତ ହୋଇଛନ୍ତି। ଏନେଇ ସୋର ଥାନାରେ ଅଭିଯୋଗ ହୋଇଛି। ନୂଆସାହି ଗ୍ରାମର ହରିହର ବେହେରାଙ୍କ ନାମରେ ବିଦ୍ୟୁତ୍ ସଂଯୋଗ ରହିଛି। ବିଦ୍ୟୁତ୍ ଚୋରି କାରଣରୁ ତାଙ୍କ ଲାଇନ୍ ଏକମାସ ତଳେ କାଟି ଦିଆଯାଇଥିଲା। ସେମାନେ ଏ ସମ୍ପର୍କରେ ଲିଖିତ ଭାବେ ଦେଇଥିବା ବେଳେ ବିଦ୍ୟୁତ୍ ଦେୟ ଆଦାୟ କରିବା ପାଇଁ ୧ନମ୍ବର ଜେଇ ମାନସ କୁମାର ମହାପାତ୍ର, ଲାଇନ୍‌ମ୍ୟାନ୍ ପର୍ଶୁରାମ ନାୟକ, କର୍ମଚାରୀ ଗିରିଧାରୀ ବିଶ୍ୱାଳ, ପ୍ରଦୀନ ଜେନା ଓ ଗଜେନ୍ଦ୍ର ବିଶ୍ୱାଳ ଯାଇଥିଲେ। ହରିହରଙ୍କ ଘରେ ହୁକ ପକାଇ ବିଦ୍ୟୁତ୍ ସଂଯୋଗ କରିଥିବା ଜାଣିପାରି କାଟିଦେଇଥିଲେ। ଏଥିରେ ବିଜୟ ବେହେରା, ଚିନ୍ମୟ ବେହେରା, ମନୁ ବେହେରା ଏବଂ ମହେଶ୍ୱର ବେହେରା ମିଳିତଭାବେ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ କର୍ମଚାରୀମାନେ ଆହତ ହୋଇଛନ୍ତି। କର୍ମଚାରୀମାନେ ଆଦାୟ କରିଥିବା ପାଖପାଖି ୫୦ହଜାର ବିଦ୍ୟୁତ୍ ଦେୟ ଆକ୍ରମଣକାରୀମାନେ ଛଡ଼ାଇନେଇଥିବା ଜେଇ ମହାପାତ୍ର ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଘଣ୍ଟ ବଜାଇ ପ୍ରତିବାଦ ଜଣାଇଲେ ସେବାୟତ



ମନ୍ଦିର ସମ୍ମୁଖରେ ସେବାୟତମାନେ ପ୍ରତିବାଦ ଜଣାଉଛନ୍ତି।

**ବାରିପଦା ଅଫିସ,୧୬।୨**

ଓଡ଼ିଶା ମଠ ମନ୍ଦିର ସେବାୟତ ସଂଘର ଆହ୍ୱାନ କ୍ରମେ କେନ୍ଦ୍ର ସରକାରଙ୍କ ଏନ୍‌ଏମ୍‌ଏ ବାଇ-ଲକୁ ପ୍ରତ୍ୟାହାର କରିବା ପାଇଁ ବାରିପଦା ସେବାୟତ ସଂଘ ଦାବି କରିଛି। ମଙ୍ଗଳବାର ରାଜ୍ୟ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ସେବାୟତମାନେ ସାମିଲ ହୋଇ ଦ୍ୱିତୀୟ ଶ୍ରୀକ୍ଷେତ୍ର ହରିବଳଦେବଜୀଉ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଣ୍ଟ ଘଣ୍ଟା ବଜାଇ ପ୍ରତିବାଦ କରିଥିଲେ। କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଏବଂ ମନ୍ତ୍ରୀଙ୍କ ଭିନ୍ନ ଭିନ୍ନ ମତକୁ ସଂଘ ବିରୋଧ କରିଥିଲା। ଏହି ନିୟମକୁ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

# ବାଲେଶ୍ୱର ନଗର ଭାଜପା କମିଟି ଗଠିତ

**ବାଲେଶ୍ୱର ଅଫିସ, ୧୬।୨**

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ନଗର କମିଟି ଘୋଷଣା କରାଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅନୁମୋଦନକ୍ରମେ ବାଲେଶ୍ୱର ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ମଙ୍ଗଳବାର ୧୬ ଜଣିଆ କମିଟି ଘୋଷଣା କରିଛନ୍ତି। ଏଥିସହିତ ୭ଟି ମୋର୍ଚ୍ଚାର ସଭାପତି ଓ ୭ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ନାଁ ଘୋଷଣା କରାଯାଇଛି।

୧୬ଜଣିଆ କମିଟିରେ ସଭାପତି ପଣ୍ଡାଙ୍କ ସମେତ ୬ଜଣ ଉପସଭାପତି, ୨ଜଣ ସାଧାରଣ ସମ୍ପାଦକ, ୬ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଉପସଭାପତି ଭାବେ ମନହୋରଲାଲ ପେରିୱାଲ, ସୁଜିତ ଦେବ, ରାଧାକୃଷ୍ଣ ଦାସ, ଶଶିଶେଖର ମହାନ୍ତି, ସିଦ୍ଧେଶ୍ୱର ବିନ୍ଧାଣି ଓ ସଂଯୁକ୍ତା ମହାପାତ୍ର, ସାଧରଣ ସମ୍ପାଦକ ଭାବେ ଜଗେନ ରଣା ଓ ସନାତନ ବାରିକ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପରିଡ଼ା, ସସ୍ମିତା ଦାସ, ରାଜେନ୍ଦ୍ର ଚାଟାର୍ଜୀ, ଅନିତା ଦାସ, ଜୁବୁଲୀ ମହାନ୍ତି ଓ ମନ୍ମଥ ପାତ୍ର, କୋଷାଧ୍ୟକ୍ଷ ତରୁଣ ବର୍ଦ୍ଧନ, ଯୁବମୋର୍ଚ୍ଚା ଦେବବ୍ରତ ମିଶ୍ର, ମହିଳାମୋର୍ଚ୍ଚା ସୁସ୍ମିତା ପଣ୍ଡା, କୃଷକମୋର୍ଚ୍ଚା ପ୍ରଦୀପ କୁମାର ବେହେରା, ଏସ୍‌ସି ମୋର୍ଚ୍ଚା ପ୍ରଦୀପ କୁମାର ବେହେରା, ଏସ୍‌ଟି ମୋର୍ଚ୍ଚା ରୁହିଆ ମୁର୍ମୁ, ଓବିସି ମୋର୍ଚ୍ଚା ସର୍ବେଶ୍ୱର ପାତ୍ର, ସଂଖ୍ୟାଲଘୁ ମୋର୍ଚ୍ଚା ସେକ ଅଫଜଲ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଉପେନ୍ଦ୍ର ଶତପଥି, ଶୁଭାଶିଷ ପିରି, ଉମାକାନ୍ତ ମାଝି, ବିବେକ ମହାନ୍ତି, ଅଜିତ ମିଶ୍ର, ସାବିତ୍ରୀ ପଣ୍ଡା ଓ ବସନ୍ତୀ ମାଝି ରହିଛନ୍ତି। ସମସ୍ତ ପଦାଧିକାରୀ ଓ ସଦସ୍ୟବୃନ୍ଦ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାସଭାପତି ଉମାକାନ୍ତ ମହାପାତ୍ର ଓ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏନେଇ ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ ସମ୍ପର୍କିତ କର୍ମଶାଳା

**କେନ୍ଦୁଝର, ୧୬।୨(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ ସମ୍ପର୍କିତ କର୍ମଶାଳା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଏସ୍‌ଭି ନିର୍ଡାର ଅଲଟ୍‌ପୁରର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାଶ, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ବାରିକ, ଆର୍କିଟେକ୍ଟ ଡିଏମ୍‌ଏଫର ଟିମ୍ ଲିଡର୍ ନିର୍ମଳ ଯୋଶୀ, ବରିଷ୍ଠ ପ୍ରକଳ୍ପ ଅଧିକାରୀ ବିଟନ୍ ହାଲଦାର ପ୍ରମୁଖ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଗାଁ ସାଥୀଙ୍କ ସମାବେଶ

**ବାଲିଆପାଳ,୧୬।୨(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଖଗଡ଼ାପାଳ ଗ୍ରାମର ଖଗଡ଼େଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ଗାଁ ସାଥୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କ୍ଷୀତିଶ କୁମାର ଜେନା ଯୋଗଦେଇ ଗାଁ ସାଥିମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇ ସରକାର ଗାଁ ସାଥିମାନଙ୍କୁ ନେଇ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଯେତିକି ଲାଭ ଉଠାଉଛନ୍ତି ସେତିକି ଗାଁ ସାଥୀଙ୍କ ସମସ୍ୟା ବୁଝୁ ନାହାନ୍ତି। ଦୁର୍ଦ୍ଦିନ ମଧ୍ୟରେ ସେମାନେ ଜୀବନ ବିତାଉଛନ୍ତି। ଯେଉଁ ସ୍ଥାନରେ ଗାଁ ସାଥି ନିଯୁକ୍ତି ହୋଇନାହିଁ ସେ ସ୍ଥାନରେ ତୁରନ୍ତ ନିଯୁକ୍ତି ସହ ସୁରକ୍ଷା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଜେନା ଦାବି କରିଥିଲେ। ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ ହେବ ବୋଲି ହେମନ୍ତ ପାତ୍ର, ନକୁଳ କୁମାର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଯୁବ ଆଇନଜୀବୀଙ୍କ ଅକାଳ ମୃତ୍ୟୁ

**ସୋର, ୧୬।୨(ଡି.ଏନ୍.ଏ.)**

ଯୁବ ଆଇନଜୀବୀ ତଥା ସୋରର ଖବରଦାତା ଶିଶିର କୁମାର ଦାସଙ୍କ ସାନ ଭାଇ ସୁଧୀର କୁମାର ଦାସଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି।

# ନବମ ବାର୍ଷିକ 'ମାଗେ ପରବ'

**ଚମ୍ପୁଆ ୧୬।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ପାଞ୍ଚପୋଖରିଆ ମୁଣ୍ଡ ସାହିଠାରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଭାଇଚାରାର ନିଦର୍ଶନପୂର୍ବକ ଆଦିବାସୀଙ୍କ ନବମ ବାର୍ଷିକ 'ମାଗେ ପରବ' ଅନୁଷ୍ଠିତ ହୋଇଯାଇଛି। ପିଲାରୁ ବୁଢା ପର୍ଯ୍ୟନ୍ତ ସମସ୍ତ ଆଦିବାସୀମାନେ ୩ ଦିନ ଧରି ଏହି ପର୍ବ ପାଳି ଆସୁଛନ୍ତି। ମଙ୍ଗଳବାର ଅନ୍ତିମ ଦିନରେ ସବୁ ରାଗ ଭୁଲି ଏକାଠି ନାଚ ଗୀତରେ ମସଗୁଲ ହୋଇଥାନ୍ତି। ପାରମ୍ପାରିକ ବାଦ୍ୟ ମାଦଳର ତାଳେ ତାଳେ ହାତକୁ ହାତ ଛନ୍ଦି ଏକତାର ବାର୍ତ୍ତା ଦେଇଥାନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ଅକ୍ଷୟ କୁମାର ନାଏକ, ରାଜକିଶୋର ପାତ୍ର, ମାଟୁ ମୁଣ୍ଡା ଓ ସନାତନ ମୁଣ୍ଡା ଆଦି ଏହାକୁ ପରିଚାଳନା କରିଥିଲେ।



ମାଦଳର ତାଳେ ତାଳେ ପାରମ୍ପରିକ ନୃତ୍ୟରେ ଲୋକେ ମସଗୁଲ ଅଛନ୍ତି।

# ସାମୁଦ୍ରିକ ଜୈବବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

**ବାଲେଶ୍ୱର ଅଫିସ, ୧୬।୨**

ବାଲେଶ୍ୱରରେ 'ଜାତୀୟ ସାମୁଦ୍ରିକ ଜୈବ ବିଜ୍ଞାନ ଶିକ୍ଷା ପ୍ରତିଷ୍ଠାନ ତଥା ଗବେଷଣା କେନ୍ଦ୍ର' ପ୍ରତିଷ୍ଠା କରିବା ପାଇଁ 'ବାପା' ସଙ୍ଗଠନ ତରଫରୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରାୟ ୪୮୦କି.ମି. ଲମ୍ବ ଓଡ଼ିଶା ଉପକୂଳରେ ବିଭିନ୍ନ ଜୈବବିବିଧତା ସହ ବାଲେଶ୍ୱରରେ ଅନେକ ପ୍ରକାର ସାମୁଦ୍ରିକ ଜୀବ ଥିବାରୁ ଏହା ଉପରେ ଏକ ଜାତୀୟ ଶିକ୍ଷା ପ୍ରତିଷ୍ଠାନ ତଥା ଗବେଷଣାର ଆବଶ୍ୟକତା ରହିଛି। ଏଠାରେ ରହିଥିବା ସାମୁଦ୍ରିକ ଗୁଳ୍ମ ତଥା ଜୀବଜନ୍ତୁଙ୍କ ଉପରେ ଗବେଷଣା କେନ୍ଦ୍ର ସହ ଏକ ଜାତୀୟସ୍ତରର ଆକ୍ୱାରିୟମ୍‌ର ଆବଶ୍ୟକତା ରହିଛି। ଫଳରେ ଶିକ୍ଷା ଓ ଗବେଷଣା ତଥା ଟୁରିଜିମ୍ (ପର୍ଯ୍ୟଟନ) କ୍ଷେତ୍ରରେ ମଧ୍ୟ ଏହା ସହାୟକ ହୋଇପାରିବ। ଫ୍ଲାଟ୍ ସି ଭାବେ ଚାନ୍ଦିପୁର ବିଶ୍ୱରେ ଅନନ୍ୟ। ଅନେକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତେଣୁ ଶିକ୍ଷା-ଗବେଷଣା-ପର୍ଯ୍ୟଟନର ତ୍ରିଭୂଜରେ ବାଲେଶ୍ୱରର ବିକାଶ ଏକ ନୂତନ ଦିଗନ୍ତ ସୃଷ୍ଟି କରାଯାଇପାରିବ। ଅତୀତରେ ଚାନ୍ଦିପୁର ଏକ ସ୍ୱତନ୍ତ୍ର ଐତିହ୍ୟ ଥିଲା। ଏଠାରେ ଆଇଟିଆର୍, ଏନ୍‌ପିଆର୍, ପିଏକ୍ସଇ ତଥା ଏବେ ବଜ୍ରପାତ ଗବେଷଣା କେନ୍ଦ୍ରକୁ ଆଖି ଆଗରେ ରଖି ଏଭଳି ଜାତୀୟ ଶିକ୍ଷାନୁଷ୍ଠାନର ମହତ୍ତ୍ୱ ତଥା ବାଲେଶ୍ୱରର ଭୌଗୋଳିକ ସ୍ଥିତିକୁ ରଖି ଏହା ସାମୁଦ୍ରିକ ବ୍ୟବସାୟକୁ ମଧ୍ୟ ପ୍ରୋତ୍ସାହନ ଦେବ। ଦାବିପତ୍ର ପ୍ରଦାନ ବେଳେ 'ବାପା'ର ସଭାପତି ବିଜୟ ପାଣିଗ୍ରାହୀ, ସମ୍ପାଦକ ଗିରିଜା ଦାସ, ପ୍ରୋ. (ଡା) ଶାନ୍ତନୁ ଦାସ, ସତ୍ୟସ୍ୱରୂପ ପତି, ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ୨୦୧୮ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ମଧ୍ୟ ବିଶ୍ୱବିଦ୍ୟାଳୟରେ ମେରାଇନ୍ ବାୟୋଲଜି (ସାମୁଦ୍ରିକ ଜୈବ ବିଜ୍ଞାନ) ବିଷୟ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।




ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପୋଡ଼ିଗଲା ୪ ବଖରା

ଭଦ୍ରକ ଅଫିସ: ଭଦ୍ରକ ପୌରାଞ୍ଚଳ ଅଧୀନ ଚରମ୍ପା ବଉଳପୋଖରୀରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡ଼ି ନଷ୍ଟ ହୋଇଯାଇଛି। ଭଦ୍ରକରୁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟ୍ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ମୋହନ ମଳିକ ଓ ମଦନ ମଳିକଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବାଣୀପୀଠରେ ବାଗ୍‌ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

## ଖଡ଼ି ଛୁଇଁ ବିଦ୍ୟା ଆରମ୍ଭ କଲେ ଶିଶୁ

ଉଦଳା,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଅଧୀନ ଉଦଳାଠାରେ ଥିବା ସରସ୍ୱତୀ ମନ୍ଦିରରେ ମଙ୍ଗଳବାର ବାଗ୍‌ଦେବୀଙ୍କ ପୂଜା କରାଯାଇଥିଲା। ବାଣୀପୀଠ ଭାବେ ପରିଚିତ ଓଡ଼ିଶାର ଏକମାତ୍ର ଏହି ମନ୍ଦିରରେ ପ୍ରତ୍ୟେକ ଦିନ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ବସନ୍ତ ପଞ୍ଚମୀରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ମଙ୍ଗଳବାର ଭୋର ୫ଟା ସମୟରେ ମନ୍ଦିର ଦ୍ୱାର ଫିଟିଥିଲା। ସାଢ଼େ ୫ଟାରେ ମାର୍ଜନା, ନେତ୍ରବନ୍ଧନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଅର୍ଘ୍ୟ ପ୍ରଦାନ ପରେ ମହାସ୍ନାନ ଜନିତ ଉପଚାର, ରାଜରାଜେଶ୍ୱରୀ ବେଶ, ମଙ୍ଗଳ ଆଳତୀ ହୋଇଥିଲା। ସକାଳ ୭ଟାରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ନିମନ୍ତେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୧ଟାରେ ଅବକାଶ ନୀତି କରାଯାଇଥିଲା। ଉଦଳାର ସର୍ବପୁରାତନ ମଣିନାଗେଶ୍ୱର ମନ୍ଦିରରୁ ଘଟ ଉତ୍ତୋଳନ କରାଯାଇ ନଗର ପରିକ୍ରମା ପରେ ମନ୍ଦିରରେ ପହଞ୍ଚିଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ, ପୂର୍ଣ୍ଣାହୁତି ପ୍ରଦାନ, କବଚ ଧାରଣ, ଆଶ୍ରି ଗ୍ରହଣ, ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ବିଦ୍ୟା ଅଧ୍ୟୟନ ଆରମ୍ଭ କରୁଥିବା ଶିଶୁମାନଙ୍କର ଖଡିଛୁଆଁ ମଧ କରାଯାଇଥିଲା। ୩୦ରୁ ଅଧିକ ଶିଶୁ ଖଡ଼ିଛୁଇଁ ବିଦ୍ୟା ଆରମ୍ଭ କରିଥିଲେ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମନ୍ଦିର ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା ରହିଥିବା ମନ୍ଦିର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି। ଚଳିତ ବର୍ଷ କରୋନା କଟକଣାକୁ ନଜରରେ ରଖି ପୂଜା ପରେ ହେବାକୁ ଥିବା ଐତିହାସିକ ସରସ୍ୱତୀ ମେଳା ବନ୍ଦ କରାଯାଇଛି । ମନ୍ଦିର କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କମିଟିର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି କ୍ଷୀରୋଦ ରଞ୍ଜନ ମହାନ୍ତି, ପ୍ରସନ୍ନ କୁମାର ଦାସଙ୍କ ସମେତ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ।



ଜଣେ ପୂଜକ ଖଡ଼ି ଛୁଆଁଇ ଶିଶୁଙ୍କ ବିଦ୍ୟାରମ୍ଭ କରୁଛନ୍ତି।

# ରଥ ପାଇଁ କାଠ ଅନୁକୂଳ

ବାରିପଦା ଅଫିସ,୧୬।୨

ଚଳିତ ବର୍ଷ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ଶ୍ରୀପଞ୍ଚମୀ ଅବସରରେ ରଥକାଠ ଅନୁକୂଳ ହୋଇଛି। ବନବିଭାଗର ଅନୁମତି କ୍ରମେ ମଞ୍ଜାବନ୍ଧା ସଂରକ୍ଷିତ ଜଙ୍ଗଲରୁ ରୀତିନୀତି ଅନୁଯାୟୀ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ୬ଜଣ ରଥ ମହାପାତ୍ର କରତିଆ ସେବକ ଏବଂ ବାର୍ଷିଆ ସେବକମାନେ ଜଙ୍ଗଲଦେବତା ଓ ଗଛ ଦେବତାଙ୍କୁ ପୂଜା କରି ଗଛ କାଟିବା ଆରମ୍ଭ କରିଥିଲେ। ଶଙ୍ଖ, ଘଣ୍ଟଘଣ୍ଟା ଓ ସଂକୀର୍ତ୍ତନ ମାଧ୍ୟମରେ ରଥକାଠକୁ ମନ୍ଦିର ପରିସରକୁ ଆଣି ରଖାଯାଇଥିଲା। ଏହି କାଠ ପହଞ୍ଚିବା ପରେ ଶ୍ରଦ୍ଧାଳୁଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ।



ରଥ ପାଇଁ ଆସିଥିବା କାଠ।

**WANTED**
ଏକ ପ୍ରତିଷ୍ଠିତ ଟେକ୍ସଟାଇଲ କମ୍ପାନୀର ପ୍ରଚାର ପ୍ରସାର ପାଇଁ ୫୦ଜଣ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଭୁବନେଶ୍ୱରରେ ରହି କାମ କରିବାକୁ ଇଚ୍ଛୁକ ପ୍ରାର୍ଥିନୀ/ପ୍ରାର୍ଥୀ ଯୋଗାଯୋଗ କରନ୍ତୁ। ମାସିକ ଦରମା ୧୫,୦୦୦/-। ଯୋଗ୍ୟତା: ମାଟ୍ରିକ ପାସ୍‌ରୁ ଊର୍ଦ୍ଧ୍ୱ।
ଠିକଣା: କୌଶଲ୍ୟାଗଙ୍ଗ ।
ଯୋଗାଯୋଗ: 8895920243.

**REQUIRED URGENTLY** for Techinical and Non-Technical Candidate 17nos for Post : Asst.Engg Asst. Manager / Jr. Engg / Supervisor Electrician / Technician / Store keeper Welder / Cleark / Peon.
Salary :- Rs 9,880/- ରୁ Rs 90,000/-
Mr. Prabhakar Mishra
Email : powersunflag@gmail.com
WhatsApp :- 8984171859

ସିକ୍ୟୁରିଟି ଗାର୍ଡ ରେ ଆସିଲା ନିଯୁକ୍ତି
Posting Bhubaneswar (with EPF + ESI)
Sal : 9000/- to 16,000/-
ଓଡିଶାର ସବୁ ଜିଲ୍ଲାର ପ୍ରାର୍ଥୀ ଆବେଦନ କରିପାରିବେ ।
Mob: 8984433623,8342041401

ODISHAର ପ୍ରତ୍ୟେକ ଜିଲ୍ଲାପାଇଁ ସମ୍ପୂର୍ଣ୍ଣ କର୍ମ ନିଯୁକ୍ତି ସୂଚନା
1. OFFICE EXECUTIVE
2. SUPERVISOR
3. TELE CALLER
Qualification : 10th to Graduation
Age : 18-30 years,
Salary : Rs.12,500 - Rs.28,500 + Other facilities
CALL : 8826070897

**WANTED**
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ ।
କମଲ ପ୍ଲେସ୍‌ମେଣ୍ଟ, ସୁରତ୍, ଗୁଜୁରାଟ
CONTACT: 9157312448

Urgently Required
XEROX OPERATOR
Minimum Experience 3years
CHELSHHA
Ravitalkies Road, Bhubaneswar
Mob:- 9040821015

Urgently required sales representative having experience of minimum 3 years industrial field. Interested candidates may send their CV at retrading_co@yahoo.co.in Contact No.9830027878

**HIRING**
MENDEL LIFE SCIENCE PVT. LTD.
Unit - 6, Bhubaneswar Branch, is looking for
1. A Pharmacist to work in Pharmacy Store.
2. Nurse with experience of handling IVF cases.
3. Marketing Officer with experience in field of Genetics and IVF.
Salary not a constraint for deserving candidates.
Interested candidates can visit and apply at our page:
http://recruitment.mendellifescience.in
For further queries, Contact: 9853484812.

WALK IN INTERVIEW
WANTED
SALES OFFICER
WITH 2-3 YEARS EXPERIENCE
(FMCG) - 5 NOS.
(CONSUMER DURABLES) - 3 NOS.
SHANTI AGENCIES
1935/2813, CHINTAMANISWAR AREA
BHUBANESWAR - 751006
Email: oneworldbbsr@gmail.com
+91-9937944999

See Career Appointment on every Wednesday & Saturday

**JOB VACANCIES**
Suitable Male Candidates Required as Gold Loan Sales Counsellors Job in a Reputed Bank across Odisha.

| | | |
|---|---|---|
| Job Profile | - | Sales |
| Salary Band | - | 8,500-10,500(Plus Incentive) |
| Educational Qualification | - | 10+2 for experienced candidate and Graduation for fresher. |
| Age Criteria | - | 21-35 Yrs . |

Note: Own Conveyance(TW) is a must with valid DL.
Pls. mail your Resume in:
jobs@mbsindia.net
Mentioning Job Code – GL Odisha.

## ସଂକ୍ଷେପରେ

### କୋଇଲା ଜବତ

ଭଦ୍ରକ ଅଫିସ, ୧୬।୨: ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମଙ୍ଗଳବାର ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ଏହି ଘଟଣାରେ ୨ଟି ଟିଭିଏସ୍ ଗାଡ଼ି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୯୦/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଧାମରା ରେଳ ଲାଇନରୁ କୋଇଲା ଚୋରି କରି ଚାଲାଣ ହେଉଥିବା ସମ୍ପର୍କରେ ପୋଲିସ ଖବର ପାଇ ବାଣିତିଆ ଛକ ନିକଟରେ ୨ଟି ଟିଭିଏସ୍ ଗାଡ଼ିକୁ ଅଟକାଇଥିଲା। ପୋଲିସକୁ ଦେଖି ଜଣେ ଗାଡ଼ି ଛାଡ଼ି ପଳାଇଥିବା ବେଳେ ଅନ୍ୟ ଜଣେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ଗିରଫ ଯୁବକ ଜଣକ ହେଲେ ବଉଳପୋଖରୀ ଗାଁର ମହେଶ୍ୱର ମଲ୍ଲିକ। ଗିରଫ ମହେଶ୍ୱରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

### ସୋର ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

ସୋର, ୧୬।୨(ଡି.ଏନ୍.ଏ.): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ସୋମବାର ବିଳମ୍ବିତ ରାତିରେ କମାଣପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ବାଇକ୍ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ପ୍ରଫୁଲ୍ଲ କୁମାର ଜେନା ରାତି ୨ଟା ବେଳେ ପରିବାରର ଲୋକଙ୍କ ଜରୁରୀ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସିଥିଲେ। ସେ ନିଜ ବାଇକ୍ (ନଂ. ଓଡି-୦୧ଏସ୍- ୩୦୨୧)କୁ ଡାକ୍ତରଖାନା ପରିସରରେ ରଖି ଡାକ୍ତରଖାନା ଭିତରକୁ ଯାଇ ଫେରିବା ପରେ ବାଇକ୍ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଡାକ୍ତରଖାନାରେ ସିକ୍ୟୁରିଟି ଥିବା ସହ ସିସିଟିଭି ଲାଗିଥିଲେ ମଧ ବାଇକ୍ ଚୋରି ହେଉଥିବା ଲୋକଙ୍କୁ ଚକିତ କରିଛି।

# ନେହେରୁ ଷ୍ଟାଡିୟମ ଅକ୍ତିଆରକୁ ନେଲା ଜିଲା ପ୍ରଶାସନ

ଭଦ୍ରକ ଅଫିସ,୧୬।୨

ଭଦ୍ରକ ନେହେରୁ ଷ୍ଟାଡିୟମକୁ ମଙ୍ଗଳବାର ଜିଲା ପ୍ରଶାସନ ନିଜ ଅକ୍ତିଆରକୁ ନେଇଛି। ଏହା ପୂର୍ବରୁ ଜିଲା ଅଲିମ୍ପିକ ଆସୋସିଏସନ ଏହାକୁ ପରିଚାଳନା କରୁଥିଲା। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ଏହି ପଦକ୍ଷେପ ନିଆଯାଇଥିବା ଜିଲାପାଳ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ଷ୍ଟାଡିୟମର ମାଲିକାନା ସତ୍ତ୍ୱ ଜିଲାସ୍କୁଲର ହୋଇଥିବା ବେଳେ ୨୦୦୦ରୁ ଜିଲା ଅଲିମ୍ପିକ ଆସୋସିଏସନ ଏକ ଚୁକ୍ତିନାମା ମାଧ୍ୟମରେ ପରିଚାଳନା କରି ଆସୁଥିଲା। ତେବେ ଦୁଇବର୍ଷ ତଳେ ପୌରପାଳିକା ପକ୍ଷରୁ ଷ୍ଟାଡିୟମକୁ ନିଜ ଅକ୍ତିଆରକୁ ଆଣିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଅଲିମ୍ପିକ ଆସୋସିଏସନ ଏହାକୁ ବିରୋଧ କରି କୋର୍ଟର ଆଶ୍ରୟ ନେଇଥିଲା। ଫଳରେ କୋର୍ଟର ରହିତାଦେଶ ଯୋଗୁ ପ୍ରଶାସନ ଷ୍ଟାଡିୟମକୁ ନିଜ ଅକ୍ତିଆରକୁ ନେଇ ପାରୁ ନ ଥିଲା। ଜିଲା ପ୍ରଶାସନ ପକ୍ଷରୁ ରହିତାଦେଶ ହଟାଇବା ଲାଗି ନ୍ୟାୟାଳୟରେ ଆବେଦନ କରାଯାଇଥିଲା। ତେବେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ଷ୍ଟାଡିୟମକୁ ଜିଲା ପ୍ରଶାସନ ନିଜ ଅକ୍ତିଆରକୁ ନେଇଥିବା ଜିଲାପାଳ ଜଣାଇଛନ୍ତି। ଅତିରିକ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ଓ ଅରୁଣ ମହାପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ କୁମାର ଜେନା, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ, ଭଦ୍ରକ ତହସିଲଦାର ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ଷ୍ଟାଡିୟମ ମୁଖ୍ୟ ଫାଟକରେ ତାଲା ପକାଇ ନିଜ ଅକ୍ତିଆରକୁ ନେଇଥିଲେ। ଏନେଇ ଅଲିମ୍ପିକ ଆସୋସିଏସନ ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ରଙ୍କୁ ପଚାରିବାରୁ ଜିଲା ପ୍ରଶାସନ ଖେଳ ଓ ଖେଳାଳିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି।



ଷ୍ଟାଡିୟମରେ ପ୍ରଶାସନିକ ଅଧିକାରୀ ମାନେ।

# ଧାନକିଣାରେ ଅନିୟମିତତା ଅଭିଯୋଗ

ଖଇରା, ୧୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସେବା ସମିତିରେ ଧାନକିଣା ସମେତ ଅନ୍ୟାନ୍ୟ ଯୋଜନାରେ ଅନିୟମିତତା ହେଉଥିବା ନେଇ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ, କୁପାରୀ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସମିତିସଭ୍ୟା ସୁନୀତା ସାହୁଙ୍କ ନେତୃତ୍ୱରେ ଚାଷୀମାନେ ରବିବାର ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଧାନକିଣା ବେଳେ କଟ୍‌ନୀଛଟନୀ ଆଳରେ ଓଜନରେ ୫ରୁ ୧୨ପ୍ରତିଶତ ଧାନ କାଟିବା, ଅଖାବୁରା ପ୍ରଦାନ କରା ନ ଯିବା, ପ୍ରକୃତ ଚାଷୀଙ୍କୁ ପଞ୍ଜିକରଣରୁ ବାଦ୍ ପେଦବା, କେତେଜଣ ଚାଷୀଙ୍କୁ ଏକାଧିକ ଟୋକନରେ ବିକ୍ରୟ ସୁବିଧା ଦେବା, ଅନ୍ୟ ସମିତି ଅଧୀନରେ ଥିବା ଚାଷୀଙ୍କୁ ଗଡପୋଖରୀରେ ପଞ୍ଜିକୃତ କରାଇ ଧାନ ବିକ୍ରି ପାଇଁ ସୁଯୋଗ ଦେବା ଭଳି ଅଭିଯୋଗ ଏଥିରେ ଉଲ୍ଲେଖ କରାଯାଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଧାନ କିଣାରେ ଅନିୟମିତତା ଉପଲବ୍ଧି କରିବା ପରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସମ୍ପାଦକଙ୍କ ନିଲମ୍ବନ ସତ୍ତ୍ୱେ ସେ କାର୍ଯ୍ୟ କରୁଥିବା କୁହାଯାଇଛି। ଏ ସମ୍ପର୍କରେ ସମ୍ପାଦକ ମାନସ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ସେ ସିଧାସଳଖ ଅଭିଯୋଗକୁ ଖଣ୍ଡନ କରି ଧାନକିଣାରେ କୌଣସି ବିଶୃଙ୍ଖଳା ହୋଇ ନ ଥିବା କହିବା ସହ ଉପାଧ୍ୟକ୍ଷ ନିଜର କେତେଜଣ ସମର୍ଥକଙ୍କୁ ଧରି ଧାନକିଣାକୁ ଭଣ୍ଡୁର କରିବାକୁ ଆରମ୍ଭରୁ ଉଦ୍ୟମ କରୁଛନ୍ତି। ପ୍ରକୃତ ଚାଷୀଙ୍କର ଏଭଳି ଅଭିଯୋଗ ନ ଥିବା ବେଳେ କେବଳ ରାଜନୈତିକ ଭାବନା ରଖି ଏଭଳି କରାଯାଉଥିବା କହିଛନ୍ତି।

# ଭଦ୍ରକ ମେଡିକାଲ କଲେଜ ପ୍ରସଙ୍ଗ ଉଠାଇଲେ କୋରାପୁଟ ଏମ୍‌ପି

ଭଦ୍ରକ ଅଫିସ, ୧୬।୨

ଚଳିତ ସଂସଦ ଅଧିବେଶନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଭଦ୍ରକ ସହିତ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି। ଭଦ୍ରକ ଅଥବା କେନ୍ଦ୍ରାପଡ଼ା ଜିଲାର ଲୋକ ନ ହୋଇ ମଧ ସେ ଜିଲାବାସୀଙ୍କ ବୃହତ ସ୍ୱାର୍ଥକୁ ଆଖି ଆଗରେ ରଖି ସଂସଦରେ ଦାବି ଉପସ୍ଥାପନ କରିବା ପ୍ରଶଂସନୀୟ ବୋଲି ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। କୋରାପୁଟ ଏମ୍‌ପି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ପ୍ରାୟ ୫୬ ବର୍ଷ ତଳେ ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ନିଖୋଜ ହୋଇ ପାକିସ୍ତାନ ଜେଲରେ ଯୁଦ୍ଧବନ୍ଦୀ କୁହାଯାଉଥିବା ଭଦ୍ରକ ଜିଲାର ଜଣେ ସିପାହୀ ଆନନ୍ଦପତ୍ରୀଙ୍କ ମୁକ୍ତି ନେଇ ସରକାରଙ୍କୁ ଅନୁରୋଧ କରିଥିଲେ। ଜିଲାର ଏମ୍‌ପି ଭାବେ ନିଜ ଜିଲାର ଜଣେ ଯୁଦ୍ଧବନ୍ଦୀଙ୍କ ମୁକ୍ତି ନେଇ ସଂସଦରେ ସ୍ୱର ଉଠାଇଥିବା ବେଳେ ଅନ୍ୟ ଜିଲାର ଏମ୍‌ପି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ରଖିବା ଘଟଣା ଜିଲାବାସୀଙ୍କୁ ଆନନ୍ଦ ଆଣିଥିବା ଜଣାପଡ଼ିଛି।

# ପାଣି ସମସ୍ୟା ପାଇଁ ସରପଞ୍ଚଙ୍କୁ ଘେରିଲେ



ସରପଞ୍ଚଙ୍କୁ ଗ୍ରାମବାସୀ ଘେରିଛନ୍ତି।

ଯୋଡା,୧୬।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଜଳହରି ପଞ୍ଚାୟତର ୫ ନଂ ୱାର୍ଡ ନ୍ୟୁ କଲୋନୀରେ ପାଇପ୍‌ଲାଇନ୍ ଜଳ ଯୋଗାଣରେ ସମସ୍ୟା ନେଇ ମଙ୍ଗଳବାର ବହୁ ମହିଳା ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରି ତାଙ୍କୁ ଘେରି ଯାଇଥିଲେ।

ପ୍ରକାଶଯୋଗ୍ୟ ଯେ, ଉକ୍ତ ୱାର୍ଡରେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପଞ୍ଚାୟତର ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ପାଇପ୍‌ଲାଇନ୍ ଜରିଆରେ ପାନୀୟ ଜଳ ଯୋଗାଣ ହେଉଥିଲା । ମାତ୍ର ଦୀର୍ଘଦିନ ହେବ ଉକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଏ ସମ୍ପର୍କରେ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଗତ ୮ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଜର ଅଭିଯୋଗ ଶୁଣାଇବାକୁ ଯାଇଥିଲେ ହେଁ, ସେଠାରେ କେହି ଉପସ୍ଥିତ ନ ଥିବାରୁ ସେମାନେ ଫେରି ଯାଇଥିଲେ । ପରବର୍ତ୍ତୀ ସମୟରେ ଭିଏଲ୍‌ଡବ୍ଲ୍ୟୁ ଗଙ୍ଗାଧର ପାତ୍ରଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ହେଁ, କୌଣସି ସୁଫଳ ମିଳିନଥିଲା। ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କହିଛନ୍ତି, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରିବାପାଇଁ ସେ ବ୍ୟବସ୍ଥା କରିବେ। ବର୍ତ୍ତମାନ ଦିନେ ଛାଡି ଦିନେ ପାଇପ୍‌ଲାଇନ୍‌ରେ ପାନୀୟ ଜଳ ଯୋଗାଇ ଦିଆଯିବ। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ।

DSPL - 206

## ହସ୍ତଶିଳ୍ପ କାରିଗରମାନଙ୍କ ସର୍ବେକ୍ଷଣ

ରାଜ୍ୟରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ନିମ୍ନଲିଖିତ ଜିଲ୍ଲାମାନଙ୍କରେ ହସ୍ତଶିଳ୍ପ କାରିଗରମାନଙ୍କର ସର୍ବେକ୍ଷଣ କାର୍ଯ୍ୟକ୍ରମ ବର୍ତ୍ତମାନ ଚାଲୁଅଛି । କାର୍ଯ୍ୟରତ କାରିଗରମାନେ ଉକ୍ତ ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଆସୁଅଛନ୍ତି । ଏତଦଦ୍ୱାରା ସମସ୍ତ କାରିଗରମାନଙ୍କୁ ସୂଚନା ଦିଆଯାଉଅଛିକି ଯଦି ଏ ପର୍ଯ୍ୟନ୍ତ କୌଣସି କାରିଗର ଏହି ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ନିମ୍ନମତେ ପ୍ରଦତ୍ତ ଜିଲ୍ଲା ସଂଯୋଜକ, ରାଜ୍ୟ ସଂଯୋଜକ ଏବଂ ପରିସଂଖ୍ୟାନ ଅଧିକାରୀଙ୍କ ସହ ଯୋଗାଯୋଗ କରି ନିଜର ନାମ ପଞ୍ଜୀକରଣ କରିପାରିବେ ।

| କ୍ର ନଂ | ଜିଲ୍ଲା | ଜିଲ୍ଲା ସଂଯୋଜକଙ୍କର ନାମ | ଜିଲ୍ଲା ସଂଯୋଜକଙ୍କର ମୋବାଇଲ ନଂ | ରାଜ୍ୟ ସଂଯୋଜକଙ୍କର ମୋବାଇଲ ନଂ | ପରିସଂଖ୍ୟାନ ଅଧିକାରୀଙ୍କର ମୋବାଇଲ ନଂ |
|---|---|---|---|---|---|
| ୧. | ପୁରୀ | ସଙ୍ଗୀତା ବେହେରା | ୮୯୮୪୪୨୩୨୨ | ଶ୍ରୀ ଦିଲ୍ଲୀପ କୁମାର ଦାସ ୭୭୫୧୯୧୪୯୭୫ | ଶ୍ରୀ ପରିମଳ ସାମଲ ୭୯୭୮୩୯୭୧୭୪ |
| ୨. | ଜଗତସିଂହପୁର | କ୍ଷୀରୋଦ କୁମାର ଦାସ | ୯୯୩୭୫୧୩୩୮୪ | | |
| ୩. | ସମ୍ବଲପୁର | ସଂଜୀବ କୁମାର ଦାସ | ୬୩୭୦୫୨୩୮୩ | | |
| ୪. | ଝାରସୁଗୁଡା | ପ୍ରମୋଦିନୀ ମେହେର | ୭୮୯୪୭୨୭୩୯୩ | | |
| ୫. | କୋରାପୁଟ | ଓମ ଜ୍ଞାନ ପ୍ରକାଶ | ୮୦୧୮୪୬୭୯୮୦ | | |
| ୬. | ନବରଙ୍ଗପୁର | ଅଜିତ ନାୟକ | ୯୫୫୬୭୦୨୪୯୫ | | |
| ୭. | ନୟାଗଡ | ଜ୍ୟୋତି ରଞ୍ଜନ ସାହୁ | ୯୯୩୮୮୦୦୧୯୦ | | |
| ୮. | ମୟୂରଭଞ୍ଜ | ବିନୋୟ କୁମାର ମହନ୍ତ | ୯୬୯୨୪୧୪୨୦୦ | | |
| ୯. | ଯାଜପୁର | ଭୃଗୁନନ୍ଦନ ରଥ | ୯୯୩୮୬୩୧୯୫୪ | | |
| ୧୦. | ଢେଙ୍କାନାଳ | ଅଶୋକ କୁମାର ବେହେରା | ୯୦୯୦୩୬୧୪୫୫ | | |
| ୧୧. | ଅନୁଗୁଳ | ତପନ କୁମାର ବିଶ୍ୱାଳ | ୯୭୭୬୦୬୩୮୯ | | |
| ୧୨. | ବୌଦ୍ଧ | ସମୀର ମହାରଣା | ୭୬୮୩୯୮୧୨୫୬ | | |
| ୧୩. | ଗଞ୍ଜାମ | ଅଜିତ ପଣ୍ଡିତ | ୮୦୧୮୯୪୮୧୮୯ | | |
| ୧୪. | ଗଜପତି | ଶ୍ରୀମା ବେହେରା | ୮୨୪୯୦୧୭୩୧୫ | | |

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ
OIPR-43002/13/0010/2021

## ସଂକ୍ଷେପରେ

### ସାହିତ୍ୟର ପ୍ରସାର ପାଇଁ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୨(ବ୍ୟୁରୋ): ଓଡ଼ିଆ ସାହିତ୍ୟକୁ ଇଣ୍ଟରନେଟ୍ ମାଧମରେ ପ୍ରସାର କରିବା ପାଇଁ ଓଡ଼ିଶା ସାହିତ୍ୟ ଡଟ୍ କମ୍ (odishasahitya.com) ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ମଙ୍ଗଳବାର ଶ୍ରୀପଞ୍ଚମୀ ଅବସରରେ ବିଶିଷ୍ଟ ସାହିତ୍ୟିକ ମୃଣାଳ ଅନ୍‌ଲାଇନ ମାଧମରେ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆଗାମୀ ପିଢ଼ି ଖବରଠାରୁ ସାହିତ୍ୟ ପର୍ଯ୍ୟନ୍ତ ସବୁକିଛି ପାଇଁ ଡିଜିଟାଲ ପ୍ଲାଟଫର୍ମ ଉପରେ ନିର୍ଭର କରିବେ। ସେ ଦିଗରେ ଓଡ଼ିଶା ସାହିତ୍ୟ ଡଟ୍ କମ୍ ଏକ ଭଲ ପ୍ରୟାସ। ସାମାଜିକ ଗଣମାଧମ ଜରିଆରେ ଅନେକ ଲେଖକ ନିଜ ଲେଖା ପ୍ରକାଶିତ କରିପାରୁଛନ୍ତି। ନୂଆ ୱେବ୍‌ସାଇଟ୍ ସେମାନଙ୍କୁ ଏକ ପ୍ଲାଟଫର୍ମ ଯୋଗାଇ ଦେବ। ଓଡ଼ିଶା ସାହିତ୍ୟ ଡଟ୍ କମ୍‌ର ସମ୍ପାଦକ ଜ୍ୟୋତି ପ୍ରକାଶ ମହାପାତ୍ର କହିଥିଲେ, ଲେଖକମାନଙ୍କୁ ଏକ ମଞ୍ଚ ଯୋଗାଇବା ହିଁ ଆମର ଲକ୍ଷ୍ୟ। ପ୍ରକାଶିତ ଲେଖା ଦେଖିବାର ତୃପ୍ତି ଅଲଗା। ସେ ଦିଗରେ ଓଡ଼ିଶା ସାହିତ୍ୟ ପ୍ରଗାଢ଼ ଉଦ୍ୟମ କରିବ। ଏଥିପାଇଁ ଗଳ୍ପ, କବିତା, ସମାଲୋଚନା, ସାହିତ୍ୟ ସମ୍ପର୍କିତ ଲେଖା editor@odisha-sahitya.comରେ ପଠାଇ ପାରିବେ। ଆୟୋଜିତ ଉତ୍ସବରେ ଜିତେନ୍ଦ୍ର ପତି, ଶୁଭଙ୍କରୀ ଦାସ, ସୌମ୍ୟରଞ୍ଜନ ବିହାରା, ପଦ୍ମଲୋଚନ ପ୍ରଧାନ, ସମ୍ପିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮ରୁ ଚନ୍ଦ୍ରଭାଗା ପଡ଼ିଆରେ ୧୪୪ ଧାରା

- ଏଥର କୋଭିଡ୍ କଟକଣାରେ ମାଘମେଳା
- ୫ଶହ ଲୋକଙ୍କୁ ମିଳିବ ଅନୁମତି

ପୁରୀ ଅଫିସ, ୧୬।୨

ଚଳିତବର୍ଷ ସୀମିତ ସଂଖ୍ୟକ ଲୋକଙ୍କୁ ନେଇ କୋଭିଡ୍ କଟକଣା ମଧ୍ୟରେ ଚନ୍ଦ୍ରଭାଗା ମାଘ ମେଳା ଆୟୋଜନ ହେବ। ଜନସମାଗମ ଯୋଗୁ କରୋନା ସଂକ୍ରମଣର ଆଶଙ୍କା ଥିବାରୁ ଚନ୍ଦ୍ରଭାଗା ମେଳା ପଡ଼ିଆରେ ୧୪୪ ଧାରା ଲାଗୁ କରାଯିବ। ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୧ଟାରୁ ୧୯ ତାରିଖ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ଓ ପହିଲି ସୂର୍ଯ୍ୟ ଦର୍ଶନ ଉପରେ କଟକଣା ଜାରି ରହିବ ବୋଲି ମଙ୍ଗଳବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି।

ସାଧାରଣତଃ ଚନ୍ଦ୍ରଭାଗା ମାଘମେଳାରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସହ ପହିଲି ସୂର୍ଯ୍ୟଙ୍କୁ ଦର୍ଶନ କରିଥାନ୍ତି। ମାତ୍ର ଚଳିତ ଥର ଏଭଳି ହେବ ନାହିଁ। ଜନସମାଗମକୁ ଏଡ଼ାଇବା ପାଇଁ ୧୪୪ ଧାରା ଲାଗୁ କରାଯିବାକୁ ଉପଜିଲାପାଳ ଭବତାରଣ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୫ଶହ ଲୋକଙ୍କ ଉପସ୍ଥିତିରେ ଚନ୍ଦ୍ରଭାଗା ମେଳା ଆୟୋଜନ କରିବା ପାଇଁ ଗତ ୩୦ ତାରିଖରେ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ମାଘମେଳା ଅନୁଷ୍ଠିତ ହେବ। ମେଳା ସହ ସମ୍ପୃକ୍ତ ସେବାୟତ, ସରକାରୀ ଅଧିକାରୀ ଓ କର୍ମଚାରୀ, କେତେଜଣ ସ୍ଥାନୀୟ ବ୍ୟକ୍ତିବିଶେଷ ଓ ଖବରଦାତାଙ୍କୁ ଏଥିରେ ସାମିଲ କରାଯିବ। ତେବେ ମାଘମେଳାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅଧିକ ଉତ୍ସାହ ରହୁଥିବାରୁ ଗହଳିର ଆଶଙ୍କା ରହିଛି। ତେଣୁ ୧୪୪ ଧାରା ମାନିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ଶ୍ରଦ୍ଧାଳୁଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ୫ଶହ ଲୋକଙ୍କ ଉପସ୍ଥିତିରେ ମାଘମେଳା ଆୟୋଜନ ନିଷ୍ପତ୍ତିକୁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ବିରୋଧ କରୁଥିବାବେଳେ କିଛିଦିନ ତଳେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

## ୱେବ୍ ଚ୍ୟାନେଲ ପ୍ରତିନିଧି ଗିରଫ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଆଡମିଶନ କରାଇଦେବାକୁ କହି ୧୫ଲକ୍ଷ ଟଙ୍କା ଠକେଇ ନେଇଥିବା ଅଭିଯୋଗରେ ନୟାପଲ୍ଲୀ ପୋଲିସ ସୋମବାର ରାତିରେ ଏକ ୱେବ ଚ୍ୟାନେଲର ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ରହୁଥିବା ସୁନୀଲ ସାମନ୍ତରାୟ। ସୁନୀଲଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ପୁରୀ ଜିଲାର କୃଷ୍ଣପ୍ରସାଦ

**ଆଡ୍‌ମିଶନ ଆଳରେ ୧୫ ଲକ୍ଷ ଠକେଇ**

ଉଦ୍‌ଗାତାଙ୍କ ପୁଅର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଆଡିମିଶନ କରାଇଦେବାକୁ ସୁନୀଲ କହିଥିଲେ। ନିଜକୁ ୱେବ ଚ୍ୟାନେଲର ସ୍ୱତନ୍ତ୍ର ପ୍ରତିନିଧି ପରିଚୟ ଦେବା ସହ କଲେଜରେ ଆଡିମିଶନ କରିଦେବାକୁ ନିଶ୍ଚିତ କରିଥିଲେ। ଜେଇଇ ନାଁରେ ଅସଲି ଡିମାଣ୍ଡ ଡ୍ରାଫ୍ଟ ସହ ଫେକ୍ ଲେଟର ଜାରି କରି କୃଷ୍ଣପ୍ରସାଦଙ୍କ ଠାରୁ ଗତ ସେପ୍ଟେମ୍ବରରେ ୧୫ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସୁନୀଲ ଦେଇଥିବା କାଗଜପତ୍ର ଜାଲ୍ ବୋଲି ଜଣାପଡ଼ିଥିଲା। ଏହାପରେ କୃଷ୍ଣପ୍ରସାଦ ଗତ ୧୪ତାରିଖରେ ଥାନରେ ଅଭିଯୋଗ କରିବା ପରେ ପୋଲିସ ୭୯/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସକୁ ସୁନୀଲ ୧୦ ଲକ୍ଷ ଟଙ୍କା ଫେରାଇଛି।

## ରଥକାଠ ପୂଜାର୍ଚ୍ଚନା

ପୁରୀ ଅଫିସ,୧୬।୨

ପବିତ୍ର ଶ୍ରୀପଞ୍ଚମୀରେ ମଙ୍ଗଳବାର ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥକାଠ ପୂଜାର୍ଚ୍ଚନା କରାଯାଇଛି। ଶ୍ରୀନଅର ସମ୍ମୁଖ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏହି ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି। ନୟାଗଡ଼ ବନଖଣ୍ଡରୁ ଆସିଥିବା କାଠ ମଧ୍ୟରୁ ତିନିଖଣ୍ଡ ୧୨ ଫୁଟିଆ ଧଉରା କାଠକୁ ପୂଜାର୍ଚ୍ଚନା କରାଯାଇଛି। ସେହିଭଳି ପରମ୍ପରା ଅନୁଯାୟୀ ରାଜପୁରୋହିତ ଓ ବ୍ରାହ୍ମଣଙ୍କ ଦ୍ୱାରା ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଥିବା ମା’ ସରସ୍ୱତୀଙ୍କ ନିକଟରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଛି। ଚଳିତ ବର୍ଷ ରଥଯାତ୍ରା କିଭଳି ଭାବେ ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ସେନେଇ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଆସନ୍ତା ରାମନବମୀ ତିଥିରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଷୟତୃତୀୟାଠାରୁ ରଥକାମ ଆରମ୍ଭ କରାଯିବ। ଚଳିତ ବର୍ଷ ରଥଯାତ୍ରା ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୬୯ ଖଣ୍ଡ କାଠ ବଳକା ଥିଲା। ଚଳିତ ବର୍ଷ ୭୯୬ ଖଣ୍ଡ କାଠ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ଆସିବାର ଅଛି। ବର୍ତ୍ତମାନ ସୁଦ୍ଧା ୪୯ ଖଣ୍ଡ କାଠ ନୟାଗଡ଼ ବନଖଣ୍ଡରୁ ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ପ୍ରଥମ ରଥକାଠ ପୂଜା ଶେଷ ହୋଇଛି। ନୟାଗଡ଼ରୁ ଆସିଥିବା କାଠକୁ ପୂଜା କରାଯାଇଛି। ଅକ୍ଷୟତୃତୀୟାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବ ବୋଲି ମୁଖ୍ୟ ପ୍ରଶାସକ ଆଶା ପ୍ରକାଶ କରିବା ସହ ସମସ୍ତ ମହାରଣା, ସେବାୟତ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



# ରାଜ୍ୟ ଉପରେ ଦୋଷ ଲଦିଲା ରେଲୱେ ବୋର୍ଡ



- ଗୁଣପୁର-ଥେରୁବାଲି ରେଳପଥ ପ୍ରସଙ୍ଗରେ ନୂଆ ମୋଡ଼
- ମାଗଣା ଜମି ପାଇଁ ସମ୍ମତି ଜଣାଇଲେ ରାଜ୍ୟ ସରକାର
- ଅଧା ଖର୍ଚ୍ଚ ବହନ ନେଇ ନୀରବ

ଗୁଣପୁର,୧୬।୨(ଡି.ଏନ୍.ଏ.)

ଫେବୃୟାରୀ ୧ରେ ଉପସ୍ଥାପିତ ସାଧାରଣ ବଜେଟରେ ରାୟଗଡ଼ା ଜିଲା ଗୁଣପୁର-ଥେରୁବାଲି ରେଳପଥ ପାଇଁ ୧ହଜାର ଟଙ୍କା ମଞ୍ଜୁର ନେଇ ଘୋଷଣା କରିଥିଲେ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏହି ଘଟଣା ଏବେ ନୂଆ ମୋଡ଼ ନେଇଛି। ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ପାଇଁ ରେଲୱେ ବୋର୍ଡ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ରାଜ୍ୟ ସରକାର ମାଗଣା ଜମି ନେଇ ସମ୍ମତି ଜଣାଇଥିଲେ ମଧ୍ୟ ପ୍ରକଳ୍ପର ଅଧାଖର୍ଚ୍ଚ ବହନ ନେଇ ନୀରବ ରହିଛନ୍ତି। ଫଳରେ ଏହି ପ୍ରକଳ୍ପ ଆଗେଇପାରି ନ ଥିବା ରେଲୱେ ବୋର୍ଡ ପକ୍ଷରୁ ଓଡ଼ିଶା-ଆନ୍ଧ୍ର ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟପ୍ରକାଶ ପଣ୍ଡାଙ୍କ ନିକଟକୁ ଆସିଥିବା ଚିଠିରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୦ ଅକ୍ଟୋବର ୧୧ରେ ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ନିମନ୍ତେ ଓଡ଼ିଶା-ଆନ୍ଧ୍ର ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟପ୍ରକାଶ ପଣ୍ଡା ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ଚିଠି ଲେଖିଥିଲେ। ଏବେ ବୋର୍ଡର କାର୍ଯ୍ୟକାରୀ ନିର୍ଦ୍ଦେଶକ(ପ୍ରୋଜେକ୍ଟ ମନିଟରିଂ) ବି.କେ.ଗୁପ୍ତା ଏହାର ଉତ୍ତର ରଖି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ି ନ ପାରିବାର କାରଣ ଦର୍ଶାଇଛନ୍ତି। ୨୦୧୭-୧୮ ବଜେଟରେ ୯୩୫ କୋଟି ବ୍ୟୟ ଅଟକଳରେ ଏହି ରେଳପଥ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହାର ଡିପିଆର୍ ପରେ ପ୍ରକଳ୍ପ ମୂଲ୍ୟ ବୃଦ୍ଧିପାଇବା ସହ ବ୍ୟୟ ଅଟକଳ ୧୨୭୪ କୋଟିରେ ପହଞ୍ଚିଥିଲା ଏବଂ ଏହାର ଆର୍‌ଓଆର୍(-)୩.୧୯ ଶତକଡ଼ା ରହିଥିଲା। ଏହି ରେଳପଥ ଲାଭଦାୟକ ନ ଥିବା କହି ରେଲୱେ ବୋର୍ଡ ରାଜ୍ୟକୁ ମାଗଣା ଜମି ସହ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବାକୁ କହିଥିଲା। ଏହାପରେ ରାଜ୍ୟ ସରକାର ୨୦୨୦ ଜାନୁୟାରୀ ୪ରେ ପ୍ରକଳ୍ପ ନିମନ୍ତେ ମାଗଣା ଜମି ଦେବାକୁ ସମ୍ମତି ଜଣାଇଥିଲେ। ହେଲେ ପ୍ରକଳ୍ପର ଅଧାଖର୍ଚ୍ଚ ବହନ ନେଇ ନୀରବ ରହିଥିବା ବୋର୍ଡର କାର୍ଯ୍ୟକାରୀ ନିର୍ଦ୍ଦେଶକ(ପ୍ରୋଜେକ୍ଟ ମନିଟରିଂ) ଗୁପ୍ତା ୨୦୨୧ ଜାନୁୟାରୀ ୨୮ରେ ଓଡ଼ିଶା-ଆନ୍ଧ୍ର ରେଳ ବ୍ୟବହାରିକ ସଂଘର ଆବାହକ ସତ୍ୟପ୍ରକାଶ ପଣ୍ଡାଙ୍କ ନିକଟକୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଏହି ପ୍ରସଙ୍ଗ ଏବେ ନୂତନ ମୋଡ଼ ନେଇଥିବାବେଳେ ରାଜ୍ୟ ସରକାର କାହିଁକି ଏ ଦିଗରେ ନୀରବ ରହିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ବହୁ ଦାବି ପରେ ୨୦୧୭-୧୮ ରେଳ ବଜେଟରେ ଏହି ପ୍ରକଳ୍ପ ସ୍ଥାନ ପାଇଥିଲା। ଦୀର୍ଘ ୪୭ ବର୍ଷ ପରେ ଏହି ଦାବି ପୂରଣ ହୋଇଥିବା ନେଇ ଅଞ୍ଚଳରେ ଖୁସି ପ୍ରକାଶ ପାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ରେଳପଥ ପାଇଁ ବଜେଟରେ ଅନୁଦାନ କମାଇ ଦିଆଯାଇଥିଲା। ଗତ ବର୍ଷ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଚଳିତ ବର୍ଷ ୧ହଜାରକୁ ଖସିଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବା ସହ ଏହି ରେଳପଥ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

## କାଗଜପତ୍ର ଯୋଗାଡ଼ କରିବାକୁ କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ

**କୋଟିଆ ବିବାଦ**

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଆସନ୍ତା ୧୯ ତାରିଖରେ ସୁପ୍ରିମକୋର୍ଟରେ କୋରାପୁଟ ଜିଲା କୋଟିଆ ବିବାଦର ପରବର୍ତ୍ତୀ ଶୁଣାଣି ହେବ। ଏ ନେଇ ସମସ୍ତ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ କରିବାକୁ କୋରାପୁଟ ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଲୋକ ସଭା ନିର୍ବାଚନଠାରୁ ଆରମ୍ଭ କରି ରାଜ୍ୟ ବିଧାନସଭା ନିର୍ବାଚନ ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯୋଗାଡ କରିବାକୁ ଜିଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ବୁଧବାର ଏ ନେଇ ଆଡ୍‌ଭୋକେଟ ଅନ୍ ରେକର୍ଡ(ଏଓଆର) ଶିବ ଶଙ୍କର ମିଶ୍ରଙ୍କ ସହ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ରାଜସ୍ୱ ବିଭାଗ ସଚିବଙ୍କ ସହ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ରାଜ୍ୟ ସରକାର ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଯଥାସମ୍ଭବ ଉଦ୍ୟମ ଆରମ୍ଭ କରିଛନ୍ତି। ଗତ ଶୁଣାଣିରେ ସୁପ୍ରିମକୋର୍ଟ ଅଦାଲତ ଅବମାନନା ନେଇ ଆନ୍ଧ୍ରକୁ ଜବାବ ତଲବ କରିଛନ୍ତି। ଫେବୃୟାରୀ ୧୩ରେ ଆନ୍ଧ୍ର ଜବରଦସ୍ତି କୋଟିଆରେ ପଞ୍ଚାୟତ ନିର୍ବାଚନ କରିଛି। ଏହାକୁ ବିରୋଧ କରି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି।

# କୋଟିଆକୁ ନେଇ ଥମୁନି କାଦୁଅ ଫିଙ୍ଗା




- ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ନରସିଂହ
- ପ୍ରଶାସନିକ ଅବହେଳା ହୋଇଛି: ସୌମ୍ୟରଞ୍ଜନ
- ମାଟି ପାଇଁ ଲଢ଼େଇରେ ବିଜେଡି ନାହିଁ: ଗୋଲକ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

କୋରାପୁଟର କୋଟିଆ ସମେତ ଓଡ଼ିଶାର କେତେକ ସୀମାନ୍ତ ଜିଲାରେ ଆନ୍ଧ୍ର ସରକାର ନିର୍ବାଚନ କରାଇବା ପ୍ରସଙ୍ଗରେ ଆରୋପ ପ୍ରତ୍ୟାରୋପ ଥମିବାର ନାଁ ଧରୁନି। ଏହି ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାବେଳେ ୧୯ ତାରିଖରେ ମାମଲାର ଶୁଣାଣି ଅଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିବାବେଳେ ପ୍ରଶାସନ ଏବଂ ଶାସକ ଦଳକୁ ଟାର୍ଗେଟ କରିଛନ୍ତି ବିରୋଧୀ। ସେହିପରି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ପ୍ରଶାସନିକଅବହେଳାକୁଦାୟୀକରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଦୁର୍ବଳ ନେତୃତ୍ୱ ଯୋଗୁ ଆନ୍ଧ୍ର ସରକାର ରାଜ୍ୟରେ ପଶି ନିର୍ବାଚନ କଲା। ଏହାର ଅର୍ଥ ଗୋଟିଏ ରାଜ୍ୟ ଭିତରେ ଦୁଇଟି ଶାସନ। ଏହାକୁ କେହି ବରଦାସ୍ତ କରିବେ ନାହିଁ। ଓଡ଼ିଶାକୁ ସବୁଆଡୁ ଲୁଟ୍ କରାଗଲାଣି। ଛତିଶଗଡ଼ ପାଣି, ପଶ୍ଚିମବଙ୍ଗ ବାଲି ଚୋରି କରୁଛି। ମହାନଦୀ ପାଣି ନେଇ ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କ ନେତୃତ୍ୱରେ ଦୁଇଟି କମିଟି ହେଲା। ଏ ଯାଏ ଥରେ ହେଲେ ବୈଠକ ବସିଲାନି। ରାଜ୍ୟରେ ଅପାରଗ ଏବଂ ଦୁର୍ବଳ ସରକାର ଚାଲିଥିବା ନରସିଂହ କ୍ଷୋଭବ୍ୟକ୍ତ କରି କହିଛନ୍ତି।

ବିଜେଡି ବିଧାୟକ ସୌମ୍ୟରଞ୍ଜନ କହିଛନ୍ତି, ପ୍ରଶାସନିକସ୍ତରରେ ନିଶ୍ଚିତ ଭାବେ ଅବହେଳା ହୋଇଛି। ଏକଥାକୁ ଅସ୍ୱୀକାର କରିହେବ ନାହିଁ। ଯେଉଁ ଦଳରେ ରହିବି ସେଠାରେ ଯେ ସବୁକିଛି ଠିକ୍ ଚାଲିଛି ତାହା କହିବି, ସେଭଳି ଅଭ୍ୟାସ ନାହିଁ। ଅନେକ ରାଜ୍ୟ ଭିତରେ ସୀମା ବିବାଦ ଲାଗି ରହିଛି। ବହୁ ପ୍ରସଙ୍ଗରେ ପାର୍ଟି ନୁହେଁ, ମାଟି ବଡ଼ ବୋଲି ସେ କହିଛନ୍ତି।

ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାରେ ପଶି ଆନ୍ଧ୍ର ନିର୍ବାଚନ କରି ଚାଲିଗଲା। ଶାସକ ସରକାର ଶୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଭା ସଫଳ କରିବାରେ ବିଜେଡି ଲାଗିଛି। ଶାସକ ଦଳର କୌଣସି ନେତା ଘଟଣାସ୍ଥଳକୁ ବୁଲିବାକୁ ଗଲେନାହିଁ। ପ୍ରଶାସନିକ ଅଧିକାରୀ ଯାଇଥିଲେ ଏଭଳି ନିର୍ବାଚନ ହୋଇ ନ ଥାନ୍ତା। ଏହି ସମସ୍ୟା ବହୁ ପୁରୁଣା। ସମ୍ପୃକ୍ତ ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଲାଗି ଆନ୍ଧ୍ର ଉପରେ ନିର୍ଭରଶୀଳ। ମାଟି ପାଇଁ ଲଢ଼େଇରେ ଆମେ ଅଛୁ, ହେଲେ ବିଜେଡି ନାହିଁ। ଓଡ଼ିଶା ସ୍ୱାର୍ଥକୁ ନ ଦେଖି ବିଜେଡି, କଂଗ୍ରେସ ରାଜନୀତି କରୁଥିବା ସେ କହିଛନ୍ତି।

## ମିଥୁନଙ୍କ ଘରେ ମୋହନଙ୍କ ଜଳଖିଆ



ମୁମ୍ବାଇ, ୧୬।୨

ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାବେଳେ ରାଜ୍ୟର ପ୍ରସିଦ୍ଧ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ମଙ୍ଗଳବାର ମୁମ୍ବାଇସ୍ଥିତ ତାଙ୍କ ଘରେ ସାକ୍ଷାତ କରିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ। ମିଥୁନଙ୍କ ଘରେ ଭାଗବତ ଜଳଖିଆ ଖାଇଥିଲେ। ମୋହନଙ୍କ ସାକ୍ଷାତ ପରେ ମିଥୁନ ଭାଜପାରେ ଯୋଗଦେବାକୁ ନେଇ ଚର୍ଚ୍ଚା ହୋଇଥିଲେ ହେଁ ତାହାକୁ ଖଣ୍ଡନ କରିଛନ୍ତି ଏହି ଅଭିନେତା। ମୋହନଙ୍କ ସହ ସାକ୍ଷାତ ରାଜନୈତିକ ନୁହେଁ, ଆଧ୍ୟାତ୍ମିକ ଥିଲା ବୋଲି ବଲିଉଡ୍ ଆକ୍ଟର ମିଥୁନ କହିଛନ୍ତି। ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ସହ ତାଙ୍କର ନିବିଡ଼ ଆଧ୍ୟାତ୍ମିକ ସମ୍ପର୍କ ରହିଛି। ମୋହନ ମୁମ୍ବାଇ ଆସିଲେ ତାଙ୍କ ଘରକୁ ଯିବାକୁ ଯୋଜନା ପୂର୍ବରୁ ସ୍ଥିର ହୋଇଥିଲା ବୋଲି ମିଥୁନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମିଥୁନ ପୂର୍ବରୁ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସରେ ଯୋଗଦେବା ସହ ରାଜ୍ୟ ସଭାର ସଦସ୍ୟ ମଧ୍ୟ ହୋଇଥିଲେ।

# ଜାତୀୟ ବଜାରରେ ମିଳିବ କୁଚିଣ୍ଡା ଲଙ୍କାଗୁଣ୍ଡ

- ପ୍ରୋସେସିଂ ୟୁନିଟ୍ ସ୍ଥାପନ, ଚାଷୀଙ୍କୁ ତାଲିମ
- ୨୧୦ ଜଣ ଏସ୍‌ଏଚ୍‌ଜି ମହିଳା ନିୟୋଜିତ
- ୩୫ ହଜାର ଟନ୍ ଶୁଖିଲା ଲଙ୍କା ଉତ୍ପାଦନ ଲକ୍ଷ୍ୟ

ସମ୍ବଲପୁର,୧୬।୨(ବ୍ୟୁରୋ)

କେବଳ ରାଜ୍ୟରେ ନୁହେଁ ଜାତୀୟ ବଜାରରେ ଉପଲବ୍ଧ ହେବ କୁଚିଣ୍ଡା ଲଙ୍କାଗୁଣ୍ଡ। ଏନେଇ ସମ୍ମିଳିତ ଉଦ୍ୟମ ଆରମ୍ଭ ହୋଇଛି। ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ପ୍ରଚୁର ଲଙ୍କା ଚାଷ ହୋଇଥାଏ। ହେଲେ ବିଭିନ୍ନ କାରଣରୁ ସ୍ଥାନୀୟ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ଏବେ ବାହାରେ ଯେପରି ଏହି ଲଙ୍କା ବିକ୍ରି କରାଯାଇପାରିବ ସେ ନେଇ ପ୍ରୟାସ ଆରମ୍ଭ ହୋଇଛି। କୁଚିଣ୍ଡା ଆର୍‌ଏମ୍‌ସି, ଆଇଟିଡିଏ, ଜିଲା କୃଷି ଓ ଉଦ୍ୟାନ ବିଭାଗ, ଓଏଲ୍‌ଏମ୍, ଓର୍ମାସ ମିଳିତ ଭାବେ ପଦକ୍ଷେପ ନେଇଛନ୍ତି। କୁଲାଙ୍ଗଯୋର ଗ୍ରାମରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଦାମ ଗୃହ, ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯାଇଛି। ଏହା ସହ ଚାଷୀମାନଙ୍କୁ ତାଲିମ ଦିଆଯାଇ ପରୀକ୍ଷାମୂଳକ ଭାବେ ଲଙ୍କାଗୁଣ୍ଡ ତିଆରି ଆରମ୍ଭ ହୋଇଛି। ଏହାକୁ ପ୍ୟାକେଟ କରାଯାଇ ବିଭିନ୍ନ ମେଳା, ସ୍ଥାନୀୟ ବଜାରରେ ବିକ୍ରି କରାଯାଉଛି। ଜାତୀୟ ବଜାରରେ ମଧ୍ୟ ବିକ୍ରି ପାଇଁ ଇ-ନାମରେ ପଞ୍ଜୀକରଣ କରାଯାଇଛି। ଯେଭଳି ଅଧିକ ଚାଷୀ ସେମାନଙ୍କ ଉତ୍ପାଦିତ ଫସଲ ବିକ୍ରି କରି ଉପକୃତ ହୋଇପାରିବେ ସେ ନେଇ ଏକ ଘରୋଇ କମ୍ପାନୀ ସହ ଆଲୋଚନା କରାଯାଇଛି। କମ୍ପାନୀ ସହିତ ଏମ୍‌ଓୟୁ ହେବା ପରେ ଅଧିକ ପରିମାଣରେ ଲଙ୍କାଗୁଣ୍ଡ ତିଆରି କରି ବିକ୍ରି କରାଯିବ। ଏଥିପାଇଁ ଅଧିକ ୟୁନିଟ୍ ମଧ୍ୟ ସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପଟେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରାଥମିକ ଭାବେ ୧୬୬ ହେକ୍ଟର ଜମି ଚାଷ କରିବା ଯୋଜନା ରହିଛି। ୨୧୦ ଜଣ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ଏଥିରେ ସାମିଲ କରାଯାଇଛି। ୟୁନିଟ୍ ପରିଚାଳନା ପାଇଁ ୧୦ ପ୍ରଡ୍ୟୁସର ଗ୍ରୁପ, ୫ ଏଫ୍‌ପିଓ ଗଠନ କରାଯାଇଛି ବୋଲି ଓର୍ମାସ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା କହିଛନ୍ତି। ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମହାପାତ୍ର କହିଛନ୍ତି, କୁଚିଣ୍ଡା ଅଞ୍ଚଳରେ ୪୭୮୬ ହେକ୍ଟର ଜମିରେ ଲଙ୍କା ଚାଷ ହେଉଛି। ଚଳିତବର୍ଷ ୩୫ ହଜାର ଟନ୍ ଶୁଖିଲା ଲଙ୍କା ଉତ୍ପାଦନ ହେବା ଆଶା କରାଯାଉଛି। ଯେଭଳି ଅଧିକ ସଂଖ୍ୟାରେ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରି ଲଙ୍କାଗୁଣ୍ଡ ବଜାରରେ ବିକ୍ରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ।



କୁଚିଣ୍ଡାରେ ପ୍ରୋସେସିଂ ୟୁନିଟ୍‌ର ମହିଳା ଓ ଅଧିକାରୀମାନେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ଖାଇଚି ଦୋଅଡ଼ା ଖାଉ
ଯିଏ ନ ଖାଇଚି ସେ ଓପାସେ ଶୋଉ**

ଥିଲାବାଲା ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି । ଖାଇପିଇ ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ସୁଖ ସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇପଡ଼ିଥାନ୍ତି । ପରନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ଆଡ ଆଖିରେ ମଧ୍ୟ ତାଙ୍କୁ ଚାହିଁ ନ ଥାନ୍ତି । ମଣିଷଙ୍କ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖି ବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଯେବେ ଗୁଲାମ୍ ଘୋଡ଼ା ଚଢ଼େ
ତେବେ ଗୁଲାମ୍ ଖୋଜ ନ ଛାଡେ**

ମଣିଷର ଜନ୍ମଗତ ପ୍ରକୃତି ସହଜରେ ବଦଳି ନ ଥାଏ । ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ସୁଦ୍ଧା ତାଙ୍କ ଆଚାର ବ୍ୟବହାର ଯଥା ପୂର୍ବ ତଥା ପର ଭଳି ଅପରିବର୍ତ୍ତିତ ରହୁଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ୍ରାଫ୍ କୋଠା ପାଇଁ ମିଳୁନି ଜମି

## ମାର୍ଚ୍ଚରେ ଫେରିଯିବ ସାଢ଼େ ୩ କୋଟି

**ଭଞ୍ଜନଗର,୧୬।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ତନରଡାଠାରେ ଅସ୍ଥାୟୀ ଭାବେ ଥିବା ୮ମ(ସ୍ୱତନ୍ତ୍ର) ଇଣ୍ଡିଆନ ରିଜର୍ଭ ବାଟାଲିୟନ (ଆଇଆରବି) ପରିସରରେ ଓଡ୍ରାଫ୍ ଟିମ୍ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ ହେବ । ଉକ୍ତ କାମପାଇଁ ସାଢ଼େ ୩କୋଟି ଟଙ୍କାର ଟେଣ୍ଡର ସରିଛି । ମାର୍ଚ୍ଚ ସୁଦ୍ଧା ଜମି ଚିହ୍ନଟ ହୋଇ କାମ ଆରମ୍ଭ ନହେଲେ ଟଙ୍କା ଫେରିଯିବ । ହେଲେ ଏଯାବତ୍ ପ୍ରଶାସନ ଜମି ଯୋଗାଇପାରି ନାହିଁ । ଫଳରେ ଓଡ୍ରାଫ୍ କୋଠାର ଭବିଷ୍ୟତ ନେଇ ବର୍ତ୍ତମାନଠାରୁ ନାନା ଆଶଙ୍କା ଦେଖାଦେଲାଣି । ଏନେଇ ଆଇଆରବି ପକ୍ଷରୁ ଜମି ଯୋଗାଇ ଦେବାକୁ ସ୍ଥାନୀୟ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅନୁରୋଧ କରାଯାଇଛି । କିନ୍ତୁ ପ୍ରଶାସନ ଜମି ଯୋଗାଇ ଦେଉନାହିଁ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ପ୍ରାକୃତିକ ଦୁର୍ବିପାକ ପ୍ରବଣ ଗଞ୍ଜାମ ଜିଲାରେ ଓଡ୍ରାଫ୍ ଟିମ୍ ରହିଲେ ଅଞ୍ଚଳବାସୀ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ସମୟରେ ଅନେକ ସୁବିଧା ପାଇପାରିବେ ।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୩ଟି ବାଟାଲିୟନ ଅଛି । ସେଥିମଧ୍ୟରେ ଆଇଆରବି, ଓଏସ୍ଏପି, ସ୍ୱତନ୍ତ୍ର ବାଟାଲିୟନ ପ୍ରମୁଖ ଅଛି । ଆଇଆର୍‌ବିର ୯ଟି ବାଟାଲିୟନ ମଧ୍ୟରୁ ୮ଟି ବାଟାଲିୟନରେ ୮ଟି ଓଡ୍ରାଫ୍ ଟିମ୍ ଅଛି । ସେଥିମଧ୍ୟରୁ ତନରଡା ଅନ୍ୟତମ । କିନ୍ତୁ ଓଡ୍ରାଫ୍ ଟିମ୍ ପାଇଁ ଯାହା ଭିତ୍ତିଭୂମି ଆବଶ୍ୟକ ତାହା ତନରଡାରେ ନାହିଁ । ତେଣୁ କର୍ମଚାରୀମାନେ ରହିବା, ତାଲିମ ନେବା, ଯନ୍ତ୍ରପାତି ରଖିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଛିମାସ ପୂର୍ବେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ କୋଠା ନିର୍ମାଣ ପାଇଁ ସାଢ଼େ ୩ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହାପରେ ତାର ଟେଣ୍ଡର ହୋଇଥିଲା । ଓଡିଶା ରାଜ୍ୟ ପୋଲିସ ହାଉସିଂ ବୋର୍ଡ ଉକ୍ତ କାମର ଟେଣ୍ଡର ନେଇଛି । ଜମି ଚିହ୍ନଟ ହୋଇ ନଥିବା ଯୋଗୁ କାମ ଆରମ୍ଭ ହୋଇପାରୁନାହିଁ । ତନରଡାରେ ଥିବା ବାଟାଲିୟନ ଏଯାଏ ସ୍ଥାୟୀ କୋଠା ମଧ୍ୟ ନାହିଁ । ଜିଲା ପୋଲିସ ଅଧୀନରେ ଥିବା କୋଠାରେ ପ୍ରାୟ ୪ବର୍ଷ ହେବ ଅସ୍ଥାୟୀ ଭାବେ ବାଟାଲିୟନ କାର୍ଯ୍ୟାଳୟ ଖୋଲିଛି । ତେଣୁ ସ୍ଥାୟୀ କୋଠା ପାଇଁ ଆବଶ୍ୟକ ଜମି ଯୋଗାଇ ଦିଆଗଲେ ସେଠାରେ ଓଡ୍ରାଫ୍ କୋଠା ସହ ସମସ୍ତ ନିର୍ମାଣ ହୋଇପାରିବ ।

ଏନେଇ ଆଇଆରବି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଓଡ୍ରାଫ୍ କୋଠା ପାଇଁ ବର୍ତ୍ତମାନର ବାଟାଲିୟନ କାର୍ଯ୍ୟାଳୟକୁ ଲାଗିଥିବା ସରକାରୀ ଜମି ଯୋଗାଇ ଦେବାକୁ ବେଲଗୁଣ୍ଠା ତହସିଲଦାରଙ୍କ ସମେତ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଜମି ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସେହିଭଳି ବେଲଗୁଣ୍ଠା ତହସିଲଦାର ଏସ୍. କେ. ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସେମାନେ ଜିଲା ପ୍ରଶାସନ ନିକଟରେ ଆବେଦନ କରିବେ, ସେଠାରୁ ଚିଠି ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ୧୩ ବିଧାୟକଙ୍କୁ ସ୍ମାରକପତ୍ର



ଫୋରମ୍ ପକ୍ଷରୁ ପୋଷ୍ଟକାର୍ଡ ପ୍ରେରଣ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୬।୨**

■ ଡେଭଲପମେଣ୍ଟ ଫୋରମ୍‌ର ବିମାନ ବନ୍ଦର ପ୍ରତିଷ୍ଠା ଦାବି

ବ୍ରହ୍ମପୁରରେ ବିମାନ ବନ୍ଦର ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ଗଞ୍ଜାମ ଜିଲାର ସମସ୍ତ ବିଧାୟକଙ୍କୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିମାନ ବନ୍ଦର ପ୍ରତିଷ୍ଠା ସହ ଜିଲାରେ ଦ୍ରୁତ ଶିଳ୍ପାୟନ, ପର୍ଯ୍ୟଟନ ସ୍ଥଳର ବିକାଶ, ରାସ୍ତା ଓ ରେଳସେବାର ବିକାଶ ପାଇଁ ଫୋରମ୍ ପକ୍ଷରୁ ଜିଲାର ୧୩ ବିଧାୟକ ଓ ଏଥିସହ ଜଡ଼ିତ ପ୍ରଶାସନିକ ଅଧିକାରୀମାନଙ୍କୁ ଡାକଯୋଗେ ପତ୍ର ପ୍ରେରଣ କରାଯାଇଛି । ସଂଘ ପକ୍ଷରୁ ନିକଟରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ନେଇ ଜିଲାର ସମସ୍ତ ବିଧାୟକଙ୍କୁ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥିରେ ଫୋରମ୍ ଉପ ସଭାନେତ୍ରୀ କବିତା ପାତ୍ରଙ୍କ ସମେତ ଲକ୍ଷ୍ମୀ ନାରାୟଣ ପାଢ଼ୀ, ଭି.ସୋମେଶ୍ୱର ରାଓ, ମାନସ ପାତ୍ର, ସରୋଜ ପଟ୍ଟନାୟକ, ୟୁ.ରବି କୁମାରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ସ୍ତ୍ରୀଙ୍କୁ ମାରି ପୋତିଲା ବେଳେ ଧରାପଡ଼ିଲେ ସ୍ୱାମୀ

**ଚିତ୍ରଡ଼ା,୧୬।୨(ଡି.ଏନ୍.ଏ.):** ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା ପରେ ମାଟିଖୋଳି ପୋତିବାବେଳେ ସ୍ୱାମୀ ଧରା ପଡ଼ିଛନ୍ତି । ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଗଡିଆଁ ହାଣ୍ଡିଭଙ୍ଗା ଗ୍ରାମରେ ସୋମବାର ଏହି ଘଟଣା ଘଟିଛି । ମୃତ ମହିଳା ହେଲେ ବୁଲୁଲୁ କଣ୍ଡୁଆଲ । ପୋଲିସ ମାମଲା(ନଂ.୭/୨୧) ରୁଜୁ କରି ସ୍ୱାମୀ ମଙ୍ଗଲୁ କଣ୍ଡୁଆଲଙ୍କୁ ଗିରଫ କରିଛି । ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି । ମଙ୍ଗଲୁ ଓ ବୁଲୁଲୁଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ମଙ୍ଗଲୁ ଠେଙ୍ଗାରେ ବୁଲୁଲୁଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ହତ୍ୟାକାଣ୍ଡ ପରେ ମଙ୍ଗଲୁ ଘର ସମ୍ମୁଖରେ ଗାତ ଖୋଳି ମୃତଦେହ ପୋତିବା ପାଇଁ ଚେଷ୍ଟା କରୁଥିଲେ । ଗ୍ରାମବାସୀ ଏନେଇ ପୋଲିସକୁ ଖବର ଦେଇଥିଲେ । ମୋରଡ଼ା ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ମଙ୍ଗଲୁଙ୍କୁ ଗିରଫ କରିଛି ।


GOVERNMENT OF ODISHA

## OFFICE OF THE SUPERINTENDING ENGINEER EASTERN MINOR IRRIGATION CIRCLE, KEONJHAR

Tel No. (06766) 255453, e-Mail ID seemickeonjhar@yahoo.com

**"e" Procurement Notice**

Identification No- 01 EMIC (KJR/2020-21)

No. A-586: The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 01 (One)
3. Estimated Cost : Rs.187.67 Lakh (Detail list of work annexed)
4. Class of Contractor : As mentioned against work
5. Period of completion : As mentioned against work
6. Date & time of Availability of Bid Document in the Portal : 18.02.2021 at 10.00 AM to 01.03.2021 up to 5.00 PM.
7. Last date/Time for receipt of Bid in the Portal : 01.03.2021 up to 5.00 PM.
8. Date/Time of Opening of Technical Bid : 02.03.2021 at 11.30 AM. at Office of the S.E., E.M.I.C. Keonjhar.
9. Date/Time of Opening of Financial Bid : 08.03.2021 at 10.30 AM
10. Name & Address of the Officer Inviting the Bid: Superintending Engineer., E.M.I. Circle, Keonjhar
11. Mode of Payment of Bid Cost & Bid Security : Online
12. Further details can be seen from the "e" Procurement Portal **https://tendersorissa.gov.in**.

**ANNEXURE**

| Sl. No. | Name of the Project & Location | Approx. Estd. Cost in lakhs | Places of Clarification of the tender documents | Bid Security @ 1% in | Cost of Bid Documents | Class of Contractor with CDMS regisation | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Distribution System of Hatikutcha MIP in Sadar Block under Completion of Incomplete Projects | 186.67 | Superintending Engineer E.M.I. Circle Keonjhar/ Executive Engineer, M.I. Division, Keonjhar | 186,670/- | 10000.00 | 'B' & 'A' Class | 11 (Eleven) Calendar Months |

**Sd./- Superintending Engineer, Eastern Minor Irrigation Circle, Keonjhar**
**OIPR-32270/11/0001/2021**

## DISTRICT RURAL DEVELOPMENT AGENCY, MAYURBHANJ

**Expression of Interest for District Ombudsman under MGNREGS**

No. CAD-1267: Expression of Interest are invited from willing to be engaged as Ombudsman in Mayrubhanj District for redressal of grievances and Disposal of complaints relating to implementation of MGNREGS Act and MGNREGS Scheme for a tenure of 02 years extendable not more than twice by one year each based on a performance appraisal process or till the incumbent attains the age of 68 (Sixty eight) years, whichever is eariler. There shall be no reappointment. Performance appraisal shall be made by the Selection Committee.

**Eligibility Criteria:**
The persons fulfilling the following criteria may apply for selection of District Ombudsman under MGNREGS for Mayurbhanj District.

1. A person of eminent standing and impeccable integrity with at least 10 years of experience in Public Administration, Law Academics, Social Work or management as per documents furnished along with application, experience in working with people of community organization shall be mandatroy qualification.
2. Should not be member of a recognized political party or a banned organization and should be required to file a declaration to this effect along with application.
3. Must be a physically active person and capable of conducting field tours, inspections and visits to remote rural locations in the district.
4. Preference will be given to person resident of the Mayurbhanj or neighbouring district so as to take advantage of his/her firsthand knowledge about the district.

**Appointment:**
The Ombudsman in the district will be appointment by the State Government on the recommendations of the Selection Committee.

**Remuneration:**
The Ombudsman shall be allowed to get a compensation in the form of fee of Rs.1,000/- (Rupees One Thousand) per sitting means per day functioning with maximum upper limit of Rs.20,000/- (Rupees Twenty Thousand) per month. TA/DA at rates admissible to Class - I officers of the State Government may be allowed.

**Removal/Termination**
On satisfactory performance, the Ombusdman may be removed/ terminated by the State Government on the recommendation of the Selection Committee.

**Jurisdiction & Location:**
The State Government shall specify the territory jurisdiction of the Ombudsman and the office of the MGNREGS Ombudsman shall be located at the district Head Quarters.

The willing persons fulfilling above criteria may submit their written expression of interest in the prescribed proforma (Model Application Format) along with copy of the required documents to the Collector-cum-DPC, Mayurbhanj District applied for by 02.03.2021 through Registered Post. The application received after the due date will not be considered.

The authority reserves the right to accept or reject any application for expression of interest without assigining any reason thereof.

The details of instructions on Ombudsman is available in the Mayurbhanj website: **www.mayurbhanj.nic.in**.

**Sd./- Collector-cum-DPC MGNREGS, Mayurbhanj**
**OIPR-26010/11/0002/2021**

## DIRECTORATE OF SCHEDULED CASTE AND SCHEDULED TRIBE RESEARCH AND TRAINING INSTITUTE (SCSTRTI)

**CRPF Square, Nayapalli, Bhubaneswar**

**No. 374** **Date 12.02.2021**

**ENGAGEMENT OF SHORT TERM CONSULTANTS**

No. V-36: The Scheduled Caste and Scheduled Tribe Research and Training Institute (SCSTRTI) is an independent institute, which carries out research and training activities for welfare of SC&ST in the state of Odisha. The institute intends to engage few short term consultants and other support staff to carry out the research work on four different projects. The engagements are short term i.e for duration of 6 to 10 months only. The empanelled consultants & other support staff will also be engaged for various other projects as and when required. Detail ToR of the posts and the Application Form can be seen in the website of SCSTRTI **www.scstrti.in**.

Duly filled in application forms can be submitted to the Director & Special Secretary to Govt., SCSTRTI, CRPF Square, Bhubaneswar latest by **28th February 2021**, failing which, the application will not be considered valid. The application can be submitted by Speed Post or in person to the office of SCSTRTI, Unit - VIII. CRPF Square, Nayapalli, Bhubaneswar- 751003.

**Sd./- Director & Special Secretary to Govt.**
OIPR-26026/11/0008/2021

## OFFICE OF THE MUNICIPAL COUNCIL, JODA

Phone No.:- 06767-272214, Fax No.:- 06767-272214, E-mail:- jodam.hud@nic.in
**No. 1575** **Dt. 15.02.21**

**'e'-procurement Notice**
**Bid Identification No. JM-10/2020-21**

No. C-466:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. **website i.e. www.tendersodisha.gov.in**

1. Nature of Work :- Sanitation
2. No. of Works :- 16 Nos.
3. Estimated Cost :- From Rs.3,57,688/- to Rs.8,93,399/-
4. Bid Identification No. :- 2021_ORULB_66421_1 to 2021_ORULB_66421_16
5. Date & time of availability of the Documents in the Portal :- From 11.00 A.M. on dt. 15.02.2021 to 5.00 P.M. of Dt.24.02.2021
6. Last date/time for receipt of Bids in the Portal :- on dt.24.02.2021 upto 5.00 P.M.
7. Last date for submission & drop the Bid documents in the box :- from 10.00 A.M. on dt.25.02.2021 to dt.01.03.2021 upto 5.00 P.M.
8. Bids received online shall be opened :- at 11.30 A.M. on Dt.02.03.2021
9. Name and address of the Officer Inviting Bid :- Executive Officer, Joda Municipality

Further, the details can be seen from the e-Procurement Portal:- **www.tendersodisha.gov.in**

**Sd./- *for* Executive Officer, Joda Municipality**
**OIPR-13124/11/0003/2021**

## OFFICE OF THE EXECUTIVE ENGINEER RWS&S DIVISION, ANGUL, AT: TALCHER

**At- Baghuabole, Po.- Hatatota, Talcher, Dist.- Angul, Pin-759100**
**(Ph. No./Fax-06760-240762, E-mail: eerwssang@gmail.com**

No. 1102 Dt. 10.2.2021


**QUOTATION CALL NOTICE**

**No. O-1090:-** Executive Engineer, RWSS Division, Angul at Talcher on behalf of Governor of Odisha invites sealed quotations in their letter head from the authorized Manufactureres / Authorized Dealers / Authorized Distributor for supply of Laboratory Chemicals / Reagents / Glassware for water testing laboratories of this Division.

| Item Description | EMD to be furnished |
|---|---|
| **Supply of Instruments/ Chemicals/ Glass wares/ Plastic wares for District water testing laboratories under RWS&S Divison, Angul** | **1% of the quoted cost** |

**1)** Quotations must be accompanies by (a) EMD of 1% of the quoted amount in shape of N.S.C. / K.V.P. / Post Office Savings Bank Account / Postal Time Deposit Pass Book & deposit receipt of Nationalized Bank duly pledged in favour of the Executive Engineer, RWS&S Division, Angul at Talcher (b) valid registration certificate of the company / Authorized Dealership certificate (c) GST Registration Certificate (d) PAN CARD failing which such quotation will be liable for rejection. **2)** The details of quantitiy of itmes to be procured can be obtained from the Division office through request by applying letter within the last date of dropping of quotation after publication in paper. **3)** The rate should be quoted F.O.R. destination Talcher excluding GST as applicable which will be paid extra subject to production of valid authentic documents. **4)** Delivery to be made within 20 days of order. **5)** Payment will be made after receipt of materials in full and good condition subject to production of bill with relevant document and guarantee certificate. **6)** The Date of Sale & Receipt of quotation paper is from **dt.15.02.2021 to 20.02.2021 upto 1.00 PM** during office hours and date of opening of quotation is **dt.22.02.2021 at 11.00 AM. 7)** Quotation received beyond the scheduled date and time will not be considered. Conditional quotations & telegraphic quotations will not be accepted. **8)** No quotations shall be received thourgh FAX/email. **9)** It is required to attach in its quotation the manufacturers authorization certificate and also manufacturer's confirmation of extending the required warranty for the product in addition to quotations confirmation to required warranty. The follwing list of reputed manufactureres for Chemicals & Glasswares may be followed for necessary procurement.
**(a) Chemicals: Merck & Orion; (b) Glass wares: Borosil; (c) Plastic wares: Tarson**
**10)** The authority reserves all right to reject or accept any or all the quotation is or distribute the supply amongst the quotationers without assigning reason therof. **11)** The quotation should be submitted by quoting all the itmes as per the requirements, failing which the quotation will be rejected without assign any reason.

**Sd./- Executive Engineer, RWSS Division, Angul at Talcher**
**OIPR-25019/11/0020/2021**



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୨୦୬୦/IND-II-PH-859 ତାରିଖ ୧୧।୦୨।୨୦୨୧

CAD-1256

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ପତିତପାବନ ସ୍ୱାଇଁ, ଓଡ଼ିଶାର କଟକ ଜିଲ୍ଲା, ବାଙ୍କୀ ତହସିଲ ଅନ୍ତର୍ଗତ ପାଟୁଗଦାଧରପୁର ଗ୍ରାମରେ ମହାନଦୀ ଉପରେ ୫.୦୫୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଅନୁଆରୀ ବାଲିଘାଟରୁ ବାଲି ଉତ୍ତୋଳନ କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୭।୦୩।୨୦୨୧ରିଖ ଦିବା ୧୧.୩୦ ଘଟିକା ସମୟରେ ଓଡ଼ିଶାର କଟକ ଜିଲ୍ଲା ବାଙ୍କୀ ତହସିଲ ଅନ୍ତର୍ଗତ ଅନୁଆରୀ ଗ୍ରାମପଞ୍ଚାୟତଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ । ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଟକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଟକ** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଟକ** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଟକ** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

**ସ୍ୱା./-ସଦସ୍ୟ ସଚିବ**

**ବି.ଦ୍ର.: ମୁଦ୍ରଣଜନିତ ଅନିଚ୍ଛାକୃତ ତ୍ରୁଟି ଯୋଗୁ ଏହି ବିଜ୍ଞାପନଟି ତା୧୩.୦୨.୨୦୨୧ରେ ଇଂରାଜୀ ଦୈନିକ ଦି ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ହୋଇଛି। ଏହି ବିଜ୍ଞାପନଟି ୧୩.୨.୨୦୨୧ରିଖରୁ ପ୍ରକାଶିତ ହୋଇଛି ବୋଲି ଧରିନିଆଯିବା ପାଇଁ ଏକାନ୍ତ ଅନୁରୋଧ।**

OIPR-08012/11/0014/2021

OMECL

## ADVERTISEMENT FOR RECRUITMENT OF SURVEYORS IN OMECL

**No. 08/OMECL** **Date: 15.02.2021**

NO. CAD-1273: Odisha Mineral Exploration Corporation Ltd. (OMECL), a State PSU is engaged in exploration & mining activities within the State of Odisha. OMECL intends to fill up the following posts on regular basis through walk-in- interview mode / process.

**VACANCY:**

| Sl. No. | Name of the Post | Total Posts | Scale of Pay (in Rs.) | Qualification | Age as on 31.01.2021 |
|---|---|---|---|---|---|
| 1 | Surveyor | 2 (Two) | Pay Level - 9 Rs.35,400/- to 1,12,400/- | Diploma in Mines Survey / Mining Engineering from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |

**DATE & PLACE OF WALK-IN-INTERVIEW**

| Post | Date & Time | Venue of Interview |
|---|---|---|
| Surveyor | 03.03.2021 at 11.00 A.M. | Conference Hall of OMECL, 3rd Floor, Boyan Bhawan, Unit - 3, Pandit Jawaharlal Nehru Marg, Bhubaneswar - 751001 |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMECL website: **www.omecl.in**.

**Sd./- General Manager, OMECL**
**OIPR-30024/11/0003/2021**

## OFFICE OF THE PANCHAYAT SAMITI, KULIANA (CHANDUA), DIST-MAYURBHANJ

**No. 02/2020-21** **Date: 12.02.2021**

**TENDER CALL NOTICE**

**No. i-35:-** Block Development Officer, Kuliana (Chandua) on behalf of Government of Odisha invites sealed tender on percentage (%) rate basis from registered contractors of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Location | Name of Work | Name of Scheme | Estimated amount put to tender (in Rs.) | EMD to be deposited (in Rs.) | Cost of Tender Paper + GST (in Rs.) | Class of Contractors | Period of Completion |
|---|---|---|---|---|---|---|---|---|
| 1 | Block Campus, Chandua | Construction of Conference hall at Block Head Quarter under Kuliana (Chandua) Block | 4 TH SFC | 2209494.77 | **22100** | 6000.00 | **"C" & "D" and above** | 6 Months |

**Terms & Conditions: 1.** The tender paper can be obtained from the Block Development Officer, Kuliana (Chandua) on payment of Cost of the tender paper (non refundable) in shape of Cash. **2.** The tender paper will be sold from date 22.02.2021 to 09.03.2021 on working days only from 11.00 AM to 4.00 PM in the Office of The Panchayat Samiti, Kuliana (Chandua). **3.** The sealed tender paper will be received on working days till 3.00 PM of date 09.03.2021. The same should be submitted either through registered /speed post addressing to The BDO, Kuliana (Chandua) or same may be dropped in the tender box kept in the Block Office, Kuliana (Chandua) during working hour. The sealed envelope shall be superscribed as "Tender Paper". The undersigned will not be held responsible for any delay in the postal service. **4.** The tender paper will be opened at 11 AM on date 10.03.2021 in presence of the bidders or their authorised representatives and Block tender committee. **5.** The authority deserves all right to reject or cancel any or all Tender without assigning any reason thereof.

**OIPR-24087/11/0003/2021** **Block Development Officer, Kuliana (Chandua)**

**NOTICE INVITING BID**

## ODISHA STATE MEDICAL CORPORATION LIMITED (OSMCL)

**In front of Ram Mandir, Convent Square, Unit - III, Bhubaneswar - 751 001**
**Tel. (0674) 2380660, Website: www.osmcl.nic.in, E-mail: logistics.osmcl.od@nic.in**
**Bid Ref. No. OSMCL/2021-22/(SUT.-SURG. & OTHER)-DHS/07 Date: 17.02.2021**

No. CAD-1274: Online bids through e-Tender portal **(https://tendersodisha.gov.in)** are invited from eligible bidders for **Supply of Surgical, Sutures, Syrings and Other items as per the particulars mentioned below:**

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 17.02.2021, 3 P.M. | |
| 2 | Date & time for submission of queries by E-Mail ID: **logistics.osmcl.od@nic.in** | 22.02.2021 upto 5.00 P.M. | |
| 3 | Date & time of Online bid submission | Start Date & Time: 25.02.2021, 3 P.M. | End Date & Time: 16.03.2021, 6.00 P.M. |
| 4 | Date & time for submission of Tender Document Cost and EMD Amount as per Section IV | 17.03.2021 | 25.03.2021, till 11 A.M. |
| 5 | Date & time of sample submission as per section - IV of tender documents. | 25.03.2021 upto 11.30 A.M. | |
| 6 | Date & time of online Technical Bid opening | 25.03.2021, 11.30 A.M. | |
| 7 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof all the bids without assigning any reason thererof.

**OIPR-10112/11/0047/2021** **Sd./- Managing Director, OSMC Ltd., Odisha**

ଧରିତ୍ରୀ DHARITRI
ବୁଧବାର, ୧୭ ଫେବୃୟାରୀ, ୨୦୨୧



# ପରାଜୟର ମଧୁର ପ୍ରତିଶୋଧ

ଚେନ୍ନାଇ,୧୬।୨(ପି.ଟି.)

ସମାନ ଗ୍ରାଉଣ୍ଡରେ ଇଂଲଣ୍ଡଠାରୁ ଘରୋଇ ଭାରତ ପ୍ରଥମ ଟେଷ୍ଟ ପରାଜୟର ମଧୁର ପ୍ରତିଶୋଧ ଦ୍ୱିତୀୟ ଟେଷ୍ଟରେ ନେଇଛି। ପ୍ରଥମ ଟେଷ୍ଟରେ ଭାରତ ୨୨୭ ରନ୍‌ରେ ପରାସ୍ତ ହୋଇଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଟେଷ୍ଟ ଆହୁରି ବଡ଼ ବ୍ୟବଧାନ ୩୧୭ ରନରେ ଇଂଲଣ୍ଡକୁ ହରାଇଛି। ଫଳରେ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନସ୍ତରକୁ ଆସିଛି। ଆସନ୍ତା ୨୪ ତାରିଖରୁ ଅହମ୍ମଦାବାଦର ମୋଟେରା

## ଦ୍ୱିତୀୟ ଟେଷ୍ଟ

- ଭାରତ ୩୧୭ ରନ୍‌ରେ ବିଜୟୀ
- ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ୍ ବିଜୟ
- ପଦାର୍ପଣରେ ଅକ୍ଷରଙ୍କୁ ୫ ଉଇକେଟ ସଫଳତା
- ଅଶ୍ୱିନ ପ୍ଲେୟର ଅଫ୍ ଦି ମ୍ୟାଚ୍
- ୧-୧ ସମାନ ସ୍ତରରେ ସିରିଜ

ଷ୍ଟାଡିୟମରେ ଦିବାରାତ୍ର ତୃତୀୟ ଟେଷ୍ଟ ଆରମ୍ଭ ହେବ ଓ ଏହି ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ବୃହତ୍ ବିଜୟ ସହ ଭାରତ ଲର୍ଡ୍ସରେ ଆୟୋଜନ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଆଶାକୁ ଆହୁରି ଦୃଢ଼ କରିଛି। ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂର ଦ୍ୱିତୀୟ ସ୍ଥାନକୁ ଉଠିଛି। ପଦାର୍ପଣରେ ୫ ଉଇକେଟ ହାସଲ କରି ଯୁବ ସ୍ପିନର ଅକ୍ଷର ପଟେଲ ଦ୍ୱିତୀୟ ଇନିଂସରେ ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ଅକ୍ଷର ୨୧ ଓଭର ବୋଲିଂ କରି ୬୦ ରନ ବିନିମୟରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ୧୦୬ ରନର ଶତକୀୟ ଇନିଂସ ଖେଳିବା ସହ ମ୍ୟାଚ୍‌ରେ ମୋଟ ୮ ଉଇକେଟ ହାସଲ କରିଥିବା ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ପାଇଁ ଏହା ଘରୋଇ ମାଟିରେ ସର୍ବବୃହତ୍ ବିଜୟ ସାବ୍ୟସ୍ତ ହୋଇଛି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୯୫.୫ ଓଭରରେ ୩୨୯ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ୫୯.୫ ଓଭରରେ ୧୩୪ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ୧୯୫ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ସୋମବାର ତୃତୀୟ ଦିବସର ଅନ୍ତିମ ସେସନରେ ୮୫.୫ ଓଭରରେ ୨୮୬ ରନ କରି ଅଲ୍‌ଆଉଟ ହେବା ପରେ ଇଂଲଣ୍ଡ ସମ୍ମୁଖରେ ୪୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ମଙ୍ଗଳବାର ଚତୁର୍ଥ ଦିବସର ଦ୍ୱିତୀୟ ସେସନରେ ୫୪.୨ ଓଭରରେ ୧୬୪ ରନକରି ଅଲ୍‌ଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା।

ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୩/୩ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ମଙ୍ଗଳବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଡାନ ଲରେନ୍ସ ୧୯ରନରୁ ଖେଳ ଆରମ୍ଭ କରି ୨୬ ରନ ସଂଗ୍ରହ କରିଥିବା ବେଳେ ଅଶ୍ୱିନଙ୍କ ବଲ୍‌କୁ ଖେଳିବାକୁ ଷ୍ଟେପ ଆଉଟ କରି ଆଗକୁ ଯାଇଥିଲେ। ତେବେ ସେ ଫେରି ନ ପାରି ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ସେହିପରି ଇନ୍‌ଫର୍ମ ଅଧିନାୟକ ଜୋ ରୁଟ୍ ୨ ରନରୁ ଖେଳ ଆରମ୍ଭ କରି ୩୩ ରନ ସଂଗ୍ରହ କରିଥିବା ବେଳେ ଅକ୍ଷରଙ୍କ ରାଇଜିଂ ୱାଇଡ୍ ବଲ୍‌କୁ ଯାଇ ଡିଫେନ୍ସ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ହ୍ୟାଣ୍ଡ ଗ୍ଲୋଭ୍ସରେ ବାଜିଥିଲା ଓ ସ୍ଲିପ୍‌ରେ ଅଜିଙ୍କ୍ୟ ରାହାନେ କ୍ୟାଚ୍ ନେଇ ରୁଟ୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ତେବେ ଏହା ପୂର୍ବରୁ ତାରକା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ୮ ରନ କରିଥିବା ବେଳେ ଅଶ୍ୱିନଙ୍କ ଫୁଲର ଲେନ୍ଥ ବଲକୁ ଡିଫେନ୍ସ ଖେଳିଥିଲେ। ତେବେ ବଲ୍ ଇନ୍‌ସାଇଡ୍ ଏଜ୍ ନେଇ ପ୍ୟାଡ୍‌ରେ ବାଜିବା ପରେ ଉପରକୁ ଉଠିଥିଲା ଓ କୋହଲି ଡାଇଭ୍ ମାରି ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ୍ ନେଇଥିଲେ। ଏହାପରେ ଓଲି ପୋପ୍‌ଙ୍କ ପାଳି ପଡିଥିଲା। ସେ ୧୨ ରନ କରିଥିବା ବେଳେ ଅକ୍ଷରଙ୍କ ବଲକୁ ସ୍ଲଗ ସୁଇପ୍ କରିଥିଲେ ଓ ମିଡ୍‌ଉଇକେଟରେ ଇଶାନ୍ତ ଏକ ସହଜ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ପ୍ରଥମ ଇନିଂସରେ ଅପରାଜିତ ୪୨ ରନର ଲଢୁଆ ପାଳି ଖେଳିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ବେନ୍ ଫୋକ୍ସ ଏଥର ବିଫଳ ହୋଇଥିଲେ। ୨ ରନ କରିଥିବା ବେଳେ ସେ କୁଲଦୀପ ଯାଦବଙ୍କ ବଲ୍‌ରେ ମିଡ୍‌ଉଇକେଟକୁ ଶଟ୍ ଖେଳି ଅକ୍ଷରଙ୍କୁ ଏକ ସହଜ କ୍ୟାଚ୍ ଦେଇଥିଲେ। ଏହା ପରେ ରୁଟ୍ ଆଉଟ ହୋଇଥିଲେ। ସେହିପରି ଓଲି ଷ୍ଟୋନ୍ ଖାତା ଖୋଲିବା ପୂର୍ବରୁ ଅକ୍ଷରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏଥିସହ ଅକ୍ଷର ୫ ଉଇକେଟ ହାସଲ କରିଥିଲେ। ଷ୍ଟୁଆର୍ଟ ବ୍ରଡ ୫ ରନ କରି ଅପରାଜିତ ରହିଥିବା ବେଳେ ମୋଇନ ଅଲି ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହେବା ପୂର୍ବରୁ ଧୂଆଁଧାର ପାଳି ଖେଳିବାକୁ ପ୍ରୟାସ କରିଥିଲେ। ମୋଇନ ୨୭ ମିନିଟ୍ କ୍ରିଜ୍‌ରେ ରହି ମାତ୍ର ୧୮ଟି ବଲ୍ ଖେଳି ୩ ଚୌକା ଓ ୫ ଛକା ସହ ୪୩ ରନ କରି ପ୍ୟାଭିଲିୟନ ଫେରିଥିଲେ। କୁଲଦୀପଙ୍କ ଏକ ସ୍ଲୋୟର ୱାଇଡର ବଲ୍‌କୁ ଖେଳିବାକୁ ଯାଇ ମୋଇନ ଷ୍ଟେପ୍ ଆଉଟ କରିଥିଲେ ଓ ପଛକୁ ଫେରିପାରି ନ ଥିଲେ। ଫଳରେ ପନ୍ତ ତାଙ୍କୁ ଷ୍ଟମ୍ପ ଆଉଟ କରିଥିଲେ। ବୋଲିଂରେ ଭାରତ ତରଫରୁ ପଦାର୍ପଣରେ ଅକ୍ଷର ସର୍ବାଧିକ ୫, ଅଶ୍ୱିନ ୩ ଓ କୁଲଦୀପ ୨ ଉଇକେଟ ଅକ୍ତିଆର କରିଥିଲେ। ସବୁ ଉଇକେଟ ସ୍ପିନରମାନଙ୍କ ହାତକୁ ହିଁ ଯାଇଥିଲା। ମ୍ୟାଚ୍‌ରେ ଅଶ୍ୱିନ ମୋଟ ଉପରେ ୮ ଓ ଅକ୍ଷର ୭ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମ ଇନିଂସରେ ଓପନର ରୋହିତ ଶର୍ମା ୧୬୧ ରନର ବୃହତ୍ ଶତକୀୟ ଇନିଂସ ଖେଳିବା ମୁଖ୍ୟ ଘଟଣା ଥିଲା।



୫ ଉଇକେଟ ହାସଲକାରୀ ଅକ୍ଷର ପଟେଲ (ଡାହାଣ)ଙ୍କୁ ବିରାଟ କୋହଲି ଓ ଇଶାନ୍ତ ଶର୍ମାଙ୍କ ବଧେଇ।

### ଟେଷ୍ଟ ପଦାର୍ପଣରେ ୫ ଉଇକେଟ (ଭାରତ)

- ୫/୬୪: ଭମନ କୁମାର ବନାମ ପାକିସ୍ତାନ, ଦିଲ୍ଲୀ, ୧୯୬୦-୬୧
- ୬/୧୦୩: ଦିଲୀପ ଦୋଶି ବନାମ ଅଷ୍ଟ୍ରେଲିଆ, ଚେନ୍ନାଇ, ୧୯୭୯-୮୦
- ୮/୬୧ ଓ ୮/୭୫: ନରେନ୍ଦ୍ର ହିରୱାନୀ ବନାମ ୱେଷ୍ଟଇଣ୍ଡିଜ, ଚେନ୍ନାଇ, ୧୯୮୭-୮୮
- ୫/୭୧: ଅମିତ ମିଶ୍ର ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୦୮-୦୯
- ୬/୪୭: ରବିଚନ୍ଦ୍ରନ ଅଶ୍ୱିନ ବନାମ ୱେଷ୍ଟଇଣ୍ଡିଜ, ଦିଲ୍ଲୀ, ୨୦୧୧-୧୨
- ୫/୬୦: ଅକ୍ଷର ପଟେଲ ବନାମ ଇଂଲଣ୍ଡ, ଚେନ୍ନାଇ, ୨୦୨୦-୨୧

### ଭାରତର ବୃହତ୍ ବିଜୟ (ରନରେ)

- ୩୩୭ ବନାମ ଦକ୍ଷିଣ ଆଫ୍ରିକା, ଦିଲ୍ଲୀ, ୨୦୧୫-୧୬
- ୩୨୧ ବନାମ ନ୍ୟୁଜିଲାଣ୍ଡ, ଇନ୍ଦୋର, ୨୦୧୬-୧୭
- ୩୨୦ ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୦୮-୦୯
- ୩୧୮ ବନାମ ୱେଷ୍ଟଇଣ୍ଡିଜ, ନର୍ଥସାଉଣ୍ଡ, ୨୦୧୯
- ୩୧୭ ବନାମ ଇଂଲଣ୍ଡ, ଚେନ୍ନାଇ, ୨୦୨୦-୨୧
- ୩୦୪ ବନାମ ଶ୍ରୀଲଙ୍କା, ଗାଲେ, ୨୦୧୭

(ବୃହତ୍ ୫ ବିଜୟ ବିରାଟ କୋହଲିଙ୍କ ନେତୃତ୍ୱରେ ହୋଇଛି)

- ଇଂଲଣ୍ଡ ବିପକ୍ଷରେ ଭାରତର ସର୍ବବୃହତ୍ ବିଜୟ (୩୧୭ ରନ)। ପୂର୍ବରୁ ଏହି ଦଳ ବିପକ୍ଷରେ ଭାରତ ସର୍ବାଧିକ ୨୭୯ ରନରେ ବିଜୟୀ ହୋଇଥିଲା। ୧୯୮୬ରେ ଲିଡ୍ସରେ ଭାରତକୁ ଏହି ସଫଳତା ମିଳିଥିଲା।
- ଭାରତରେ ଖେଳିଥିବା ଗତ ୮ଟି ଟେଷ୍ଟ ମଧ୍ୟରେ ରୁଟ୍ ପ୍ରଥମଥର ପାଇଁ କୌଣସି ଏକ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି।
- ଇଂଲଣ୍ଡ ୩୧୭ ରନ୍‌ରେ ପରାସ୍ତ ହେଲା। ରନ ଦୃଷ୍ଟିରୁ ଏସିଆରେ ଇଂଲଣ୍ଡର ଏହା ସର୍ବବୃହତ୍ ପରାଜୟ। ପୂର୍ବରୁ ୨୦୧୬-୧୭ରେ ଭାଇଜାଗଠାରେ ୨୪୬ ରନ୍‌ରେ ପରାଜିତ ହୋଇଥିଲା।



କୁଲଦୀପ ଯାଦବ

## ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୩୨୯**
**ଇଂଲଣ୍ଡ ପ୍ରଥମ ଇନିଂସ:୧୩୪**
**ଭାରତ ଦ୍ୱିତୀୟ ଇନିଂସ: ୨୮୬**
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**

ରୋରି ବର୍ନ୍ସ-କ-କୋହଲି-ବୋ-ଅଶ୍ୱିନ-୨୫
ଡମ୍ ସିବ୍‌ଲି- ଏଲ୍‌ବିଡବ୍ଲ୍ୟୁ-ପଟେଲ-୩
ଡାନ୍ ଲରେନ୍ସ-ଷ୍ଟମ୍ପ-ପନ୍ତ-ବୋ-ଅଶ୍ୱିନ-୨୬
ଜ୍ୟାକ୍ ଲିଚ୍-କ-ରୋହିତ-ବୋ-ପଟେଲ-୦
ଜୋ ରୁଟ୍-କ-ରାହାନେ-ବୋ-ଅକ୍ଷର-୩୩
ବେନ୍ ଷ୍ଟୋକ୍ସ-କ-କୋହଲି-ବୋ-ଅଶ୍ୱିନ-୮
ଓଲି ପୋପ୍-କ-ଈଶାନ୍ତ-ବୋ-ପଟେଲ-୧୨
ବେନ୍ ଫୋକ୍ସ-କ-ପଟେଲ-ବୋ-କୁଲଦୀପ-୨
ମୋଇନ ଅଲୀ-ଷ୍ଟମ୍ପ-ପନ୍ତ-ବୋ-କୁଲଦୀପ-୪୩
ଓଲି ଷ୍ଟୋନ-ଏଲ୍‌ବିଡବ୍ଲ୍ୟୁ-ପଟେଲ-୦
ଷ୍ଟୁଆର୍ଟ ବ୍ରଡ୍-ନଟଆଉଟ-୫
ଅତିରିକ୍ତ- ୭
ମୋଟ (୫୪.୨ ଓଭର/ଅଲ୍‌ଆଉଟ) ୧୬୪।

**ଉଇକେଟ ପତନ:** ୧/୧୭, ୨/୪୯, ୩/୫୦, ୪/୬୬, ୫/୯୦, ୬/୧୧୦, ୭/୧୧୬, ୮/୧୧୬, ୯/୧୨୬।

**ବୋଲିଂ (ଭାରତ)**

ଈଶାନ୍ତ ଶର୍ମା ୬-୩-୧୩-୦
ଅକ୍ଷର ପଟେଲ ୨୧-୫-୬୦-୫
ରବିଚନ୍ଦ୍ରନ ଅଶ୍ୱିନ ୧୮-୫-୫୩-୩
ମହମ୍ମଦ ସିରାଜ ୩-୧-୬-୦
କୁଲଦୀପ ଯାଦବ ୬.୨-୧-୨୫-୨।

# ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

**ଚେନ୍ନାଇ, ୧୬।୨(ପି.ଟି.):** ଏଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୩୧୭ ରନରେ ହରାଇବା ଦ୍ୱାରା ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଚେପକ୍‌ରେ ବିଜୟ ଦ୍ୱାରା ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୧ ସ୍ଥିତିକୁ ଆଣିଥିବା ଭାରତ ମୋଟ ୪୬୦ ପଏଣ୍ଟ ଏବଂ ୬୯.୭ ପର୍ସେଣ୍ଟେଜ ଅଫ୍ ପଏଣ୍ଟ୍ସ (ପିସିଟି) ସହିତ ଏହି ସଫଳତା ପାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍‌ରେ ଲର୍ଡ୍ସରେ ଅନୁଷ୍ଠିତ ହେବ। ଟେବୁଲର ଶୀର୍ଷରେ ରହି ନ୍ୟୁଜିଲାଣ୍ଡ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ନ୍ୟୁଜିଲାଣ୍ଡ ୭୦.୦ ପିସିଟି ଏବଂ ମୋଟ ୪୨୦ ପଏଣ୍ଟ ପାଇଛି। ପ୍ରଥମ ଟେଷ୍ଟରେ ଇଂଲଣ୍ଡଠାରୁ ୨୨୭ ରନରେ ହାରିଥିବାରୁ ଭାରତ ଏକ ବିଜୟ ନିହାତି ଆବଶ୍ୟକ କରୁଥିଲା। ଫାଇନାଲରେ ପ୍ରବେଶ କରିବାକୁ ହେଲେ ପରବର୍ତ୍ତୀ ୨ଟି ଟେଷ୍ଟକୁ ଅତିକମ୍‌ରେ ଡ୍ର ରଖିବାକୁ ପଡ଼ିବ। ଡବ୍ଲ୍ୟୁଟିସିରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏବେ ୬ଷ୍ଠ ସିରିଜ ଖେଳୁଛି। ଏଥିରେ ୧୦ ଟେଷ୍ଟରେ ବିଜୟୀ ହୋଇଥିବାବେଳେ ୪ଟି ହାରିଛି ଏବଂ ଗୋଟିଏ ଡ୍ର ରଖିଛି। ଅଷ୍ଟ୍ରେଲିଆ ୬୯.୨ ପିସିଟି ଏବଂ ୩୩୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଥିବାବେଳେ ଇଂଲଣ୍ଡ ୬୭.୦ ପିସିଟି ଏବଂ ୪୪୨ ପଏଣ୍ଟ ସହିତ ୪ର୍ଥ ସ୍ଥାନକୁ ଖସିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ତଥା ଦିବାରାତ୍ର ଟେଷ୍ଟ ଚଳିତ ମାସ ୨୪ରୁ ଅହମ୍ମଦାବାଦରେ ଆରମ୍ଭ ହେବ।





**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲ**

## ଶୁବମନ ଆହତ

**ଚେନ୍ନାଇ, ୧୬।୨(ପି.ଟି.):** ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ଆହତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ତୃତୀୟ ଦିବସରେ ଫିଲ୍ଡିଂ ଅବସରରେ ସେ ବାମହାତରେ ଆଘାତ ପାଇଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କ ଆଘାତ ସ୍ଥାନକୁ ସ୍କାନ କରାଯାଇଛି। ଏହି ଟେଷ୍ଟର ୨ଟି ଇନିଂସରେ ଯଥାକ୍ରମେ ୦ ଓ ୧୪ ରନ କରିଥିବା ୨୧ ବର୍ଷୀୟ ଗିଲ୍ ୪ର୍ଥ ଦିବସରେ ଫିଲ୍ଡିଂ କରି ନ ଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଯଥାକ୍ରମେ ୨୯ ଓ ୫୦ ରନ କରିଥିବା ଗିଲ୍ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ମୋଇନ ବାଦ୍, ବେୟାରଷ୍ଟୋ, ଉଡ୍ ସାମିଲ

**ଚେନ୍ନାଇ, ୧୬।୨(ପି.ଟି.):** ଅହମ୍ମଦାବାଦଠାରେ ଫେବୃୟାରୀ ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଦିବାରାତ୍ର ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ ଉଇକେଟ କିପର ଜନି ବେୟାରଷ୍ଟୋ ଓ ଦ୍ରୁତ ବୋଲର ମାର୍କ ଉଡ୍ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟଭାର ହ୍ରାସ ପାଇଁ ଇଂଲଣ୍ଡର ରୋଟେଶନ ପଦ୍ଧତି ଅନୁସାରେ ସ୍ପିନ୍ ଅଲରାଉଣ୍ଡର ମୋଇନ୍ ଅଲୀ ବାଦ୍ ପଡ଼ିଛନ୍ତି। ବେୟାରଷ୍ଟୋ ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଯଥାକ୍ରମେ ୪୭, ୩୫*, ୨୮ ଓ ୨୯ ରନ କରିଥିଲେ। ପରେ ଭାରତ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୨ଟି ମ୍ୟାଚରୁ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷ ସିରିଜ ପରେ ଉଡ୍‌ଙ୍କୁ ବିଶ୍ରାମ ଦିଆଯାଇଥିଲା। ସେ ପ୍ରଥମ ଟେଷ୍ଟରେ ଉଇକେଟ ନେଇପାରି ନ ଥିବାବେଳେ ଦ୍ୱିତୀୟ ଟେଷ୍ଟରେ ୩ଟି ଉଇକେଟ ନେଇଥିଲେ। ତୃତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ: ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଡୋମିନିକ୍ ବେସ୍, ଷ୍ଟୁଆର୍ଟ ବ୍ରଡ୍, ରୋରି ବର୍ନ୍ସ, ଜ୍ୟାକ କ୍ରଲି, ବେନ୍ ଫୋକ୍ସ, ଡାନ ଲରେନ୍ସ, ଜ୍ୟାକ ଲିଚ୍, ଓଲି ପୋପ୍, ଡମ୍ ସିବ୍‌ଲି, ବେନ୍ ଷ୍ଟୋକ୍ସ, ଓଲି ଷ୍ଟୋନ୍, କ୍ରିସ୍ ୱୋକ୍ସ, ମାର୍କ ଉଡ୍।





ଜନି ବେୟାରଷ୍ଟୋ ଓ ମାର୍କ ଉଡ।

# ଜାତୀୟ ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶା ରନର୍ସ ଅପ୍

ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁରେ ଆୟୋଜିତ ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ରନର୍ସ ଅପ୍ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଓଡ଼ିଶା ୮୦ ରନରେ ଆନ୍ଧ୍ର ପ୍ରଦେଶଠାରୁ ହାରି ଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ର ପ୍ରଦେଶ ୨୦ ଓଭରରେ ୩ ଉଇକେଟ ହରାଇ ୨୪୬ ରନ କରିଥିଲା। ଦଳ ପକ୍ଷରୁ ଡି. ଭେଙ୍କଟେଶ୍ୱର ରାଓ ସର୍ବାଧିକ ୧୩୨ ରନ କରିଥିଲେ। ୨୪୭ ରନ ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ୫ ଉଇକେଟ ହରାଇ ୧୬୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁଖରାମ ମାଝି ସର୍ବାଧିକ ୫୨*, ନକୁଳ ବଡ଼ନାୟକ ୪୦ ଓ ପଙ୍କଜ ଭୁଏ ୩୫ ରନ କରିଥିଲେ। ଭେଙ୍କଟେଶ୍ୱର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। କର୍ଣ୍ଣାଟକ କ୍ରୀଡ଼ା ମନ୍ତ୍ରୀ ସି. ନାରାୟଣ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।





ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ରନର୍ସଅପ୍ ଓଡ଼ିଶା ଦଳ ଅତିଥିଙ୍କ ସହ।

# ମୋରିଙ୍କ ବଦଳରେ ଜଣେ ମହିଳାଙ୍କୁ ଦାୟିତ୍ୱ ଦିଆଯାଇପାରେ

**ଟୋକିଓ ଅଲିମ୍ପିକ୍ସ**

ଟୋକିଓ,୧୬।୨(ଏପି)

ଟୋକିଓ ଅଲିମ୍ପିକ ଆୟୋଜକ କମିଟି ଅଧ୍ୟକ୍ଷ ଭାବେ ୟୋଶିରୋ ମୋରିଙ୍କ ସ୍ଥାନରେ ଜଣେ ମହିଳାଙ୍କୁ ଦାୟିତ୍ୱ ଦିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି। ୮୩ ବର୍ଷୀୟ ପୂର୍ବତନ ଜାପାନ ପ୍ରଧାନମନ୍ତ୍ରୀ ମୋରିଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଇଥିଲା। ମହିଳାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଏଭଳି କଡ଼ା ନିଷ୍ପତ୍ତି ନିଆଯାଇଥିଲା।

ବର୍ତ୍ତମାନ ଏହି ହାଇପ୍ରୋଫାଇଲ ପଦରେ ୬୩ ବର୍ଷୀୟା ଜାପାନିଜ ଅଲିମ୍ପିକ୍ କମିଟି ମୁଖିଆ ତଥା ୧୯୮୪ ଅଲିମ୍ପିକ୍ସରେ ଜୁଡୋ ସ୍ୱର୍ଣ୍ଣ ପଦକ ବିଜୟିନୀ ୟାସୁହିରୋ ୟାମାସିଟାଙ୍କୁ ନିଯୁକ୍ତି ଦିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି ଓ ସେ ଏହି ପଦ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ୟାମାସିଟା ପୂର୍ବରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଦସ୍ୟ ରହିଥିଲେ। ମୋରିଙ୍କ ଉତ୍ତରାଧିକାରୀ ଚୟନ ପାଇଁ ମଙ୍ଗଳବାର ଆୟୋଜକ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ବୁଧବାର ଏ ନେଇ ପ୍ରାର୍ଥୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବ। ତେବେ ଏହି ପଦ ପାଇଁ କାହାକୁ ଚୟନ କରାଯିବ ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ତେବେ ନୂଆ ଅଧ୍ୟକ୍ଷ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ଆୟୋଜକମାନେ ସ୍ପଷ୍ଟ କରିଛନ୍ତି। ଚୟନ କମିଟିର ନେତୃତ୍ୱ ନେବେ ୮୫ ବର୍ଷୀୟ ଫୁଜିଓ ମିଟାରାଇ।

# ଭୁବନେଶ୍ୱର 'ଏ', 'ବି', ସମ୍ବଲପୁର, କଟକ 'ଏ' ବିଜୟୀ

ଭୁବନେଶ୍ୱର, ୧୬।୨(କ୍ରୀଡ଼ା ପ୍ରତିନିଧି)



ଅଂଶୁମାନ ସାହୁ



ପଙ୍କଜ ସାହୁ



ଗୌରିଶ ପାତ୍ର



ଦେବାଶିଷ ନାୟକ



ଶ୍ରେଷ୍ଠ ସିଂ



ସମ୍ବିତ ବରାଳ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍**

- ପଙ୍କଜ ସାହୁ, ଅଂଶୁମାନ ସାହୁଙ୍କ ଶତକ
- ଦେବାଶିଷ ନାୟକ, ଗୌରିଶ ପାତ୍ର, ସମ୍ବିତ ବରାଳ, ଶ୍ରେଷ୍ଠ ସିଂଙ୍କୁ ୫ ଉଇକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୪ଟି ସୁପରଲିଗ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର 'ଏ', 'ବି', ସମ୍ବଲପୁର ଓ କଟକ 'ଏ' ଦଳ ବିଜୟ ହାସଲ କରିଛି।

ସ୍ଥାନୀୟ ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କଟକ 'ଏ' ୨୮ ରନରେ ରାଉରକେଲାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ 'ଏ' ୫୦ ଓଭରରେ ୯ ଉଇକେଟ ହରାଇ ୧୯୬ ରନ କରିଥିଲା। ଜବାବରେ ରାଉରକେଲା ୪୭.୧ ଓଭରରେ ୧୬୮ ରନ କରି ଅଲଆଉଟ ହୋଇ ଯାଇଥିଲା। ରେଲୱେ ଗ୍ରାଉଣ୍ଡରେ ଭୁବନେଶ୍ୱର 'ବି' ୯୧ ରନରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର 'ବି' ୫୦ ଓଭରରେ ୪ ଉଇକେଟ ହରାଇ ୨୦୫ ରନ କରିଥିଲା। ଶତକ ହାସଲକାରୀ ପଙ୍କଜ ସାହୁ ସର୍ବାଧିକ ୧୦୩ (୮ ଚୌକା, ୨ ଛକା)ରନ କରିଥିଲେ। ଜବାବରେ ଝାରସୁଗୁଡ଼ା ୪୦.୨ ଓଭରରେ ୧୧୪ ରନ କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ଦେବାଶିଷ ନାୟକ ୧୦ ଓଭରରେ ୨ ମେଡେନ ନେଇ ୨୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ବିକାଶ ନାୟକଙ୍କୁ ୪ ଉଇକେଟ ମିଳିଥିଲା।

କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ଏ' ୧୩୪ ରନରେ କିଟ୍‌କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ୫୦ ଓଭରରେ ୮ ଉଇକେଟ ହରାଇ ୨୭୩ ରନ କରିଥିଲା। ଅଂଶୁମାନ ସାହୁ ସର୍ବାଧିକ ୧୦୬ ରନ କରିଥିବାବେଳେ ଶୁଭମ୍ ନାୟକ ୬୬ ରନର ଯୋଗଦାନ ଦେଇଥିଲେ। କିଟ୍‌ର ଗୌରିଶ ପାତ୍ର ୫ ଉଇକେଟ ନେଇଥିଲେ। ଜବାବରେ କିଟ୍ ରମଣୀ ଜେନାଙ୍କ ୫୬ ରନ ସତ୍ତ୍ୱେ ୩୧.୨ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ସମ୍ବିତ ବରାଳ ୫ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୮ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ବିଓଏସ୍‌ଇ ପଡ଼ିଆରେ ସମ୍ବଲପୁର ୮ ଉଇକେଟରେ ବାଲେଶ୍ୱରକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୩୧.୩ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଥିଲା। ସମ୍ବଲପୁରର ଶ୍ରେଷ୍ଠ ସିଂ ୫ ଓ ବିମଳ କର୍ମକାର ୪ ଉଇକେଟ ନେଇଥିଲେ। ୧୨୧ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସମ୍ବଲପୁର ୨୪.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ହ୍ରିତିକ ପଟେଲ ସର୍ବାଧିକ ୫୨ ଓ ହର୍ଷିତ ଜିନ୍ଦଲ ୪୩ ରନ କରିଥିଲେ।

ଧରିତ୍ରୀ
DHARITRI
Wednesday, February 17/2021

## ଜିଡିପି ଅଭିବୃଦ୍ଧି ପଥକୁ ଫେରିବ

ପ୍ରାୟ ୨ ତ୍ରୈମାସ ଧରି ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ହ୍ରାସ ହେବା ପରେ ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଏହା ଅଭିବୃଦ୍ଧି ପଥକୁ ଫେରିବ ବୋଲି ଇକ୍ରା ରେଟିଂସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଘରୋଇ ଚାହିଦା ଏବଂ ସରକାରୀ ନିବେଶ ଉନ୍ନତ ହେବା ଯୋଗୁ ଏହା ଅର୍ଥ ବ୍ୟବସ୍ଥା ଲାଗି ସହାୟକ ହେବ। ଜିଡିପି ୦.୭% ଅଭିବୃଦ୍ଧି ହେବ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି।



### ସଂକ୍ଷେପରେ

## ୟୁଏସ୍‌ରେ ମାମଲା ରୁଜୁ କଲା କେୟର୍ନ

ନୂଆଦିଲ୍ଲୀ,୧୬।୨: କେୟର୍ନ ଏନର୍ଜି ଭାରତ ସରକାରଙ୍କ ବିରୋଧରେ ୧.୨ ବିଲିୟନ ଡଲାରର ଟିକସ ମାମଲା ଜିତିଛି। ଭାରତ ଠାରୁ ଏହି ଅର୍ଥ ପାଇବା ଲାଗି କମ୍ପାନୀ ଆମେରିକାର ଡିଷ୍ଟ୍ରିକ୍ଟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭାରତ ସରକାରଙ୍କ ଉପରେ ଚାପ ପକାଇ କମ୍ପାନୀ ଅର୍ଥ ଫେରିପାଇବା ଲାଗି ଏଭଳି କାର୍ଯ୍ୟ କରୁଥିବା କୁହାଯାଉଛି। ଡିସେମ୍ବର ମାସରେ ବ୍ରିଟେନର ଏହି କମ୍ପାନୀ ସପକ୍ଷରେ ଆର୍ବିଟ୍ରେଶନ ବର୍ତ୍ତୃପକ୍ଷ ରାୟ ଦେଇଥିଲେ। ଭାରତ ଟିକସ ଚୁକ୍ତି ଉଲ୍ଲଘଂନ କରିଥିବା କୁହାଯାଇଥିଲା। ଏଣୁ ଭାରତ ଅର୍ଥ ଫେରାଇବାକୁ ବାଧ ବୋଲି କୁହାଯାଇଥିଲା। କେୟର୍ନର ୟୁଏସ୍ ମାମଲାକୁ ନେଇ ଅର୍ଥ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ଉତ୍ତର ଲୋଡାଯାଇଥିଲେ ମଧ ଏହା ମିଳିପାରିନାହିଁ।

## ଲୁଇଲା ହେବେ ଡବ୍ଲ୍ୟୁଟିଓର ମୁଖ୍ୟ

ନୂଆଦିଲ୍ଲୀ,୧୬।୨: ୱାର୍ଲଡ ଟ୍ରେଡ୍ ଅର୍ଗାନାଇଜେଶନ(ଡବ୍ଲ୍ୟୁଟିଓ) ସୋମବାର ଏହାର ମୁଖ୍ୟ ଭାବେ ନାଇଜେରିଆର ଏନ୍‌ଗୋଜି ଓକୋଞ୍ଜି-ଲୁଇଲାଙ୍କୁ ନିଯୁକ୍ତି ଦେଇଛି। ସେ ପ୍ରଥମ ମହିଳା ଭାବେ ଆଫ୍ରିକାନ ମଲ୍ଟିଲାଟେରାଲ ଏଜେନ୍ସିର ମୁଖ୍ୟ ଭାବେରେ କାର୍ଯ୍ୟ କରିବେ। ଲୁଇଲା ହେଉଛନ୍ତି ପୂର୍ବତନ ନାଇଜେରିଆନ ଅର୍ଥ ମନ୍ତ୍ରୀ ଏବଂ ବିଶ୍ୱ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅପରେଶନ ଭଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଆମେରିକରର ଓବାମା ସରକାରଙ୍କ ସହ କାର୍ଯ୍ୟ କରିଥିଲେ। ସେହିପରି ଟ୍ରମ୍ପ ଓ ବାଇଡେନ ପ୍ରଶାସନ ସମସ୍ୟାରେ ଏକ ସ୍ୱାଧୀନ ସଂସ୍ଥା ଭାବରେ ଏହାର ତଦାରଖ ପାଇଁ କାର୍ଯ୍ୟ କରୁଥିଲେ। ଆଗାମୀ ମାର୍ଚ୍ଚ ୧ରୁ ସେ ଉକ୍ତ ପଦରେ ବିଧିବଦ୍ଧ ଭାବରେ କାର୍ଯ୍ୟରେ ଯୋଗଦେବେ ବୋଲି ଜଣାପଡିଛି।

# ହୋଣ୍ଡା ଆଣିଲା ନୂଆ ସିବି ୩୫୦ ଆର୍‌ଏସ୍

### ପ୍ରାରମ୍ଭିକ ମୂଲ୍ୟ ୧.୯୬ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୧୬।୨

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ୩୫୦-୫୦୦ ସିସି ବର୍ଗରେ ନୂଆ ସିବି ୩୫୦ ଆର୍ ମଡେଲ ବଜାରକୁ ଆସିଛି। କମ୍ପାନୀ ଏହି ମଡେଲର ବିଶ୍ୱ ସ୍ତରୀୟ ପ୍ରିମିୟର ଘୋଷଣା କରିଛି। ସିବି ପରିବାରରେ ଏହା ଦ୍ୱିତୀୟ ଯୋଗଦାନ। ମେଡ୍ ଇନ୍ ଇଣ୍ଡିଆ ଫର୍ ଦି ୱାର୍ଲଡ ଭାବେ ଏହା ଉନ୍ମୋଚନ ହୋଇଛି। ଯାନଟିର ପ୍ରାରମ୍ଭିକ ମୂଲ୍ୟ ୧.୯୬ ଲକ୍ଷ ଟଙ୍କା ରହିଛି।




ନୂଆ ମଡେଲରେ ଏକ ବିଶାଳ ଆକୃତିର ଇନ୍ଧନ ଟାଙ୍କି, ଫର୍କ ବୁଟ୍‌ସ, ରାଉଣ୍ଡ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ସ୍ୱତନ୍ତ୍ର ରିଙ୍ଗ ଡିଜାଇନ, ଚକ୍ଷୁ ଆକୃତିର ଏଲ୍‌ଇଡି ୱିଙ୍କର, ସିଟ୍ ତଳ ସ୍ଲିକ୍ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ଓ ସ୍ପୋର୍ଟି ଗ୍ରାବ ରେଲ୍ ଲ୍ୟାମ୍ପ ରହିଛି। ଆରାମ ଏବଂ ସୁବିଧା ପାଇଁ ଏଥିରେ ରହିଛି ଚଉଡା ପାର୍ଟନର ଟାୟାର। ସେହିଭଳି ଟ୍ରକ୍ ଓ ରୋଲ ସିଟ୍ ଡିଜାଇନ, ସ୍କିଡ୍ ପ୍ଲେଟ, ଅଣ୍ଡରନିଥ, ଆସିଷ୍ଟ ପ୍ଲେ କ୍ଲଚ୍, ଆଡଭାନ୍ସ ଡିଜିଟାଲ ଆନାଲଗ୍ ମିଟର, ହୋଣ୍ଡା ସିଲେକ୍ଟେଲ ଟର୍କ କଣ୍ଟ୍ରୋଲ ଭଳି ଅନ୍ୟ ପ୍ରମୁଖ ଏହି ମଡେଲରେ ଗ୍ରାହକ ଲାଭ କରିପାରିବେ। ଏହି ପରିପ୍ରେକ୍ଷୀରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସଭାପତି ତଥା ସିଇଓ ଆତସୁସି ଓଗାତା କହିଛନ୍ତି, ବାସ୍ତବ ମୋଟର ସାଇକେଲ ପ୍ରେମୀଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସିବି ବ୍ରାଣ୍ଡ ପରିଚିତ। ଆଜି ସିବି ସିରିଜରେ ନୂଆ ଅଧ୍ୟାୟ ଯୋଡ଼ିଥିବାରୁ ଖୁସି। ସିବି ବ୍ରାଣ୍ଡର ବାସ୍ତବ ପରମ୍ପରାକୁ ଉପସ୍ଥାପନ କରି ସିବି ୩୫୦ ଆର୍‌ଏସ୍ ଭାରତୀୟ ଗ୍ରାହକଙ୍କ ପାରମ୍ପରିକ ଷ୍ଟାଇଲ, ଉତ୍କୃଷ୍ଟ ଯୋଗଦାନ ଯୋଗକରି ମୂଲ୍ୟ ବଢାଇବ ଏବଂ ଫନ୍ ବାଇକିଂ ସଂସ୍କୃତିକୁ ବଢାଇବ। ଏହି ମଡେଲ ସମ୍ପର୍କରେ ସୂଚନା ଦେଇ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି, ସିବି ବ୍ରାଣ୍ଡ ପରମ୍ପରାକୁ ଆଗକୁ ବଢାଇ, ସମ୍ପୂର୍ଣ୍ଣ ନୂଆ ସିବି ୩୫୦ ଆର୍‌ଏସ୍ ସଡକ ଅତିକ୍ରମ କରିବା ପରିକଳ୍ପନା ଆର୍‌ଏସ୍ ଉପରେ ପର୍ଯ୍ୟବସିତ।

# ଚାନ୍ଦି ଭଣ୍ଡାର ଶୋ'ରୁମ୍ ପୁନଃ ଶୁଭାରମ୍ଭ



ଭୁବନେଶ୍ୱର,୧୬।୨

ରାଜ୍ୟର ପ୍ରମୁଖ ରୁପା ଶୋ'ରୁମ୍ ଚାନ୍ଦି ଭଣ୍ଡାର ମଙ୍ଗଳବାର ପୁନଃ ଶୁଭାରମ୍ଭ ହୋଇଛି। ଏହି ଶୋ'ରୁମ୍ ୨୦୧୩ରେ ଆରମ୍ଭ ହୋଇଥିଲା। ଗୁଣବତ୍ତା ଏବଂ ଶୁଦ୍ଧତା ପାଇଁ ଏହି ବ୍ରାଣ୍ଡ ପ୍ରସ୍ତୁତ ହୋଇଥିଲା। ବାଣିଜ୍ୟର ଏକ ବ୍ୟାପକ ବିସ୍ତାର ସହିତ ପୂର୍ବ ଅପେକ୍ଷା ଏହା ବର୍ତ୍ତମାନ ଦ୍ୱିଗୁଣିତ ହେବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଚାନ୍ଦି ଭଣ୍ଡାର ଏକ ପ୍ରମୁଖ ଶୋ'ରୁମ୍ ଭାବେ ଗ୍ରାହକଙ୍କ ଜୀବନରେ ରୁପାର ବହୁମୁଖୀ ଭୂମିକାକୁ ଗ୍ରହଣ କରିପାରିଥିବା କହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ଯୋଗଦାନ ଜାରି ରଖିଛି। ଏହି ଶୋ'ରୁମ୍‌ରେ ଗ୍ରାହକ ରୁପା ଅଳଙ୍କାରର ସର୍ବବୃହତ୍ ସମ୍ଭାର ଲାଭ କରିପାରିବେ। ପାଉଁଜି, କାନଫୁଲ, ନୂପୁର, ଚୁଡି, ବ୍ରେସ୍‌ଲେଟ, ଚେନ, ରୁପା ଥାଳି, ଗ୍ଲାସ୍, ଚାମଚ, ବାଉଲ ଭଳି ଅନ୍ୟ ରୁପାର ପ୍ରଡକ୍ଟ ଗ୍ରାହକ ଏଠାରୁ ଲାଭ କରିପାରିବେ। ଗ୍ରାହକଙ୍କୁ ଉତ୍କୃଷ୍ଟ ଉତ୍ପାଦ ଯୋଗାଣ, ରୁପାର ଗୁଣବତ୍ତା ଏବଂ ଡିଜାଇନ ଏବଂ ରୁପା ଉତ୍ପାଦ ଉପରେ ୯୦% ରିଟର୍ନ ମୂଲ୍ୟ ଦେବା ପାଇଁ ଶୋ'ରୁମ୍ କାର୍ଯ୍ୟକ୍ରମ ଜାରି ରଖିଛି। ଗ୍ରାହକଙ୍କ ବିଶ୍ୱାସ ରିଟେଲ ସ୍ପେଶକୁ ବଢାଇବା ଦିଗରେ ସହାୟକ ହୋଇଛି। ଶହୀଦନଗରରେ ଥିବା ଷ୍ଟୋରରେ ଆଉ ଏକ ମହଲା ଯୋଗ କରାଯାଇଛି। ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ, ଚାନ୍ଦି ଭଣ୍ଡାର ଷ୍ଟୋର ପକ୍ଷରୁ ଯୋଗେନ୍ଦ୍ର ହଂସ, ଲିପ୍‌ସା ନାୟକ ହଂସ ଏବଂ ମାନିକ ହଂସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚାନ୍ଦି ଭଣ୍ଡାରର ଶହୀଦନଗର ଏବଂ ପଟିଆ ଶୋ'ରୁମ୍‌ରେ ବର୍ତ୍ତମାନ ଗଢା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ଏହା ୨୦ ଫେବୃୟାରୀ ଯାଏ ଉପଲବ୍ଧ ହେବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ବଲପୁରରେ ମହିନ୍ଦ୍ରା ଶୋ'ରୁମ୍

ସମ୍ବଲପୁର,୧୬।୨(ବ୍ୟୁରୋ)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଶୋ'ରୁମ୍ ଜିଏନ୍ ଅଟୋନେଶନ ସମ୍ବଲପୁର ରେମେଡଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଏନ୍ ଅଟୋନେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହର୍ଷଦୀପ କାରଲା, ମୁଖ୍ୟ ନିର୍ଦ୍ଦେଶକ ରଣଧୀର ସିଂ ବେଦୀ, ଡିଲର ମହାପ୍ରବନ୍ଧକ (ବିକ୍ରୟ) ଅଭିଳାଷ ପଣ୍ଡା, ଜିଏମ୍ (ସର୍ଭିସ) ନୃସିଂହ ପ୍ରସାଦ ପାଢୀ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର (ଆର୍‌ସିସିଏମ୍) ପ୍ରହଲ୍ଲାଦ କୁଲକର୍ଣ୍ଣି, ସିସିଏମ୍ ଅଭିଷେକ ଘୋଷ, ସିସିଏମ୍ ଅଭୟଖାନ କୁଲକର, ଏଏସ୍‌ଏମ୍ କୋଶଲ କିଶୋର,ଏଏସ୍‌ଏମ୍ ମନୋଜ ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ନିର୍ଦ୍ଦେଶକ ରଣଧୀରଙ୍କ ମାତା ରବୀନ୍ଦ୍ର କୌର ଉଦ୍‌ଘାଟନ କରିଥିଲେ। ଜିଏନ୍



ସମ୍ବଲପୁରରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଶୋ'ରୁମ୍ ଉଦ୍‌ଘାଟନ କରାଯାଉଛି ।

ଅଟୋନେଶନ ପକ୍ଷରୁ ବିକ୍ରି ସହିତ ସର୍ଭିସ ମଧ ଯୋଗାଇ ଦିଆଯିବ। ସମ୍ବଲପୁର, ଦେବଗଡ, ଝାରସୁଗୁଡା ଜିଲାରେ ବ୍ୟବସାୟ କରିବା ସହ ଗ୍ରାହକମାନଙ୍କୁ ସେବା ଯୋଗାଇ ଦିଆଯିବ। ପଶ୍ଚିମ ଓଡ଼ିଶାର ସର୍ବବୃହତ୍ ଶୋ'ରୁମ୍ ଭାବେ ୬୫ ହଜାର ବର୍ଗମିଟରରେ ଏହା ନିର୍ମାଣ କରାଯାଇଛି। ଏଥିରେ ସେଲ୍‌ସ, ସର୍ଭିସ, ସ୍ପେୟାର ପାର୍ଟସ୍ (୩ସି)ର ସୁବିଧା କରାଯାଇଛି। ୧୬ଟି ଟେକ୍ନିକାଲ ବେ, ୮ ଏକ୍ସହେଷ୍ଟାଲ ବେ ଏବଂ ଗ୍ରାହକମାନଙ୍କ ପାଇଁ ଅନ୍ୟ ସମସ୍ତ ସୁବିଧା ରହିଛି।

## ବିଜ୍ଞାପନ ଏଜେନ୍ସି କ୍ୟାନନ୍ ଫାୟାର କ୍ରିଏଟିଭ୍‌ସ ଶୁଭାରମ୍ଭ

ଭୁବନେଶ୍ୱର,୧୬।୨: ନୂଆ ବିଜ୍ଞାପନ ଏଜେନ୍ସି କ୍ୟାନନ ଫାୟାର କ୍ରିଏଟିଭସ ପ୍ରାଇଭେଟ ଲିମିଟେଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କ ଆବଶ୍ୟକତା ଏବଂ ଚାହିଦାକୁ ଧ୍ୟାନରେ ରଖି ଗୁଣବତ୍ତା ସେବା ଯୋଗାଣ ଲକ୍ଷ୍ୟରେ ଏହି ଏଜେନ୍ସି ସ୍ଥାପନ କରାଯାଇଛି। ସୃଜନଶୀଳ ଚିନ୍ତାସମ୍ପନ୍ନ ଯୁବ ଗୋଷ୍ଠୀଙ୍କୁ ନେଇ ୧୫୦ ଶହୀଦ ନଗରରେ ଏହାର କାର୍ଯ୍ୟାଳୟ ଆରମ୍ଭ କରାଯାଇଛି। ସେହିଭଳି ନୂଆଦିଲ୍ଲୀ,କଲିକତା ଏବଂ ମୁମ୍ବାଇରେ ବ୍ୟବସାୟିକ କାର୍ଯ୍ୟାଳୟ ମଧ କମ୍ପାନୀ ଖୋଲିଛି। କ୍ଲାଏଣ୍ଟଙ୍କ ମାର୍କେଟିଂ ଆବଶ୍ୟକତା, ପ୍ରଚାର ପ୍ରସାର ଚାହିଦାକୁ ଧ୍ୟାନରେ ରଖାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ମାର୍ଚ୍ଚ ୪ରେ ସୁଧହାର ଘୋଷଣା କରିପାରେ ଇପିଏଫ୍‌ଓ

ନୂଆଦିଲ୍ଲୀ,୧୬।୨

କର୍ମଚାରି ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ମାର୍ଚ୍ଚ ୪ରେ ଏହାର ସୁଧହାର ସମ୍ପର୍କରେ ଘୋଷଣା କରିପାରେ। ଇପିଏଫ୍‌ଓର କେନ୍ଦ୍ରୀୟ ବୋର୍ଡ ଟ୍ରଷ୍ଟି ବୈଠକ ଏହି ଦିନ ଶ୍ରୀନଗରରେ ଅନୁଷ୍ଠିତ ହେଉଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଇପିଏଫ୍‌ଓ ଏହାର ସୁଧହାରରେ ହ୍ରାସ କରିପାରେ ବୋଲି କୁହାଯାଉଛି। ୨୦୧୯-୨୦ରେ ଏହା ୮.୫% ହାରରେ ସୁଧ ପ୍ରଦାନ କରିଥିଲା। ସେହିଭଳି ୨୦୧୮-୧୯ରେ ସୁଧହାର ୮.୬୫% ରହିଥିଲା। କୋଭିଡ-୧୯କୁ ଧ୍ୟାନରେ ରଖି ଚଳିତ ବର୍ଷ ସୁଧହାର ହ୍ରାସ ହୋଇପାରେ ବୋଲି ଚର୍ଚ୍ଚା ଯୋର ଧରିଛି।


### ରାଜ୍ୟ ଖବର

## ବିଦ୍ୟୁତ୍ ଫାଶ ନେଲା ଯୁବକଙ୍କ ଜୀବନ

ବନ୍ତଲା,୧୬।୨(ଡି.ଏନ୍.ଏ.): ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ବନ୍ତଲା ଥାନା ତଳଗଡ଼ ପଞ୍ଚାୟତ କନ୍ତମେଘ ଗ୍ରାମରେ ମଙ୍ଗଳବାର ସକାଳେ ଘଟିଛି ଏହି ଦୁର୍ଘଟଣା। ପୋଲିସ ଘଟଣାସ୍ଥଳରୁ ଜିଆଇ ତାର ଜବତ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଗ୍ରାମର ଜଣେ ବ୍ୟକ୍ତି ଏଗାର କେଭି ଲାଇନ୍‌ରେ ହୁକ ପକାଇ ନିଜ ବଗିଚାରେ ଜିଆଇ ତାର ବିଛାଇଥିଲେ। ତେବେ କୌଣସି କାରଣରୁ ମୋହନ ରାଜପୁତ ନାମକ ଯୁବକ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ୫୦ ମିଟର ଦୂରରେ ଥିବା ଏକ ବୁଦା ମୂଳରେ ଲୁଚାଇ ଥିଲେ। ମୋହନ ଘରକୁ ନ ଫେରିବାରୁ ସ୍ତ୍ରୀ ସନ୍ଧ୍ୟା ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଗ୍ରାମବାସୀ ମୋହନଙ୍କ ମୃତଦେହ ଠାବ କରିଥିଲେ। ମୃତକଙ୍କ ଦାଦା ଶ୍ୱଶୁର ବିଶ୍ୱମ୍ଭର ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୩/୨୧ରେ ଏକ ମାମଲା ରୁଜୁ କରିଛି।

# କୋଭିଡ୍ ଟିକା ନେଲେଣି ୪,୧୭,୮୮୧

ଭୁବନେଶ୍ୱର, ୧୬।୨(ବ୍ୟୁରୋ)



ରାଜ୍ୟରେ କୋଭିଡ୍ ଟିକାକରଣ ଜାରି ରହିଛି। ଏ ପର୍ଯ୍ୟନ୍ତ ଓଡ଼ିଶାରୁ ୪,୧୭,୮୮୧ଜଣ ଟିକା ନେଇ ସାରିଲେଣି। ଏମାନଙ୍କ ମଧ୍ୟରେ ୨,୮୮,୨୨୬ଜଣ ସ୍ୱାସ୍ଥ୍ୟକର୍ମୀ ଥିବା ବେଳେ ୧୨,୯,୬୫୫ଜଣ ସମ୍ମୁଖ ଯୋଦ୍ଧା ରହିଛନ୍ତି। କିନ୍ତୁ ୩୩,୮,୭୦୦ ସ୍ୱାସ୍ଥ୍ୟକର୍ମୀ ଓ ୨୦,୪,୪୬୯ଜଣ ସମ୍ମୁଖ ଯୋଦ୍ଧା ଟିକା ନେବା ପାଇଁ ପଞ୍ଜୀକୃତ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଯାଜପୁର ଜିଲାରେ ସର୍ବାଧିକ ୯୪.% ଟିକାହାର ରହିଥିବା ବେଳେ କଟକରେ ସର୍ବନିମ୍ନ ୭୦.୫% ଟିକାହାର ରହିଛି। ସେହିପରି ସମ୍ମୁଖ ଯୋଦ୍ଧାଙ୍କ ମଧ୍ୟରେ ଝାରସୁଗୁଡ଼ାରେ ସର୍ବାଧିକ ଟିକାହାର ୮୯.୭% ଥିବା ବେଳେ କଳାହାଣ୍ଡିରେ ସର୍ବନିମ୍ନ ୨୩% ରହିଛି। ଭୁବନେଶ୍ୱରରେ ୯୦.୧% ସ୍ୱାସ୍ଥ୍ୟକର୍ମୀ ଏବଂ ୧୨,୪୨୭ଜଣ ସମ୍ମୁଖ ଯୋଦ୍ଧା ଟିକା ନେଇ ସାରିଛନ୍ତି। ଜାନୁୟାରୀ ୧୬ରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯାଇଥିଲା। ପଞ୍ଜୀକୃତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ପ୍ରଥମ ଡୋଜ୍ ଟିକା ଏ ପର୍ଯ୍ୟନ୍ତ ନେଇ ନ ଥିବା ବେଳେ ସୋମବାରଠାରୁ ଦ୍ୱିତୀୟ ଡୋଜ୍ ଟିକାକରଣ ଆରମ୍ଭ ହୋଇଯାଇଛି। ଦ୍ୱିତୀୟ ଡୋଜ୍ ପାଇଁ ୧୦,୫୯୦ଜଣ ହିତାଧିକାରୀ ଥିବାବେଳେ ଦୁଇଦିନରେ ୩.୧% ଜଣ ଟିକା ନେଇଛନ୍ତି।

ଅପରପକ୍ଷରେ ମଙ୍ଗଳବାର ରାଜ୍ୟରେ ଟିକା ହାର କମ୍ ରହିଥିଲା। ମଙ୍ଗଳବାର ୩,୨୯୯ଜଣଙ୍କୁ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୧,୬୮୧ଜଣ ଟିକା ନେଇଛନ୍ତି। ଟିକାହାର ୫୧% ରହିଛି। ଏମାନଙ୍କ ମଧ୍ୟରେ ୬୭୪ଜଣ ସ୍ୱାସ୍ଥ୍ୟକର୍ମୀ ଓ ୧,୦୦୭ ଜଣ ସମ୍ମୁଖ ଯୋଦ୍ଧା ରହିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କୁ ୧୩ଟି ସେସନରେ ଟିକା ଦିଆଯାଇଥିଲା। ତେବେ ଏହି ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୧୧୮ଜଣ ପ୍ରଥମ ଡୋଜ୍ ନେଇଥିବା ବେଳେ ୫୫୬ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ପ୍ରଥମ ଡୋଜ୍ ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ଅଧିକ ରହିଥିଲା। ୬୧ଜଣଙ୍କୁ ଟିକା ଦିଆଯିବାର ଥିବାବେଳେ ୧୧୮ଜଣ ନେଇଥିଲେ। କିନ୍ତୁ ଦ୍ୱିତୀୟ ଡୋଜ୍ ଟିକା ହାର ୪୧.୩% ରହିଥିଲା। ୧,୩୪୬ଜଣଙ୍କୁ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୫୫୬ଜଣ ନେଇଥିଲେ। ସେହିପରି ୧୪ଟି ସେସନରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯାଇଥିଲା। ୧,୮୯୨ଜଣଙ୍କୁ ଟିକା ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୫୩.୨% ନେଇଛନ୍ତି। ମଙ୍ଗଳବାର ଟିକା ଗ୍ରହଣ କରିଥିବା ୧,୬୮୧ଜଣଙ୍କ ମଧ୍ୟରୁ ୬୬୭ଜଣଙ୍କୁ 'କୋଭିଶିଲ୍ଡ' ଓ ୧,୦୧୪ଜଣଙ୍କୁ 'କୋଭାକ୍ସିନ' ଟିକା ଦିଆଯାଇଛି।

## ଅର୍ବାନ ବ୍ୟାଙ୍କ ଜମାକାରୀ ଫେରିପାଇବେ ଟଙ୍କା

ବାରିପଦା ଅଫିସ, ୧୬।୨: ବାରିପଦା ଅର୍ବାନ ବ୍ୟାଙ୍କର ଜମାକାରୀ ସେମାନଙ୍କ ଟଙ୍କା ଫେରିପାଇବେ। ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି (ଆରସିଏସ୍)ଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୨୧ ତା୧୫।୨।୨୧ରେ ବାରିପଦା ଡ଼ିଭିଜନ ଡ଼େପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟ୍ (ଡିଆର୍‌ସିଏସ୍)ଙ୍କୁ ଟଙ୍କା ଫେରସ୍ତ ପାଇଁ ଦେଇଥିବା ଆଦେଶରୁ ଏହା ଜଣାପଡ଼ିଛି। ଆଡଭୋକେଟ ଜେନେରାଲ ଓଡ଼ିଶା, କଟକଙ୍କ କାର୍ଯ୍ୟାଳୟର ଅତିରିକ୍ତ ସରକାରୀ ଓକିଲଙ୍କ ପତ୍ରସଂଖ୍ୟା ୪୬୮୯ ତା୧।୨।୨୦୨୧ ଓ ରାଜ୍ୟ ସରକାରଙ୍କ ସହଯୋଗ (କୋ-ଅପରେସନ) ବିଭାଗ ମେମୋ ନଂ.୧୪୦୦ ତା୧୫।୨।୨୦୨୧ରିଖକୁ ଭିତ୍ତି କରି ଆରସିଏସ୍ ବାରିପଦା ଡ଼ିଆରସିଏସଙ୍କୁ ଏହି ଆଦେଶ ଦେଇଛନ୍ତି। ଆଦେଶ କାର୍ଯ୍ୟକାରୀ ହେଲେ ବ୍ୟାଙ୍କରେ ରଖିଥିବା ୭୨କୋଟି ଟଙ୍କା ଜମାକାରୀମାନେ ଫେରିପାଇବେ। ୨୦୧୨ରୁ ବାରିପଦା ଆର୍ବାନ ବ୍ୟାଙ୍କର ୩୬୯୮୪ ଜମାକାରୀ ସେମାନଙ୍କ ଟଙ୍କା ଉଠାଇ ନ ପାରି ହୀନସ୍ତା ହେଉଛନ୍ତି। ଟଙ୍କା ଫେରସ୍ତ ନିମନ୍ତେ ପୂର୍ବତନ ପରିଚାଳନା ପରିଷଦର ପ୍ରଚେଷ୍ଟା କ୍ରମେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ମିସ୍ କେଶ ନଂ. ଆଇଏ ୬୯୫/୨୦୨୦ର ବିଚାର କରି ବିଚାରପତି ପ୍ରମଥ ପଟ୍ଟନାୟକ ଜମାକାରୀମାନଙ୍କୁ ସମସ୍ତ ଟଙ୍କା ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ଅସୁସ୍ଥ ହାତୀ ଶାବକର ମୃତ୍ୟୁ



ମୃତ ହାତୀ ଶାବକ।

ବାରିପଦା ଅଫିସ/ ରାଇରଙ୍ଗପୁର, ୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ରେଞ୍ଜ ସରଗଡ଼ା ଫରେଷ୍ଟ ବିଟ୍ ଅଧୀନ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ହାତୀ ଶାବକର ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ବିଭାଗ ପକ୍ଷରୁ ଶାବକର ବ୍ୟବଚ୍ଛେଦ କରାଯାଇ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୮ତାରିଖରେ ଟୁଙ୍ଗୁରୁ ଜଙ୍ଗଲରେ ଥିବା ହାତୀପଲରେ ଶାବକଟି ଜନ୍ମ ଗ୍ରହଣ କରିଥିଲା। ଅସୁସ୍ଥତା କାରଣରୁ ଶାବକଟି ଚାଲି ନ ପାରିବାରୁ ମାଆ ହାତୀ ତାକୁ ଛାଡ଼ି ପଳାଇଯାଇଥିଲା। ଅଞ୍ଚଳବାସୀଙ୍କଠାରୁ ଖବରପାଇ ବନବିଭାଗର କର୍ମଚାରୀମାନେ ଶାବକଟିକୁ ଉଦ୍ଧାର କରି ବିଶୋଇ ରେଞ୍ଜ କାର୍ଯ୍ୟାଳୟକୁ ଆଣି ଚିକିତ୍ସା ଚଳାଇଥିଲେ। ତେବେ ହଜମକ୍ରିୟା ଠିକ ଭାବେ ହେଉ ନ ଥିବାରୁ ଶାବକର ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସକ ପ୍ରକାଶ କରିଛନ୍ତି।


## ପୋଲିସ ଇନ୍‌ଫର୍ମରଙ୍କୁ ଆତ୍ମସମର୍ପଣ ଚେତାବନୀ

### ଝିରିପାଣିରେ ମାଓବାଦୀ ପୋଷ୍ଟର

ବାଲିଗୁଡା,୧୬।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଝିରିପାଣି ଗ୍ରାମରେ ମଙ୍ଗଳବାର ବିଜିଏନ୍ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ହାତଲେଖା ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ପୋଲିସ ବିଗତ ଦିନରେ କରିଥିବା ଏନ୍‌କାଉଣ୍ଟରରେ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶଙ୍କର ପାତ୍ର ଓ ହେମନ୍ତ ପାତ୍ର ପୋଲିସକୁ ସୂଚନା ଦେଇଥିବାରୁ ତାଙ୍କୁ ହତ୍ୟା କରାଗଲା ବୋଲି ପୋଷ୍ଟରରେ ଲେଖାଯାଇଛି। ଏଥିସହ ଅନ୍ୟ କେତେଜଣ ଇନ୍‌ଫର୍ମରଙ୍କ ନାଁ ଲେଖାଯାଇ ଆତ୍ମସମର୍ପଣ ପାଇଁ ଚେତାବନୀ ଦିଆଯାଇଛି। ଗଣ୍ଡ ସମ୍ପ୍ରଦାୟର ଯୁବକମାନଙ୍କୁ ମାଓବାଦୀ ବିରୋଧୀ କାର୍ଯ୍ୟକଳାପରୁ ଦୂରେଇ ରଖିବାକୁ ସମ୍ପୃକ୍ତ ସମାଜକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ହେମନ୍ତ ଏବଂ ଶଙ୍କରଙ୍କ ଭଳି ଦଶା ଭୋଗିବାକୁ ପଡିବ ବୋଲି ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ସଶସ୍ତ୍ର ମାଓବାଦୀମାନେ ଭଣ୍ଡରଙ୍ଗୀ ପଞ୍ଚାୟତ ସରପଞ୍ଚଙ୍କ ପୁଅ ଶଙ୍କରଙ୍କ ସମେତ ହେମନ୍ତଙ୍କୁ ଘରୁ ଟେକିନେଇ ହତ୍ୟା କରିଥିଲେ। ପୁଣି ଗାଁରେ ମାଓବାଦୀଙ୍କ ପୋଷ୍ଟର ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି।



ଗଛରେ ମରାଯାଇଥିବା ମାଓବାଦୀ ପୋଷ୍ଟର।

## ଚିକିତ୍ସାଧୀନ ଅବସ୍ଥାରେ କୁମାରୀ ମା'ର ମୃତ୍ୟୁ

### ନବଜାତ ଶିଶୁକନ୍ୟା ଏସ୍‌ଏନ୍‌ସିୟୁରେ ଭର୍ତ୍ତି

ବ୍ରହ୍ମପୁର ଅଫିସ,୧୬।୨: ଗଜପତି ଜିଲା ଆର୍.ଉଦୟଗିରିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ମ ଶ୍ରେଣୀ ଛାତ୍ରୀ(୧୪) ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ପ୍ରଶାସନ ଉଦ୍ଧାର କରି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଗତ ୧୪ ତାରିଖରେ ସେ ଏକ ଶିଶୁକନ୍ୟା ଜନ୍ମ ଦେବାପରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ ଡାକ୍ତରଖାନା ଫାଣ୍ଡି ପୋଲିସ ନଂ.୭୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ରହ୍ମପୁର ଚାଇଲ୍ଡ ଲାଇନ୍ ସଂଯୋଜକ ସାଇ ପ୍ରସାଦ ସାମଲ, ଗଜପତି ଶିଶୁ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଶିଶୁ ମଙ୍ଗଳ ସମିତି ସଦସ୍ୟା ଅଳକା ସାହୁ ମେଡିକାଲରେ ପହଞ୍ଚି ଶିଶୁକନ୍ୟାର ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ଶିଶୁଟିକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ନାବାଳିକା ଆର୍.ଉଦୟଗିରି ଅଞ୍ଚଳର ଏକ ହଷ୍ଟେଲରେ ରହି ପଢୁଥିଲେ। ଗର୍ଭବତୀ ହେବା ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗତ ୧୨ତାରିଖରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଜଳପ୍ରପାତରେ ଯୁବକଙ୍କ ଜୀବନ ଗଲା

### ଖୁସି ମନାଇବା କାଳ ହେଲା

କାଲିମେଳା,୧୬।୨(ଡି.ଏନ୍.ଏ.)


ସାଙ୍ଗସାଥୀଙ୍କ ସହ ଯାଇଥିଲେ ପିକ୍‌ନିକ୍ କରିବାକୁ। ମାତ୍ର ଏହି ପିକ୍‌ନିକ୍ ଯେପରି ସାଙ୍ଗମାନଙ୍କ ସହ ତାଙ୍କ ପାଇଁ ମୃତ୍ୟୁକୁ ଡାକି ଆଣିଥିଲା। ଜଳପ୍ରପାତ ନିକଟରେ ପିକ୍‌ନିକ୍ କରି ମଜା ନେଉଥିବା ବେଳେ ଜଳପ୍ରପାତକୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ମାଲକାନଗିରି ଜିଲା କାଲିମେଳା ବ୍ଲକରେ। ଘଟିଛି। ମୃତକ ହେଲେ ଗମ୍ପାକୋଣ୍ଡା ପଞ୍ଚାୟତର ଏମ୍‌ପିଭି-୨୬ ଗ୍ରାମର ଛୋଟକକା ମଣ୍ଡଳଙ୍କ ପୁଅ ବିଜୁ ମଣ୍ଡଳ(୨୬)। ଖବରରୁ ଜଣାପଡ଼ିଛି ଏହି ବ୍ଲକ ଅନ୍ତର୍ଗତ ବେଜାଙ୍ଗିବାଡ଼ା ପଞ୍ଚାୟତର ପରଲୁଗୁଡ଼ା ଗ୍ରାମ ନିକଟରେ ଥିବା ଡକରାଇଯୋଡ଼ି ଜଳପ୍ରପାତକୁ ବିଜୁ ସୋମବାର ସାଙ୍ଗମାନଙ୍କ ସହ ପିକ୍‌ନିକ୍ କରିବାକୁ ଯାଇଥିଲେ। ଜଳପ୍ରପାତରେ ପାହାଡ଼ ଉପରୁ ପାଣି ସ୍ରୋତରେ ତଳକୁ ଖସି ଖୁସି ମନାଉଥିଲେ। ବିଜୁ ପାଣିରୁ ଖସୁଥିବା ସମୟର ଭିଡିଓ ସାଙ୍ଗମାନେ ଉତ୍ତୋଳନ କରୁଥିଲେ। ଏହି ସମୟରେ ବିଜୁଙ୍କ ମୁଣ୍ଡର ପଛପଟ ଏକ ପଥରରେ ମାଡ଼ ହୋଇଯାଇଥିଲା। ପ୍ରଥମେ ସାଙ୍ଗମାନେ କିଛି ଜାଣିପାରି ନ ଥିବା ବେଳେ ପରେ ଜାଣିପାରି ଦେଢ଼ଘଣ୍ଟା ଧରି ବିଜୁଙ୍କୁ ଖୋଜାଖୋଜି କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ପାଣିରୁ ଉଦ୍ଧାର କରିଥିଲେ। ପରେ ସେମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ପ୍ରଥମେ ଏମ୍‌ପିଭି-୨୧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ବିଜୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ମାଥିଲି ନିକଟରେ ବିଜୁଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନାଯୋଗ୍ୟ, ଡକରାଇଯୋଡ଼ି ଜଳପ୍ରପାତ କାଲିମେଳା ବ୍ଲକ୍‌ର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ପିକ୍‌ନିକ୍ କରିବାକୁ ଆସନ୍ତି। ମାତ୍ର ଏଠାରେ ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ହୋଇନାହିଁ। ଜଳପ୍ରପାତ ସମ୍ପର୍କରେ ପର୍ଯ୍ୟଟକମାନଙ୍କୁ ସୂଚନା ଦେବା ଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆଗକୁ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ବଲିଉଡ ବିୟୁଟି ଦିୟା ମିର୍ଜାଙ୍କ ବିବାହରେ ବର ବୈଭବ ରେଖିଙ୍କ ଜୋତା ଚୋରି କରିଛନ୍ତି ଅଭିନେତ୍ରୀ ଅଦିତି ରାଓ ହାଇଦରି । ଅଦିତି ତାଙ୍କ ଇନଷ୍ଟାଗ୍ରାମରେ ଏ ନେଇ ଫଟୋ ପୋଷ୍ଟ କରିଛନ୍ତି। କ୍ୟାପଶନରେ ଲେଖିଛନ୍ତି 'ହମେଶା ଆପ୍‌କେ ପିଛେ ଖଡି ହୁଁ ଫାଦର' । ଅଦିତିଙ୍କ ଏହି ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଛି । ସାଦାସିଧା ଲୁକରେ ଦିୟା-ବୈଭବଙ୍କ ବିବାହରେ ପହଞ୍ଚିଥିବା ଅଦିତି କିନ୍ତୁ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାଯୋଗ୍ୟ, ଏହା ଦିୟା-ବୈଭବଙ୍କ ଦ୍ୱିତୀୟ ବିବାହ ।

# କଦଳୀପାଟୁଙ୍ଗାରୁ କୋଟିପତି





**ଯଦି ପଚରାଯାଏ କଦଳୀ ପାଟୁଙ୍ଗାର ଉପକାରିତା କ'ଣ? ଗୋଟିଏ ସ୍ୱରରେ ଉତ୍ତର ଆସିବ ଫୁଲ ଗୁନ୍ଥିବା। ଆଉ ଟିକେ ଜୋର୍ ଦେଇ ପଚାରିଲେ ଅନେକେ କହିବେ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ କଥା। ଓଡ଼ିଶାରେ ଏହାର ବ୍ୟବହାର ସମ୍ଭବତଃ ଏତିକିରେ ସୀମିତ। ହେଲେ ତାମିଲନାଡୁ ରାଜ୍ୟ ମଦୁରାଇର ମୁରୁଗେସନଙ୍କୁ କୋଟିପତି କରିଦେଇଛି କଦଳୀ ପାଟୁଙ୍ଗା। ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ସେ ଏଥିରୁ ପ୍ରସ୍ତୁତ କରୁଛନ୍ତି ମାଛ ଧରିବା ଜାଲ, ରଶି, ଆସନ, ସାନିଟାରି ନାପ୍‌କିନ, କପଡ଼ା, ଚାଦର, ଶାଢ଼ି ସମେତ ବିଭିନ୍ନ ପ୍ରକାର ସୌଖୀନ ଉପକରଣ।**

**ମଦୁରାଇ:** ତାମିଲନାଡୁର ମଦୁରାଇରେ ରହୁଥିବା ମୁରୁଗେସନଙ୍କ ଶୈଶବ ଥିଲା ଯନ୍ତ୍ରଣାମୟ। ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ପରିବାର ପାଇଁ ଅଷ୍ଟମ ଶ୍ରେଣୀରେ ପାଠପଢ଼ାରେ ଡୋରି ବାନ୍ଧିଥିଲେ ସେ। ଏହାପରେ ବାପାଙ୍କ ସହ ଚାଷବାସରେ ସହାୟତା କଲେ, ହେଲେ ସେଥିରେ ବି ମିଳିଲାନି ବିଶେଷ ସଫଳତା। ବଞ୍ଚିବା ଲାଗି ସଂଘର୍ଷ କରୁଥିବାବେଳେ ତାଙ୍କୁ ମିଳିଥିଲା ରାହା। ଗ୍ରାମର ଜଣେ ବ୍ୟକ୍ତି କଦଳୀ ପାଟୁଙ୍ଗାରୁ ସୂତା ପ୍ରସ୍ତୁତ କରି ଏହାକୁ ଫୁଲମାଳ ତିଆରିରେ ବ୍ୟବହାର କରୁଥିଲେ। ଏଥିରୁ ପ୍ରେରିତ ହୋଇ ସେ ଭାବିଥିଲେ ଏଭଳି ଏକ ଉଦ୍ୟୋଗ ବିଷୟରେ। ଏହାପରେ ସେ ଆଉ ପଛକୁ ଚାହିଁନାହାନ୍ତି।

୫୭ ବର୍ଷୀୟ ମୁରୁଗେସନଙ୍କ କହିବା କଥା, ସାଧାରଣତଃ କଦଳୀ ପାଟୁଙ୍ଗାକୁ ଲୋକେ ଫିଙ୍ଗି ଦିଅନ୍ତି କିମ୍ବା ଜାଳେଣି ଭାବେ ବ୍ୟବହାର କରନ୍ତି। ଏଥିରୁ ମିଳୁଥିବା ବ୍ୟବସାୟିକ ଲାଭକୁ ବହୁତ କମ୍ ବ୍ୟକ୍ତି ଜାଣନ୍ତି। ୨୦୦୮ରେ ବାପାଙ୍କଠାରୁ ପରାମର୍ଶ ଲୋଡ଼ି କଦଳୀ ପାଟୁଙ୍ଗାରୁ ରଶି ତିଆରି କରିବା ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାମ ଅଧିକ ଚ୍ୟାଲେଞ୍ଜିଂ ଥିଲା। ସବୁ କାମ ହାତରେ କରିବାକୁ ପଡୁଥିଲା। ଏଥିରେ ଅଧିକ ସମୟ ଲାଗୁଥିଲା। ଅନେକ ସମୟରେ ଠିକ୍ ଭାବେ ରଶି ତିଆରି ହେଉ ନ ଥିଲା। ଏହାପରେ ଜଣେ ବନ୍ଧୁ ନଡ଼ିଆ କତା ପ୍ରୋସେସିଂ ୟୁନିଟ୍ ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ପ୍ରତିଯୋଗିତାମୂଳକ ସମୟରେ ତାହା ମଧ୍ୟ ଫେଲ୍ ମାରିଥିଲା। ଦିନେ ସାଇକେଲର ପୁରୁଣା ରିମ୍ ଏବଂ ପୁଲିକୁ ବ୍ୟବହାର କରି ଏକ 'ସ୍ପିନିଂ ଡିଭାଇସ୍' ନିର୍ମାଣ କରିବାରେ ସଫଳ ହେଲେ, ଯାହା ତାଙ୍କୁ ନେଇଯାଇଥିଲା ସଫଳତା ଆଡ଼କୁ। ଏବେ ବାର୍ଷିକ ୫୦୦ ଟନ୍ ଯାଏ କଦଳୀ ପାଟୁଙ୍ଗା ପ୍ରୋସେସିଂ କରୁଛନ୍ତି। ଏଥିରୁ ବାର୍ଷିକ ୧ କୋଟି ଟଙ୍କା ଯାଏ ବ୍ୟବସାୟ ହେଉଛି।

କଦଳୀ ପାଟୁଙ୍ଗାକୁ ପ୍ରୋସେସିଂ କରିବା ଲାଗି ମୁରୁଗେସେନ ନିର୍ମାଣ କରିଥିବା ମେଶିନକୁ ବିକଶିତ କରିବାରେ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇଛି। ସେ ଏହାର ପେଟେଣ୍ଟ ମଧ୍ୟ ହାସଲ କରିସାରିଛନ୍ତି। କଦଳୀ ଗଛ ଥରେ ଫଳ ଦିଏ। ଏହାପରେ ଏହାକୁ କାଟି ଦିଆଯାଏ। ଅନ୍ୟମାନଙ୍କ ପାଇଁ ଅବ୍ୟବହୃତ କଦଳୀ ପାଟୁଙ୍ଗା ମୁରୁଗେସନଙ୍କ ପାଇଁ ପାଲଟିଛି ଆର୍ଥିକ ଉପାର୍ଜନର ମାଧ୍ୟମ। ଏହାକୁ ସଂଗ୍ରହ କରି ୪-୫ ଦିନ ଶୁଖାଯାଇଥାଏ। ପରେ ଏଥିରୁ ରଶି ପ୍ରସ୍ତୁତ କରାଯାଏ। ମୁରୁଗେସନ କଦଳୀ ପାଟୁଙ୍ଗାରୁ ୧୫,୦୦୦ ମିଟର ଲମ୍ବା ରଶି ପ୍ରସ୍ତୁତ କରିଥିଲେ, ଯାହା ଏକ ରେକର୍ଡ।

## ପ୍ରେରଣାର ଉତ୍ସ ମଦୁରାଇର ମୁରୁଗେସନ

ମୁରୁଗେସନଙ୍କ ଉଦ୍ୟୋଗରେ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଛନ୍ତି। କମ୍ପାନୀରେ ବିଭିନ୍ନ ଉପକରଣ ପ୍ରସ୍ତୁତ ପରେ ଏହାକୁ ବଜାରରେ ବିକ୍ରି କରାଯାଇଥାଏ। ଏବେ ଆଞ୍ଚଳିକ ବଜାର ଡେଇଁ ଏହି ଉପକରଣ ପହଞ୍ଚିଛି ଅନ୍ତର୍ଜାତୀୟ ବଜାରରେ। ବାହାର ଦେଶରୁ ମଧ୍ୟ ଅର୍ଡର ମିଳୁଛି। ଗୋଟିଏ ପାଦ ଆଗକୁ ବଢ଼ି ମୁରୁଗେସନ ରଶି ତିଆରି ମେଶିନ ମଧ୍ୟ ବିକ୍ରି କରିବା ଆରମ୍ଭ କରିଛନ୍ତି। ମଣିପୁର, ବିହାର, ଆନ୍ଧ୍ରପ୍ରଦେଶ, କେରଳ ଏବଂ ତାମିଲନାଡୁର ୪୦ ଜଣଙ୍କୁ ପେଟେଣ୍ଟ ହାତେଇଥିବା ମେଶିନ ବିକ୍ରି କରିସାରିଲେଣି। ତାଙ୍କର ଏହି ଉଦ୍ୟୋଗରେ ନାବାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ତାଙ୍କଠାରୁ ନାବାର୍ଡ ୫୦ଟି ମେଶିନ କିଣିବ ବୋଲି କଥାବାର୍ତ୍ତା ସରିଛି।

## କର୍ମନିୟୋଜନର ନୂଆ ଆଶା

କଦଳୀ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ ପ୍ରଥମ। ଦେଶରୁ ପ୍ରତିବର୍ଷ ହାରାହାରି ୨୪ ମିଲିୟନ ଟନ୍ କଦଳୀ ଉତ୍ପାଦନ ହୋଇଥାଏ। ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ବିହାର କଦଳୀ ଚାଷରେ ଅଗ୍ରଣୀ। ବାର୍ଷିକ ହାରାହାରି ୨ ମିଲିୟନ ଟନ୍‌ରୁ ଊର୍ଦ୍ଧ୍ୱ ଶୁଖିଲା କଦଳୀ ପାଟୁଙ୍ଗା ବାହାରିଥାଏ। ଭାରତ ସମେତ ଅନ୍ୟ ଦେଶରେ ଏହାର ବ୍ୟବସାୟିକ ବ୍ୟବହାର ଆରମ୍ଭ ହୋଇଛି। ଫାଇଭର ଟେକ୍ସଟାଇଲ ଉଦ୍ୟୋଗରେ ଏହାର ଆଦର ବଢ଼ିବାରେ ଲାଗିଛି। ଏହାକୁ କର୍ମନିୟୋଜନର ମାଧ୍ୟମ କରି ସ୍ୱାବଲମ୍ବୀ ହେବାକୁ ବିଭିନ୍ନ ସ୍ଥାନରେ ଖୋଲିଲାଣି ପ୍ରଶିକ୍ଷଣ କେନ୍ଦ୍ର। ତିରୁଚିରାପଲ୍ଲୀରେ 'ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଫର୍ ବାନାନା' ଏ ଦିଗରେ ଅଗ୍ରଣୀ ଅନୁଷ୍ଠାନ ପାଲଟିଛି। ଏହାକୁ ବାଦ୍‌ଦେଲେ ବିଭିନ୍ନ ରାଜ୍ୟରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ ମଧ୍ୟ ଏହାର ପ୍ରଶିକ୍ଷଣ ଦିଆଯାଉଛି। କଦଳୀ ପାଟୁଙ୍ଗାରୁ ସାମଗ୍ରୀ ତିଆରି କୌଶଳ ଶିଖିବା ଲାଗି ଦେଶର ବିଭିନ୍ନ ସ୍ଥାନରୁ ବହୁ ଉଦ୍ୟୋଗୀ, ଯୁବତୀଯୁବକ ମୁରୁଗେସନଙ୍କ ପାଖକୁ ଆସୁଛନ୍ତି।



# ଟ୍ରୋଲ ହେଲେ କ୍ୟାଟ୍ରିନା

**ମୁମ୍ବାଇ:** ବଲିଉଡ ହିରୋଇନ୍ କ୍ୟାଟ୍ରିନା କୈଫ ନିଜର ସୁନ୍ଦରତା ତଥା ଫ୍ୟାଶନ ସେନ୍ସକୁ ନେଇ କେତେବେଳେ ନା କେତେବେଳେ ଚର୍ଚ୍ଚାକୁ ଆସିଥାଆନ୍ତି। ସେ ନିଜ ଅନ୍ଦାଜରେ ଦର୍ଶକଙ୍କ ମନ କିଣିବାରେ ମାହିର। ହେଲେ ବେଳେବେଳେ ଏମିତି ହୁଏ ଯେ ଫ୍ୟାଶନ କରୁ କରୁ ସେ ଟ୍ରୋଲର ଶିକାର ହୁଅନ୍ତି। ଏଥର ବି ଠିକ ସେମିତି ହୋଇଛି । ନିକଟରେ ସେ ଇନଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିବା ପରେ ଟ୍ରୋଲ ହୋଇଛନ୍ତି। ଫଟୋରେ କ୍ୟାଟ୍ରିନା ନୀଳ ରଙ୍ଗର ସ୍ୱେଟର ସହ ଜିନ୍ସ ପିନ୍ଧିଥିବା ଦେଖାଯାଇଛି। ଅବଶ୍ୟ ଏଥିରେ ବି ସେ ଖୁବ ସୁନ୍ଦର ଲାଗୁଛନ୍ତି । ହେଲେ କାର୍ଡିଗନ ଷ୍ଟାଇଲ ସ୍ୱେଟରକୁ ସେ ଜିନ୍ସ ସହ ପିନ୍ଧିବା ବେଳେ ସେଫ୍ଟିପିନ ଦ୍ୱାରା ଏହାର ମଝି ଭାଗକୁ ଯୋଡ଼ି ଦେଇଛନ୍ତି। ଯାହା ଟ୍ରୋଲର୍ସଙ୍କ ନଜରକୁ ଆସିଛି। ଏହା ଦେଖିବା ପରେ ଜଣେ ଫ୍ୟାନ କମେଣ୍ଟ କରିଛନ୍ତି ଦେଖନ୍ତୁ ଏହି ନାୟିକା ଏବେ କେତେ ଗରିବ ହୋଇ ଯାଇଛନ୍ତି । ସେଫ୍ଟିପିନ ଲଗାଇ ସ୍ୱେଟର ପିନ୍ଧୁଛନ୍ତି। ଆଉ ଜଣେ ଲେଖିଛନ୍ତି ଏହି ଫଟୋକୁ ଦେଖିଲାପରେ ପିଲାଦିନ କଥା ମନେ ପଡି ଯାଉଛି। ସର୍ଟରୁ ବଟମ ଛିଡି ଗଲେ ମା' ଏମିତି ଆମକୁ ସେଫ୍ଟିପିନ ଲଗାଇ ଦେଉଥିଲେ। ଏହା ଯଦିଓ କ୍ୟାଟ୍ରିନାଙ୍କ ପାଇଁ ଫ୍ୟାଶନ ହୋଇଛି କିନ୍ତୁ ଟ୍ରୋଲର୍ସଙ୍କୁ କିଛି କହିବାର ସୁଯୋଗ ବି ଦେଇଛି ।

# ଗହଣା ବିକି ରାମ ମନ୍ଦିର ପାଇଁ ୭ ଲକ୍ଷ ଦେଲେ

**ନୂଆଦିଲ୍ଲୀ:** ଅଯୋଧ୍ୟାରେ ନିର୍ମାଣ ହେବାକୁ ଯାଉଛି ଭଗବାନ ରାମଙ୍କ ଭବ୍ୟ ମନ୍ଦିର। ଏଥିନେଇ ପ୍ରସ୍ତୁତି ଆଗେଇ ଚାଲିଥିବା ବେଳେ ଶ୍ରଦ୍ଧାଳୁମାନେ ମନ୍ଦିର ପାଇଁ ଅର୍ଥ ଦାନ କରୁଛନ୍ତି। ଏହି କ୍ରମରେ ରାଜସ୍ଥାନର ଯୋଧପୁରରେ ରହୁଥିବା ଜଣେ ବ୍ୟକ୍ତି ସ୍ତ୍ରୀଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ତାଙ୍କର ସୁନା ଗହଣା ବିକ୍ରି କରି ଦେଇଛନ୍ତି। ସେଥିରୁ ମିଳିଥିବା ୭ ଲକ୍ଷ ଟଙ୍କା ସେ ମନ୍ଦିର ନିର୍ମାଣ ପାଇଁ ଦାନ କରିଛନ୍ତି। ଏଭଳି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାମ ମନ୍ଦିର ନିର୍ମାଣ ପାଇଁ ସମର୍ପଣ ନିଧି ଅଭିଯାନ ଜାରି ରହିଛି। ଭକ୍ତମାନେ ସ୍ୱଇଚ୍ଛାରେ ଟଙ୍କା ଦାନ କରୁଛନ୍ତି। ଯୋଧପୁରରେ ରହୁଥିବା ମହିଳା ଆଶା କମ୍ବର ଅଯୋଧ୍ୟାରେ ମନ୍ଦିର ନିର୍ମାଣ ହେବା ଦେଖିବାକୁ ସେ ଚାହୁଁଥିଲେ। ହେଲେ ନିକଟରେ ୫୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା। ରୋଗଗ୍ରସ୍ତ ଥିବା ବେଳେ ସେ ସ୍ୱାମୀ ଓ ପୁଅଙ୍କୁ ନିଜର ଶେଷ ଇଚ୍ଛା ବିଷୟରେ କହିଥିଲେ। ରାମ ମନ୍ଦିର ଲାଗି ସେ କିଛି ଦାନ ଦେବାକୁ ଚାହୁଁଥିବା କହିଥିଲେ। ପରିବାରଲୋକେ ସମର୍ପଣ ନିଧି ରାଶି ଏକତ୍ରିତ କରୁଥିବା ଦଳଙ୍କୁ ଏ ନେଇ ଜଣାଇଥିଲେ। ଆଶାଙ୍କ ମୃତ୍ୟୁ ପରେ ତାଙ୍କର ସୁନା ଗହଣା ବିକ୍ରି କରି ସ୍ୱାମୀ ୭ ଲକ୍ଷ ୮ ହଜାର ଟଙ୍କା ଜମା କରିଥିଲେ। ଏବେ ଏହି ଟଙ୍କା ସେ ସ୍ତ୍ରୀଙ୍କ ଶେଷଇଚ୍ଛା ପୂରଣ କରିବାକୁ ଯାଇ ଦାନ କରିଥିବା ଆଶାଙ୍କ ସ୍ୱାମୀ କହିଛନ୍ତି। ଏପରି କରି ସେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି।

# ଆଫ୍ରିକାରେ ଇବୋଲା ଆତଙ୍କ



**କୋନାକ୍ରି:** କରୋନା ମହାମାରୀ ଭିତରେ ପଶ୍ଚିମ ଆଫ୍ରିକା ଦେଶ ଗିନିରେ ୫ ବର୍ଷ ପରେ ପୁଣିଥରେ ଇବୋଲା ବ୍ୟାପିବା ଆରମ୍ଭ କରିଛି । ଏବେ ପର୍ଯ୍ୟନ୍ତ ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହି ସଂକ୍ରମଣକୁ ଦେଖି ଗିନି ସରକାର ଏହାକୁ ମହାମାରୀ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଗୋଉଇକେରେ ଏକ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପରେ ୭ ଜଣ ଲୋକଙ୍କ ନିକଟରେ ଡାଇରିଆ, ବାନ୍ତି, ରକ୍ତ ପଡିବା ଭଳି ଲକ୍ଷଣ ଦେଖାଯାଇଥିଲା। ଏହାପରେ ସେଠାକାର ଅଞ୍ଚଳରେ ଇବୋଲା ବ୍ୟାପିଥିବା ଜଣା ପଡିଥିଲା । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ମୁତାବକ ଏବେ ସମସ୍ତ ସଂକ୍ରମିତଙ୍କ ଚିକିତ୍ସା ଚାଲିଛି । ଗିନିରେ ୨୦୧୩-୨୦୧୬ ମଧ୍ୟରେ ଇବୋଲା ବ୍ୟାପିଥିଲା। ଏବେ ପର୍ଯ୍ୟନ୍ତ ଏହି ମହାମାରୀରେ ପଶ୍ଚିମ ଆଫ୍ରିକାରେ ୧୧,୩୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି।

## ମଦ ପିଇଲେ ଜେଲ

**କୁଏତ୍ ସିଟି:** କୁଏତରେ ମଦ୍ୟପାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। ପୂରା ଦେଶରେ ଆଲକହଲ ଉପଲବ୍ଧ ନାହିଁ। ଆଲକହଲ ରପ୍ତାନୀ, ଆମଦାନୀ, ରଖିବା ଓ କିଣିବା ଦଣ୍ଡନୀୟ ଅପରାଧ। ଯଦି କୌଣସି ବ୍ୟକ୍ତି ଆଲକହଲ ସେବନ କରି ଧରା ପଡ଼ନ୍ତି, କିମ୍ବା ପାଖରେ ରଖିଥିବା ଜଣାପଡେ, ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବାକୁ ସରକାର ଆଇନ ପ୍ରଣୟନ କରିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା (ପୁଚୁ)
(VIM-519, Sailashree Vihar, Bhubaneswar)
ତୋର ଜନ୍ମଦିନ ଅବସରରେ ମହାପ୍ରଭୁ ଜଗନ୍ନାଥ ଏବଂ ସାଇନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତକୁ ପ୍ରଭୁ ଉଜ୍ଜ୍ୱଳମୟ କରନ୍ତୁ ।
-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ଜେଜେମାଆ, ଦାଦା, ଖୁଡୀ, ସାନଅଜା, ସାନଆଇ, ବଡ଼ଅଜା, ବଡ଼ଆଇ ଓ ମାମୁମାନେ ।
ଧ-୬୯୬୯୦

ମାଛ ବିହନ ବିକ୍ରି ହେବ
ପିଏଲ୍: 10ରୁ 12, ପିପିଟି: 0ରୁ 30
ଦର: 0.25 ପଇସା
ବୋନସ୍: 60%
ଶ୍ରୀ ପୁରୀ ଜଗନ୍ନାଥ ହ୍ୟାଚେରୀ
ସି.ଏ.ଏ. ଅନୁମୋଦିତ
ଟୁନି ଉପକୂଳ, ଶ୍ରୀରାମପୁରମ୍ (ଭି), ୟୁ.କୋଠାପାଲ୍ଲୀ (ଏମ୍), ପୂର୍ବ ଗୋଦାବରୀ ଜିଲ୍ଲା, ପିନ୍‌କୋଡ୍: 533449



ପି. ରାମୁ (ଏମ୍.ଡି.)
ଫୋନ୍: 98481 40024, 99857 99998

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473753634

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା । କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ । କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର ।
Address : ରାମ ମନ୍ଦିର ନିକଟରେ
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଚାକିରୀ ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋପାଳ ଚରଣ ମହାନ୍ତି
ଆବିର୍ଭାବ: ୦୫।୦୬।୧୯୩୮
ତିରୋଧାନ: ୩୧।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୧୯୯୭୧

11th Death Anniversary



Late Nitasha Pattanaik (Lori)
You had left this world for long years ago, but your memories are still fresh in our minds. May you rest peacefully in heaven.
Your's:-
Your's Lovable Family
Malipada
D-19972

ଶ୍ରଦ୍ଧାଞ୍ଜଳି



ପ୍ରାଧ୍ୟାପକ ୰ବୈକୁଣ୍ଠନାଥ ମହାନ୍ତି
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘ ଷଷ୍ଠୀ)
ଆଜି ଆପଣଙ୍କର ୨୩ତମ ପବିତ୍ର ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅମର ଆତ୍ମା ପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ଆପଣଙ୍କ ସ୍ତ୍ରୀ (ସେବତୀ), ଝିଅ: (ମମତା), ଜ୍ୱାଇଁ: (ରକ୍ଷକ), ପୁଅ: (ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍), ବୋହୂ: (ରାଗେଶ୍ରୀ, କ୍ଷାତୀ, ବନଶ୍ରୀ, ଶାରଦା), ନାତି/ନାତୁଣୀ: (ଅନ୍ତରୀକ୍ଷ, ଅନନ୍ୟା, ବର୍ଣ୍ଣାଳୀ, ଇମନ୍, ଶ୍ରେୟାଲି, ଶିଲ୍ପା, ରୋହନ୍, ମୋହନ୍, ଇନାକ୍ଷି, ଶିମନ୍) ଓ ବନ୍ଧୁବର୍ଗ ।
ଧ-୧୯୯୭୦

ବୁଧବାର, ୧୭ ଫେବୃୟାରୀ, ୨୦୨୧

# ଚାଷୀଙ୍କ ପାଇଁ...

**କାଜୁରେ କାଣ୍ଡ ବିନ୍ଧା ପୋକ:** କାଜୁ ଫସଲରେ ମୂଳ ଓ କାଣ୍ଡ ବିନ୍ଧା ପୋକ ଲାଗିଥିଲେ କାଜୁଗଛର ମୂଳକୁ ନିରୀକ୍ଷଣ କରନ୍ତୁ। ଯଦି ଅଠାଳିଆ ପଦାର୍ଥ ଦେଖାଯାଏ,ତେବେ ପୋକ ଆକ୍ରମଣର ସୂଚନା ମିଳିଥାଏ। ଏହାର ଦମନ ପାଇଁ ଗଛର ବକଳକୁ ଆସ୍ତେ ଆସ୍ତେ ଛଡାଇ ପୋକଗୁଡିକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।

**ମହୁ ବାକ୍ସର ଯତ୍ନ :** ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ। ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

**ଗେଣ୍ଡୁଫୁଲରେ ଅଷ୍ଟପଦୀ ପୋକ ଲାଗିଥିଲେ...**

ଲାଲ ବୁଢିଆଣୀ ଓ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ୍ ହିସାବରେ ସଲଫର ସେଟିତ ଗୁଣ୍ଡ କିମ୍ବା ୨.୫ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ। ଲଗାଇବାର ୩୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।



## ଜାଣିରଖନ୍ତୁ

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍ଏମ୍ଡି ଭ୍ୟାକ୍ସିନ୍ ଓ ଛେଳିଙ୍କ ପିପିଆର ରୋଗ ଲାଗି ପିପିଆର ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡାଙ୍କର ନାଲି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।





# ନେଡେପ୍ ଖତ



କିଶୋର ଚନ୍ଦ୍ର ପଣ୍ଡା

ରାସାୟନିକ ସାରର ମାତ୍ରାଧିକ ପ୍ରୟୋଗ ଫଳରେ ପ୍ରଥମେ ପ୍ରଥମେ ଉତ୍ପାଦନ ବୃଦ୍ଧି ହୁଏ, କିନ୍ତୁ ଧୀରେ ଧୀରେ ଫସଲର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇ ନୂଆ ନୂଆ ରୋଗ ଉତ୍ପନ୍ନ ହୁଏ ଓ ଭୂଜଳ, ବାୟୁ ପ୍ରଦୂଷଣ ବଢିଥାଏ। ଏହା ସହିତ ଶସ୍ୟ ପନିପରିବା ସ୍ୱାଦ ରହିତ ଓ ପୋଷାକ ତତ୍ତ୍ୱହୀନ ହୋଇଯାଏ। ସମସ୍ତେ ଏହାକୁ ହୃଦୟଙ୍ଗମ କରିବାରୁ ଜୈବିକ କୃଷି ପ୍ରତି ଆଗ୍ରହ ସ୍ୱତଃପ୍ରବୃତ୍ତ ଭାବରେ ବଢି ଚାଲିଛି। ଦେଶୀ ଗାଈର ଗୋବର ଓ ଗୋମୂତ୍ରର ଯୋଜନାବଦ୍ଧ ଏବଂ ସନ୍ତୁଳିତ ବ୍ୟବହାର ନେଡେପ୍ କମ୍ପୋଷ୍ଟ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏକ କିଲୋ ଗୋବରରୁ ୩୦ କିଲୋ ନେଡେପ୍ କମ୍ପୋଷ୍ଟ ଖତ ତିଆରି ହୁଏ। ଆଜି ଦେଶରେ ଉପଲବ୍ଧ ସାଧନ ସାମଗ୍ରୀ ଏବଂ ମାନବ ଶକ୍ତି ଦ୍ୱାରା ୨୪୦ କୋଟି ଟନ୍ ଖତର ଆବଶ୍ୟକତାକୁ ଶତ ପ୍ରତିଶତ ପୂରଣ କରାଯାଇପାରିବ। ନେଡେପ୍ କମ୍ପୋଷ୍ଟ ପଦ୍ଧତି ଦ୍ୱାରା ଗୋଟିଏ ଗାଈର ଗୋବରରୁ ବର୍ଷକୁ ୮୦ ରୁ ୧୦୦ ଟନ୍ ଖତ ମିଳି ପାରିବ। ଏହାର ମୂଲ୍ୟ ଅତି କମରେ ୮୦,୦୦୦ଟଙ୍କା।

**ପ୍ରସ୍ତୁତି ପ୍ରଣାଳୀ**

**ଟାଙ୍କି :** ଏକ ହାତ ଓସାରର ନିଅଁ ତିଆରି କରି ମାଟି ଉପରେ ଇଟାର ଏକ ଆୟତାକାର ଟାଙ୍କି ତିଆରି କରନ୍ତୁ, ଯାହାର କାନ୍ଥ ୯ ଇଞ୍ଚ ଚଉଡା ହେବ। ଟାଙ୍କିର ଭିତର ଭାଗର ଲମ୍ବ ୧୨ ଫୁଟ, ଚଉଡା ୫ ଫୁଟ ଓ ଉଚ୍ଚତା ୩ ଫୁଟ ଅର୍ଥାତ୍ ଆୟତନ ୧୮୦ ଘନଫୁଟ ଇଟାକୁ ମାଟି ସାହାଯ୍ୟରେ ଯୋଡ଼ି ପାରନ୍ତି। ମାତ୍ର ଶେଷ ଚାଖଣ୍ଡ କାନ୍ଥ ସିମେଣ୍ଟରେ ଯୋଡିବେ; ଯାହା ଫଳରେ ଟାଙ୍କି ଭାଙ୍ଗିଯିବାର ଭୟ ରହେ ନାହିଁ। ଟାଙ୍କିର ଚଟାଣକୁ ଇଟା ଦ୍ୱାରା ପକ୍କା କରନ୍ତୁ। ଖତ ସାମଗ୍ରୀ ପରିପକ୍ୱ ହେବା ପାଇଁ କିଛି ମାତ୍ରାରେ ବାୟୁ ଆବଶ୍ୟକ ହୋଇଥାଏ ତେଣୁ ଟାଙ୍କି ତିଆରି କରିବା ସମୟରେ ଚାରିକାନ୍ଥରେ ଛିଦ୍ର ରଖନ୍ତୁ। ଇଟା ଯୋଡେଇ ସମୟରେ ପ୍ରତ୍ୟେକ ଇଟା ଯୋଡିବା ପରେ ୭ ଇଞ୍ଚ ଛିଦ୍ର ଛାଡି ଯୋଡେଇ କରନ୍ତୁ। ଏହିପରି ଚାରିକାନ୍ଥରେ ଛିଦ୍ର କରନ୍ତୁ। ଛିଦ୍ରର ସଂଖ୍ୟା ବଢିଲେ ଖତ ଶୀଘ୍ର ପରିପକ୍ୱ ହୋଇଥାଏ। ଟାଙ୍କି ଭିତର ଓ ବାହାର କାନ୍ଥକୁ ଗୋବର ମାଟିରେ ଲିପି ଶୁଖାନ୍ତୁ।

**ଆବଶ୍ୟକ ସାମଗ୍ରୀ**

- ଶୁଖିଲା ପତ୍ର, ଚୋପା, ଡାଳ, ଚେର, ଘାସ ଆଦି ୧୪୦୦ରୁ ୧୫୦୦କିଲୋଗ୍ରାମ।
- ୯୦ରୁ ୧୦୦ କିଲୋଗ୍ରାମ ଗୋବର, ଗୋବର ଗ୍ୟାସ୍ ପ୍ଲାଣ୍ଟରୁ ବାହାରିଥିବା ଗୋବରର ଘୋଳ (ସ୍ଲରୀ) ମଧ୍ୟ ବ୍ୟବହାର କରିପାରନ୍ତି। ଗୋବର ଗ୍ୟାସ ପ୍ଲାଣ୍ଟ ଓ ନେଡେପ କମ୍ପୋଷ୍ଟ ଟାଙ୍କିକୁ ପରସ୍ପର ପାଖରେ ରଖିବା ଭଲ।
- କ୍ଷେତର ଶୁଖିଲା, ଛଣା ହୋଇଥିବା ମାଟି ୧୭୫୦କି.ଗ୍ରା. ମିଶାନ୍ତୁ। ଗୋମୂତ୍ର ଯୁକ୍ତ ମାଟି ବିଶେଷ ଲାଭଦାୟୀ।
- ପ୍ରାୟ ୧୫୦୦ରୁ ୨୦୦୦ଲିଟର ପାଣି ଋତୁ ଅନୁସାରେ, ବର୍ଷା ଋତୁରେ ଅଳ୍ପ, ଗ୍ରୀଷ୍ମଋତୁରେ ଅଧିକ। ଏହା ସହ ଧ୍ୟାନ ଦିଅନ୍ତୁ ଯେପରି ପ୍ଲାଷ୍ଟିକ, ପଥର ଆଦି ଖତରେ ନ ମିଶିପାରେ।

**ଭର୍ତ୍ତି କରିବା ପ୍ରଣାଳୀ :** ସମସ୍ତ ଜିନିଷ ସଂଗ୍ରହ କରି ନାଡେପ୍ ଖାତକୁ ଭର୍ତ୍ତି କରିବା ଆରମ୍ଭ କରନ୍ତୁ। ଏକରୁ ଦୁଇଦିନ ମଧ୍ୟରେ ସମସ୍ତ ସାମଗ୍ରୀ ଖାତରେ ପକାନ୍ତୁ, ଦୁଇ ଦିନରୁ ଅଧିକ ବିଳମ୍ବ କରନ୍ତୁ ନାହିଁ। ପ୍ରତ୍ୟେକ ଖାତଟି ଭର୍ତ୍ତି କରିବା ପୂର୍ବରୁ ଖାତର ଭିତର ପାଖ ଓ ତଳ ଗୋବର ଏବଂ ପାଣି ଦ୍ୱାରା ଭଲ ଭାବରେ ଲିପା ହେବା ଆବଶ୍ୟକ। ତିନୋଟି ସ୍ତରରେ ଏହି ଖାତ ଭର୍ତ୍ତି କରନ୍ତୁ।

**ପ୍ରଥମ ସ୍ତର:** ପତ୍ର, ଡାଳ, ମୂଳ ଓ ଗଛର ଅନ୍ୟାନ୍ୟ ଅଦରକାରୀ ଅଂଶଦ୍ୱାରା ୬ ଇଞ୍ଚ ବହଳ ଯାଏ ଖାତଟିକୁ ଭର୍ତ୍ତି କରନ୍ତୁ।

**ଦ୍ୱିତୀୟ ସ୍ତର:** ୪ କିଗ୍ରା ଗୋବରକୁ ୧୨୫ରୁ ୨୫୦ ଲିଟର ପାଣିରେ ମିଶାଇ ଏହି ସ୍ତର ଉପରେ ପ୍ରଥମ ସ୍ତରର ସମସ୍ତ ଜିନିଷ ଭଲଭାବରେ ଭିଜିଲା ପରି ଛିଞ୍ଚନ୍ତୁ। ଗୋବର ଗ୍ୟାସ୍ ସ୍ଲରୀ ବ୍ୟବହାର କରୁଥିଲେ ଏହାର ପରିମାଣ ପ୍ରାୟ ୧୦ କିଗ୍ରା ହେବା ଜରୁରୀ।

**ତୃତୀୟ ସ୍ତର:** ଓଦା ହୋଇଥିବା ପତ୍ର କୁଟା ଇତ୍ୟାଦି ଉପରେ ପ୍ରାୟ ୫୦ କିଗ୍ରା ଓଜନର ସଫା ଓ ଚଲାଯାଇଥିବା ମାଟି ପକାନ୍ତୁ। ଏହା ଉପରେ ପୁଣି ପାଣି ଛିଞ୍ଚନ୍ତୁ। ପ୍ରଥମ ସ୍ତରରେ ଯେତିକି ଓଜନର ଜିନିଷ ପକାଇ ଥିବେ ତୃତୀୟ ସ୍ତରରେ ତା'ର ଅଧା ପରିମାଣର ମାଟି ପକାନ୍ତୁ। ଏମିତି ଟାଙ୍କିରେ ହାତେ ଉପରଯାଏ ଭର୍ତ୍ତି କରି ତିନି ଇଞ୍ଚ ବହଳର ଗୋବର ମାଟି ମିଶା ପାଣିରେ ଭଲ ଭାବରେ ଚାରି ପଟରୁ ଲିପି ନିବୁଜ କରି ଦିଅନ୍ତୁ। ଯେପରି କୌଣସି ଫାଟ ନ ରହିଯାଏ। ତିନି ଚାରି ମାସ ମଧ୍ୟରେ ଗଭୀର ଧୂସର ରଙ୍ଗର ଖତ ତିଆରି ହୋଇଯିବ ଓ ଦୁର୍ଗନ୍ଧ ହେବ ନାହିଁ।

**ଖତ ବ୍ୟବହାର କରିବାର ପଦ୍ଧତି :** ଯଦି ଏହି କମ୍ପୋଷ୍ଟ ଯଥେଷ୍ଟ ପରିମାଣର ଥାଏ ତେବେ ଏକର ପ୍ରତି ୩-୫ ଟନ୍ ଖତ ବିହନ ବୁଣିବାର ୧୫ ଦିନ ପୂର୍ବରୁ କ୍ଷେତରେ ବିଛାଇ ହଳକରି ମାଟିରେ ମିଶାନ୍ତୁ। ଏହି ଖତକୁ ଟାଙ୍କିରୁ ବାହାରକରି ଖୋଲାରେ ରଖନ୍ତୁ ନାହିଁ। ଯଦି କିଛି ଦିନ ପାଇଁ ରଖିବାକୁ ଚାହାନ୍ତି ତାକୁ ଜମାକରି ଘାସ ପତ୍ରାଦି ଘୋଡାଇ ମଝିରେ ମଝିରେ ପାଣି ଛିଟା ମାରି ଆର୍ଦ୍ରତା ରକ୍ଷା କରନ୍ତୁ।

-ଏହି ପଦ୍ଧତିରେ ୧ କିଲୋ ଗୋବର ଦ୍ୱାରା ୩୦ରୁ ୪୦ କିଲୋ ଉତ୍ତମ ଜୀବାଣୁମୁକ୍ତ ତଥା ସମସ୍ତ ପୋଷଣରେ ଭରପୂର ଉତ୍ତମ ଖତ ମିଳିଥାଏ। ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ ହେବା ସହିତ ପରିବେଶକୁ ଦୂଷିତ କରୁଥିବା ବର୍ଜ୍ୟ ପଦାର୍ଥର ସୁବିନିଯୋଗ କରିହୁଏ।


**ନେଡେପ୍ କମ୍ପୋଷ୍ଟ : ଖତର ଅର୍ଥଶାସ୍ତ୍ର**

ଗୋଟିଏ ଟାଙ୍କିରେ ଏହି ଖତ ତିଆରି ପାଇଁ ୧୫୦୦ କିଗ୍ରା ଘାସ ପତ୍ର, ୧୭୫୦ କିଗ୍ରା ମାଟି, ୨୦୦୦ ଲିଟର ପାଣି ତଥା ୮୦ କିଗ୍ରା ଗୋବର ଆବଶ୍ୟକ। ୪ ମାସରେ ୨୦୫ ଟନ୍ ଖତ ଅର୍ଥାତ୍ ଏକ ବର୍ଷରେ ୭.୫ ଟନ୍ ଖତ ତିଆରି ହୁଏ। ଗୋଟିଏ ଗାଈର ଗୋବରରେ ଏକ ବର୍ଷରେ ୮୦ ଟନ୍ ନେଡେପ୍ କମ୍ପୋଷ୍ଟ ତିଆରି ହୁଏ। ତହିଁରେ ୮୦୦ କିଲୋ ନାଇଟ୍ରୋଜେନ୍ (ମୂଲ୍ୟ ୧୭ ଟଙ୍କା କିଲୋ ପ୍ରତି) ୧୩,୬୦୦ ଟଙ୍କା, ଫସ୍ଫରସ୍ ୫୩୦ କିଲୋ (ମୂଲ୍ୟ ୧୭ଟଙ୍କା ପ୍ରତି କିଲୋ) ୧୩,୬୦୦ ଟଙ୍କା, ପଟାସ୍ ୫୩୦ କିଲୋ (ମୂଲ୍ୟ ୮ ଟଙ୍କା ପ୍ରତି କିଲୋ) ୮୩୨୦ ଟଙ୍କା ତଥା ଅନ୍ୟ ସୂକ୍ଷ୍ମତତ୍ତ୍ୱ ୭୭୬୦୦ କିଲୋ (ମୂଲ୍ୟ ୨୦ ପଇସା ପ୍ରତି କିଲୋ) ୧୫୫୨୦ ଟଙ୍କା ହୁଏ। ମୋଟ୍ ମୂଲ୍ୟ ୪୬,୯୬୦ ଟଙ୍କାର କମ୍ପୋଷ୍ଟ ମିଳିପାରିବ।

*-ଜୈବିକ କୃଷି ବିଶେଷଜ୍ଞ*
*ମୋ : ୯୦୭୮୦୬୦୦୪୩*







# ଅମ୍ଳମାଟିରେ ଉନ୍ନତ ଫସଲ



ପ୍ର. ସୁବୋଧ କୁମାର ସାହୁ

ମାଟିର ଅମ୍ଳତ୍ୱ ମାଟିରେ ଥିବା ଉଦଜାନ ଅଣୁର ପରିମାଣରୁ ଜଣାପଡ଼େ। ମାଟିର ଉଦଜାନ ପରିମାଣ, ପି.ଏଚ୍. ମିଟର ନାମକ ଏକ ଇଲେକ୍ଟ୍ରୋନିକ ଯନ୍ତ୍ର ଦ୍ୱାରା ମପାଯାଏ। ଉକ୍ତ ମିଟର ସିଧାସଳଖ ଦେଖାଉଥିବା ସଂଖ୍ୟା ମାଟିର ପି.ଏଚ୍., ଯାହାକି ମାଟିରେ ଉଦଜାନ ଅଣୁର ଉପସ୍ଥିତି ସୂଚାଏ। ପି.ଏଚ୍.କୁ ନେଇ ଅମ୍ଳମାଟିକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ମାଟିର ପି.ଏଚ୍. (କ) ୪.୫ରୁ କମ୍ ହେଲେ ଅତି ଅଧିକ ଅମ୍ଳ, (ଖ) ୪.୫୧ ରୁ ୫.୦ ଅଧିକ ଅମ୍ଳ, (ଗ) ୫.୧ ରୁ ୫.୫ ମଧ୍ୟମ ଅମ୍ଳ, (ଘ) ୫.୫୧ ରୁ ୬.୦ କମ ଅମ୍ଳ ଏବଂ (ଙ) ୬.୧ ରୁ ୬.୫ ମଧ୍ୟରେ ଥିବା ମାଟି ଅମ୍ଳ। ଚାରିଗୋଟି କାରଣ ଯୋଗୁ ମାଟି ଅମ୍ଳ ହୁଏ। ନିମ୍ନରେ ଏହା ସୂଚାଗଲା।

୧: ମାଗେଟାଇଟ୍ ଏବଂ ଗ୍ରୀନାଇଟ୍ ଅମ୍ଳ ଶିଳାର ବିଘଟନରୁ ଉଦଜାନ ଅଣୁର ସୃଷ୍ଟିରୁ ମାଟି ଅମ୍ଳ ହୁଏ।

୨: ଆବଶ୍ୟକଠାରୁ ଅଧିକ ବର୍ଷା ଏବଂ ଅଧିକଥର ଜଳସେଚନ ଯୋଗୁ ମାଟିରୁ ମଧୁର ଉପାଦାନ ଯଥା କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ଧୋଇଗଲେ ଏହାରି ସ୍ଥାନରେ ଉଦଜାନ ଅଣୁ ରହି ମାଟିକୁ ଅମ୍ଳ କରେ।

୩: ନିର୍ଦ୍ଦିଷ୍ଟ ଏକ ମାଟିରେ ବାରମ୍ବାର ଫସଲ ଚାଷକଲେ ସେହି ମାଟିରୁ ମଧୁର ଉପାଦାନ ବହୁ ପରିମାଣରେ ଫସଲ ଦ୍ୱାରା ଚାଲିଗଲେ ଏହାର ସ୍ଥାନକୁ ଉଦଜାନ ଅଣୁ ନେଇ ମାଟିକୁ ଅମ୍ଳ କରେ।

୪: ସଘନ ପ୍ରଣାଳୀରେ ଚାଷ ହେଉଥିବା ଜମିରେ ଅମ୍ଳଯୁକ୍ତ ଯବକ୍ଷାରଜାନଜାତୀୟ ସାର ଯଥା: ଆମୋନିୟମ ସଲଫେଟ, ଆମୋନିୟମ ନାଇଟ୍ରେଟ ଏବଂ ୟୁରିଆ ବାରମ୍ବାର ପ୍ରୟୋଗ ଦ୍ୱାରା ମାଟିରୁ ମଧୁର ଉପାଦାନ ଯଥା କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମଆମୋନିୟମ ଦ୍ୱାରା ସ୍ଥାନାନ୍ତରିତ ହୁଏ ଏବଂ ସେହି ସ୍ଥାନରେ ଉଦଜାନ ରହି ମାଟିକୁ ଅମ୍ଳ କରେ।



"ଓଡ଼ିଶାର ସମୁଦାୟ ଚାଷ ଜମିର ୭୦ ଶତକଡା ଅର୍ଥାତ୍ ୪.୫୬ ଲକ୍ଷ ହେକ୍ଟର ଜମିର ମାଟି ଅମ୍ଳ। ରାଜ୍ୟର ସମସ୍ତ ଲାଲମାଟି, ମାଙ୍କଡ଼ା ପଥର ମାଟି, ମିଶ୍ରିତ ଲାଲ ଏବଂ ହଳଦିଆ ମାଟି, ନଦୀ ପଠା ମାଟି ଏବଂ ପ୍ରାୟ ୬୦ ଭାଗ ଲୁଣା ମାଟି ଅମ୍ଳ। ମୁଖ୍ୟତଃ ଉପରୋକ୍ତ ମାଟି କିସମର ସମସ୍ତ ଢିପ ଏବଂ ଉଚ୍ଚା ଜମିର ମାଟି ଅମ୍ଳଧର୍ମୀ।"

ଆମ ରାଜ୍ୟର ସମୁଦାୟ ଚାଷ ଜମିର ୭୦ ଶତକଡା ଅର୍ଥାତ ୪.୫୬ ଲକ୍ଷ ହେକ୍ଟର ଜମିର ମାଟି ଅମ୍ଳ। ରାଜ୍ୟର ସମସ୍ତ ଲାଲମାଟି, ମାଙ୍କଡ଼ା ପଥର ମାଟି, ମିଶ୍ରିତ ଲାଲ ଏବଂ ହଳଦିଆ ମାଟି, ନଦୀ ପଠା ମାଟି ଏବଂ ପ୍ରାୟ ୬୦ ଭାଗ ଲୁଣା ମାଟି ଅମ୍ଳ। ମୁଖ୍ୟତଃ ଉପରୋକ୍ତ ମାଟି କିସମର ସମସ୍ତ ଢିପ ଏବଂ ଉଚ୍ଚା ଜମିର ମାଟି ଅମ୍ଳଧର୍ମୀ। ଅମ୍ଳ ମାଟିରେ ବିଷାକ୍ତ ପରିମାଣର ଲୁହା, ଆଲୁମିନିୟମ ଏବଂ ମାଙ୍ଗାନିଜ ଖାଦ୍ୟ ଉପାଦାନ ଅଧିକ ପରିମାଣରେ ଥାଏ। ଉକ୍ତ ମାଟିରେ ଯବକ୍ଷାରଜାନ ବିବନ୍ଧନ ଜୀବାଣୁ ଏବଂ ଅଙ୍ଗାର ଅଂଶ କମ୍ ଥିବାରୁ ଅମ୍ଳ ମାଟିରେ ଯବକ୍ଷାରଜାନ ଖାଦ୍ୟ ଉପାଦାନ ଅଭାବ ପରିମାଣରେ ଥାଏ।

ଲୁହା ଏବଂ ଆଲୁମିନିୟମ ସହ ଫସଫେଟ ବାନ୍ଧି ହୋଇ ରହୁଥିବାରୁ ଅମ୍ଳ ମାଟିରେ ଫସ୍ଫେଟ୍ ଖାଦ୍ୟ ଉପାଦାନ ଯଥେଷ୍ଟ ଅଭାବ ପରିମାଣରେ ଥାଏ। ଅମ୍ଳଧର୍ମୀ ବାଲିଆ, ବାଲିଆ ଦୋରସା ଏବଂ ଦୋରସା ମାଟିରୁ ସୁଲଭ ପଟାସିୟମ, କ୍ୟାଲ୍ସିୟମ, ମ୍ୟାଗ୍ନେସିୟମ ଏବଂ ବୋରନ, ବର୍ଷା ଏବଂ ଜଳସେଚନ ଦ୍ୱାର ଧୋଇହୋଇ ଯିବାରୁ, ଏହି ସବୁ ଖାଦ୍ୟ ଉପାଦାନ ଅମ୍ଳ ମାଟିରେ ଅଭାବ ଥାଏ। ଗନ୍ଧକ ଏବଂ ମଲିବଡେନମ୍ ଲୁହା ସହ ବାନ୍ଧି ହେଉଥିବାରୁ ଏହି ଦୁଇ ଗୌଣ ଏବଂ ଅଣୁ ଖାଦ୍ୟ ଉପାଦାନ, ଅମ୍ଳ ମାଟିରେ ଫସଲ ପାଇଁ ଅଭାବ ହୁଏ।

ଅମ୍ଳ ମାଟିରେ ଫସଲକୁ ପ୍ରୟୋଗ ହେଉଥିବା ରାସାୟନିକସାରର ଉପଯୋଗିତା ଯଥେଷ୍ଟ କମ୍। ଅମ୍ଳ ମାଟିରେ ଜୈବ ଭାଗ କମ୍ ଥିବାରୁ ଏ ମାଟିର ଜଳଧାରଣ ଶକ୍ତିକମ୍। ଅମ୍ଳ ମାଟିରେ ଫସଲର ଉପକାରୀ ଅଣୁ ଜୀବାଣୁଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥାଏ ସର୍ବୋପରି ଅମ୍ଳ ମାଟି ଅନୁର୍ବର। ତେଣୁ ଉକ୍ତ ମାଟିର ଫସଲ ଉତ୍ପାଦିକା ଶକ୍ତି ଆଶାନୁରୂପ ନୁହେଁ। (କ୍ରମଶଃ..)

*-ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫.*




# ମନ୍ଦା ପ୍ରଣାଳୀ ଆଖୁ ଚାଷ

ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏଁ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁର ଶୁଖିଲା ପତ୍ରକୁ ଗଛରୁ ଛଡାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ।

# ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଗଛ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖନ୍ତୁ। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଆଉ ମାଟି ଉପରେ ମାଡୁଥିବା ଲତା ଫଳକୁ ନିରାପଦରେ ଧରିରଖେ,ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।




# ଜୋକୋଭିଚ୍-କାରାସେଭ ସେମିଫାଇନାଲ

**ମେଲବୋର୍ନ,୧୬।୨(ଏପି)**

ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସର ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍ ରୁଷିଆର କ୍ୱାଲିଫାୟର ତଥା ବିଶ୍ୱର ୧୧୪ ନମ୍ବର ଖେଳାଳି ଅସଲାନ କାରାସେଭଙ୍କୁ ଭେଟିବେ। ଟେନିସର ପ୍ରଫେଶନାଲ ଏରାରେ ୨୭ ବର୍ଷୀୟ କାରାସେଭ ପ୍ରଥମ ଖେଳାଳି ଭାବେ ପଦାର୍ପଣରେ କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ୯ଥର ପ୍ରୟାସ କରିବା ପରେ ଗତ ମାସରେ ସେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଖେଳିବାକୁ



ଅସଲାନ କାରାସେଭ

ଯୋଗ୍ୟତା ପାଇଥିଲେ। ଏଠାରେ କ୍ରମାଗତ ୫ଟି ମ୍ୟାଚ୍ ଜିତି ୩ଜଣ ସିଡେଡ ଖେଳାଳିଙ୍କୁ ହରାଇଛନ୍ତି। ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ସେ ବୁଲଗେରିଆର ୧୮ତମ ସିଡ୍ ଖେଳାଳି ଗ୍ରିଗର ଡିମିଟ୍ରୋଭଙ୍କୁ ୬-୨, ୪-୬, ୧-୬, ୨-୬ ସେଟ୍‌ରେ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ହରାଇଛନ୍ତି। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ୮ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲଧାରୀ ଜୋକୋଭିଚ୍ ଷଷ୍ଠ ସିଡ୍ ରୁଷିଆର ଆଲେକଜାଣ୍ଡର ଜେଭେରେଭଙ୍କୁ ୭-୭, ୬-୨, ୬-୪, ୭-୬ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି।

## ସେରେନା- ଓସାକା

ମହିଳା ସିଙ୍ଗଲ୍ସ ସେମିଫାଇନାଲରେରେ ଆମେରିକାର ସେରେନା ୱିଲିୟମ୍ସ ଜାପାନର ନାଓମି ଓସାକାଙ୍କୁ ଭେଟିବେ। ୩୯ ବର୍ଷୀୟ ସେରେନା କ୍ୱାର୍ଟର ଫାଇନାଲରେ ବିଶ୍ୱର ୨ ନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପଙ୍କୁ ୬-୩, ୬-୩ ସେଟ୍‌ରେପରାସ୍ତ କରିଛନ୍ତି। ଓସାକା ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚାଇନିଜ ତାଇପେର ଅଣସିଡେଡ ଖେଳାଳି ସୁ- ୱେଇ ସିହେଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି।

# କ'ଣ ଆପଣଙ୍କୁ ମଧ୍ୟ ହ୍ୟାଙ୍ଗର ସହ ତୁଳନା କରାଯାଉଛି?

ବିଜ୍ଞାପନ

ଆୟୁର୍ବେଦ ଅନୁଯାୟୀ ଦୁର୍ବଳ ଶରୀରଧାରୀ ବ୍ୟକ୍ତିମାନଙ୍କୁ ହୀନମନ୍ୟତାଗ୍ରସ୍ତ ବ୍ୟକ୍ତିମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଦୁର୍ବଳତା ଏକ ରୋଗ ନୁହେଁ ବରଂ ଭୁଲ୍ ଖାଦ୍ୟ-ପାନୀୟ ଏବଂ ଅସଂଯମତାର ପରିଣାମ ମାତ୍ର। ଦୁର୍ବଳତାର ଅନେକ କାରଣ ଅଛି, କିନ୍ତୁ ବ୍ୟସ୍ତ ହୁଅନ୍ତୁ ନାହିଁ। ଆୟୁର୍ବେଦରେ ଅନେକ ବିଶେଷ ଜଡ଼ି-ବୁଟିର ବର୍ଣ୍ଣନା ରହିଛି, ଯାହା ଶରୀର ଦୁର୍ବଳତା ଭଳି ସମସ୍ୟାର ନିଦାନରେ ସହାୟକ ଅଟେ।

ଦୁର୍ବଳତା ଅର୍ଥାତ୍ ସ୍ୱାଭାବିକରୁ କମ୍ ଓଜନବିଶିଷ୍ଟ ବ୍ୟକ୍ତିଙ୍କୁ ଦୁର୍ବଳ କୁହାଯାଇଥାଏ। ଯେଉଁ ବ୍ୟକ୍ତି ଅଧିକ ଦୁର୍ବଳ ହୋଇଥାନ୍ତି, ସେ ଯେକୌଣସି କାମ କରିବାରେ ଶୀଘ୍ର ଥକିଯାଇଥାନ୍ତି। ଏପରି ବ୍ୟକ୍ତିମାନଙ୍କ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା କମ୍ ହୋଇଥାଏ। ଏହା ଅତିରିକ୍ତ ପାଚନ ଶକ୍ତି ଗୋଳମାଳ, ମାନସିକ, ଭାବନାତ୍ମକ ଚାପ, ଚିନ୍ତା କାରଣରୁ ମଧ୍ୟ ବ୍ୟକ୍ତି ଦୁର୍ବଳତା ସମସ୍ୟାର ସମ୍ମୁଖୀନ ହୋଇପାରେ। ଏହା ବ୍ୟତୀତ ଶରୀରରେ ହର୍ମୋନ୍ ଅସନ୍ତୁଳନ ମଧ୍ୟ ଏକ କାରଣ ହୋଇପାରେ। ଏପରି ବ୍ୟକ୍ତିମାନଙ୍କୁ ଗହନ ରୋଗ ହେବା ସମ୍ଭାବନା ଅଧିକ ହୋଇଥାଏ। ଦୁର୍ବଳ ଶରୀରଧାରୀ ବ୍ୟକ୍ତିମାନେ ନିଜ ଶରୀରକୁ ନେଇ ପ୍ରାୟତଃ ହୀନମନ୍ୟତାର ଶିକାର ହୋଇଯାଇଥାନ୍ତି, ଯେଉଁ କାରଣରୁ ସେମାନେ ଲୋକମାନଙ୍କ ସହ ମିଶିବାରେ କୁଣ୍ଠା ଅନୁଭବ କରିଥାନ୍ତି। ସେମାନଙ୍କ ମନରେ ଏହି ଡର ଲାଗିରହିଥାଏ ଯେ ତାଙ୍କ ପତଳା ଶରୀରକୁ ନେଇ କେହି ଉପହାସ ନ କରୁ। ଅଗ୍ନିମାନ୍ଦ୍ୟ କାରଣରୁ ବ୍ୟକ୍ତି ସ୍ୱଳ୍ପ ମାତ୍ରାରେ ଭୋଜନ କରିଥାନ୍ତି, ଯାହାଦ୍ୱାରା ଆହାର ରସ ବା ରସ ଧାତୁର ନିର୍ମାଣ ମଧ୍ୟ ସ୍ୱଳ୍ପ ମାତ୍ରାରେ ହୁଏ। ଏହି କାରଣରୁ ତତ୍‌ପଶ୍ଚାତ୍ ଉତ୍ପନ୍ନ ହେଉଥିବା ଅନ୍ୟାନ୍ୟ ଧାତୁ (ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ରଧାତୁ) ମଧ୍ୟ ସ୍ୱଳ୍ପ ମାତ୍ରାରେ ରହିଯାଇଥାଏ, ଯାହାର ଫଳସ୍ୱରୂପ ବ୍ୟକ୍ତି ନିରନ୍ତର ଦୁର୍ବଳ ହୋଇଯାଇଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଶାରୀରିକ ରୂପେ ଫିଟ୍ ରହିବାକୁ ପସନ୍ଦ କରିଥାନ୍ତି, କିନ୍ତୁ ଆବଶ୍ୟକତାରୁ ଅଧିକ ମୋଟା ହେବାକୁ ମଧ୍ୟ ଚାହିଁ ନ ଥାନ୍ତି। ପ୍ରାୟତଃ ଦେଖାଯାଏ ଯେ କେତେକ ଲୋକ ମୋଟା ହେବା ଉଦ୍ଦେଶ୍ୟରେ ବିନା କୌଣସି ସୂଚନା ଓ ପରାମର୍ଶରେ ଇଂରେଜୀ ଓ ବିଦେଶୀ ଉତ୍ପାଦ ପ୍ରୟୋଗ କରିବା ଆରମ୍ଭ କରିଦେଇଥାନ୍ତି, ଶରୀର ଉପରେ ସେହି ଉତ୍ପାଦର କି ପ୍ରଭାବ ପଡ଼ିବ ସେ ସମ୍ପର୍କରେ ସେମାନେ ଅଜ୍ଞ ଥାଆନ୍ତି। ଏହା ଫଳସ୍ୱରୂପ ସେମାନଙ୍କୁ ଅନେକ ଥର ଘାତକ ପରିଣାମର ସମ୍ମୁଖୀନ ହେବାକୁ ପଡ଼ିଥାଏ।

କିନ୍ତୁ, ଆୟୁର୍ବେଦରେ ଅନେକ ଖାସ୍ ଜଡ଼ି-ବୁଟିର ବର୍ଣ୍ଣନା ରହିଛି, ଯାହା ଆପଣଙ୍କ ଶରୀରର ଦୁର୍ବଳତା ସମସ୍ୟାରୁ ମୁକ୍ତି ଦେବାରେ ସହାୟକ ଅଟେ। ଏଇଥିପାଇଁ ଦିବିସା ହର୍ବାଲ୍ କେୟାର୍ କମ୍ପାନୀ ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍‌ସ ପ୍ରସ୍ତୁତ କରିଛି, ଯାହା ୧୮ ଖାସ୍ ଆୟୁର୍ବେଦିକ ଜଡ଼ି-ବୁଟି (ଅଶ୍ୱଗନ୍ଧା, କଦଳୀ, ଶତାବରୀ, ଭଟାଡା, ଖଜୁରା, ଆମ୍ଳକୀ, ଗୋକ୍ଷୁର, ଦ୍ରାକ୍ଷା, ବିଦାରୀ, ସେବା, ପିପ୍ପଳି, ମାରିଚା, ଶୁଣ୍ଠି, ଈଲା, ଜିରାକା, ମୁଷଳି, ସରଳା)ର ସନ୍ତୁଳିତ ମିଶ୍ରଣରେ ତିଆରି ହୋଇଛି। ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍‌ସ ୧୦୦ ପ୍ରତିଶତ ଆୟୁର୍ବେଦିକ ଏବଂ ସୁରକ୍ଷିତ ଅଟେ। ଏହା ଓଜନ ବୃଦ୍ଧି କରିବା ଏବଂ ଆତ୍ମବିଶ୍ୱାସ ବଢ଼ାଇବା, ଉଭୟରେ ଅତି ସହାୟକ।







**ଦୁର୍ବଳତାର ଲକ୍ଷଣ:** • ହୀନମନ୍ୟତାର ଶିକାର ହେବା, ଯାହା ଆମ ବ୍ୟକ୍ତିଗତ ବିକାଶ ପାଇଁ କ୍ଷତିକାରକ ଅଟେ। • ସର୍ବଦା ଦୁଶ୍ଚିନ୍ତାଗ୍ରସ୍ତ ରହିବା। • ପାଚନ ଶକ୍ତି ଗୋଳମାଳିଆ ହେବା। • ସର୍ବଦା ମାନସିକ, ଭାବନାତ୍ମକ ଚାପ କିମ୍ବା ଚିନ୍ତାଗ୍ରସ୍ତ ରହିବା। • ହର୍ମୋନ୍ ଅସନ୍ତୁଳିତ ହେବା କାରଣରୁ ମଧ୍ୟ ଶରୀରରେ ଦୁର୍ବଳତା ସମସ୍ୟା ଦେଖାଦେଇଥାଏ।

କେହି ଜଣେ ସତ କଥା କହିଛନ୍ତି ଯେ ଆପଣଙ୍କ ପର୍ସନାଲିଟି ହିଁ ଆପଣଙ୍କ ବ୍ୟକ୍ତିତ୍ୱ ଅଟେ। ତେଣୁ ନିଜର ଖାଦ୍ୟପେୟ ଠିକ୍ ରଖନ୍ତୁ ଏବଂ ବାହାରର ଜଙ୍କ୍ ଫୁଡ୍‌ରୁ ଦୂରେଇ ରୁହନ୍ତୁ। ଶରୀରର ଦୁର୍ବଳତାର ପ୍ରମୁଖ କାରଣ କେଉଁଠି ଆନୁବଂଶିକ ହୋଇଥିବାବେଳେ, କେଉଁଠି ବ୍ୟକ୍ତିଙ୍କ ପୁଷ୍ଟିକର ଭୋଜନ ଗ୍ରହଣ ନ କରିବା ହୋଇଥାଏ। ସନ୍ତୁଳିତ ଆହାର ଏହା ନିର୍ଦ୍ଧାରିତ କରିଥାଏ ଯେ ଆମ ଶରୀରର ଆବଶ୍ୟକତା ଅନୁଯାୟୀ କ୍ୟାଲୋରି ତାହାକୁ ମିଳୁ। ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍‌ସ ଆପଣଙ୍କ ଓଜନ ବଢ଼ାଇବା ସହିତ ଆପଣଙ୍କ ଶରୀରରେ ଜରୁରୀ ପୋଷକ ତତ୍ତ୍ୱର ଅଭାବକୁ ମଧ୍ୟ ଦୂର କରିଥାଏ। ଏହି କାରଣରୁ ଚେହେରାର କାନ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ଅତିରିକ୍ତ ଯଦି ଆପଣଙ୍କୁ ଅଧିକ ସୂଚନା ଆବଶ୍ୟକ ତେବେ **85568 09999** ନମ୍ବରରେ ଯୋଗାଯୋଗ କରିପାରନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ